# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୨/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, April 22/2026 | Page 14 | ₹ 7.00

୫୨ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 147 | ମୂଲ୍ୟ ₹୭/-




## ଅଲ୍‌କାରାଜଙ୍କୁ ଲୌରିଅସ୍ ପୁରସ୍କାର

ଲୌରିଅସ୍ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି ସ୍ପାନିଶ ଟେନିସ ଖେଳାଳି କାର୍ଲୋସ ଅଲ୍‌କାରାଜ।

୧୪

୦୨

## ଚର୍ଚ୍ଚାରେ ରିଦ୍ଧିମାଙ୍କ ଡେବ୍ୟୁ

ରଣବୀର କପୁରଙ୍କ ଭଉଣୀ ରିଦ୍ଧିମା କପୁର ସାହନୀଙ୍କ ପ୍ରଥମ ଫିଲ୍ମ 'ଦାଦି କି ଶାଦୀ'ର ଟ୍ରେଲର ରିଲିଜ ହୋଇଛି।





ଜମ୍ମୁ କଶ୍ମୀରର କିସ୍ତୱାରା ଜିଲା ଅନ୍ତର୍ଗତ ଡାକସୁନ-କିସ୍ତୱାର ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ କରିବା ପାଇଁ ମଙ୍ଗଳବାର ବରଫ ସଫା କରାଯାଉଛି। **(ଫଟୋ: ପିଟିଆଇ)**

# ବାଣ କାରଖାନାରେ ବିସ୍ଫୋରଣ, ୧୩ ମୃତ

ତ୍ରିଶୁର,୨୧।୪

କେରଳର ତ୍ରିଶୁର ନିକଟବର୍ତ୍ତୀ ମୁଣ୍ଡାଥିକୋଡ୍‌ସ୍ଥିତ ବାଣ କାରଖାନାରେ ମଙ୍ଗଳବାର ବିସ୍ଫୋରଣ ଘଟି ୧୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୪୦ ଜଣ ଆହତ ହୋଇଛନ୍ତି। ଆସନ୍ତା ୨୪ରେ ତ୍ରିଶୁରପୁରମ୍‌ର ଥିରୁଭାମ୍ବାଡି ଉତ୍ସବ ଓ ଆତଶବାଜି ପ୍ରତିଯୋଗିତା ପାଇଁ ମୁଣ୍ଡାଥିକୋଡ୍‌ର ୫ ଏକର ଜମିରେ ବାଣ ପ୍ରସ୍ତୁତି ଚାଲିଥିବାବେଳେ ବିସ୍ଫୋରଣ ଘଟିଛି। କାରଖାନାରେ ପାଖାପାଖି ୭୦ ଜଣ ଶ୍ରମିକ କାମ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଘର କୁଦାନୁର ଅଞ୍ଚଳରେ। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଆଖପାଖ ଅଞ୍ଚଳର ଲୋକେ ଏହାକୁ ଭୂକମ୍ପ ଆଶଙ୍କା କରିଥିଲେ। ବିସ୍ଫୋରଣ ପରେ ଉକ୍ତ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା।

ସୂତ୍ର ଅନୁଯାୟୀ, ବାଣ ତିଆରି ପାଇଁ ଉକ୍ତ କାରଖାନାରେ ପ୍ରାୟ ୨,୦୦୦ କେଜି ବିସ୍ଫୋରକ ସାମଗ୍ରୀ ରହିଥିଲା। ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚିଥିବାବେଳେ ଅଧିକ ବିସ୍ଫୋରଣ ଆଶଙ୍କାରେ ସେମାନେ ସତର୍କତାର ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ତଲାସି ଚଳାଇଛନ୍ତି। ତ୍ରିଶୁର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଅନ୍ୟୂନ ୧୦ ଜଣ ଆହତଙ୍କୁ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ କର୍ତ୍ତୃପକ୍ଷ ବ୍ୟବସ୍ଥା କରୁଛନ୍ତି। ସୂଚନାଯୋଗ୍ୟ, ତାମିଲନାଡୁର ବିରୁଦ୍ଧୁନଗର ଜିଲାରେ ଗତ ରବିବାର ଏକ ଘରୋଇ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୬ ଜଣଙ୍କ ମୃତ୍ୟୁ ଘଟିବା ସହ ଏକାଧିକ ଆହତ ହୋଇଥିଲେ।

# ଖରାଛୁଟିରେ ଛାତ୍ରୀଛାତ୍ରଙ୍କ ପାଇଁ ସମର ଲର୍ଣ୍ଣିଂ

## ଅଭିଭାବକଙ୍କ ହ୍ୱାଟ୍ସଆପ୍‌କୁ ପଠାଯିବ ପାଠ, ଭିଡିଓ

ଭୁବନେଶ୍ୱର,୨୧।୪(ସୁଚିସ୍ମିତା ସାହୁ)

ଖରାଛୁଟିରେ ଘରେ ରହି ପାଠ ପଢ଼ିବେ ଛାତ୍ରୀଛାତ୍ର। ପିଲାଙ୍କ ଶ୍ରେଣୀ ଅନୁଯାୟୀ ପାଠ ଏବଂ ଅଡିଓ ଭିଜୁଆଲ ପ୍ରଦାନ କରାଯିବ। ଖରାଛୁଟିରେ ଛାତ୍ରୀଛାତ୍ରମାନେ ପାଠପଢ଼ାରୁ ଯେପରି ଦୂରେଇ ନ ରହିବେ, ସେଥିପାଇଁ ରାଜ୍ୟ ସରକାର ନିଆରା ପଦକ୍ଷେପ ନେଇଛନ୍ତି। ଚଳିତବର୍ଷ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ 'ସମର ଲର୍ଣ୍ଣିଂ ପ୍ରୋଗ୍ରାମ ଫର୍ ଷ୍ଟୁଡେଣ୍ଟ୍ସ' କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମ ଜରିଆରେ ଶିଶୁଙ୍କୁ ମନୋରଞ୍ଜନ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବ।

ପ୍ରତ୍ୟେକ ବିଦ୍ୟାଳୟରେ ଶ୍ରେଣୀ ଅନୁଯାୟୀ ପିଲାଙ୍କ ଅଭିଭାବକଙ୍କ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲାଯିବ। ସପ୍ତାହକୁ ଏକକାଳୀନ କିମ୍ବା କେତୋଟି ପର୍ଯ୍ୟାୟରେ (ଶ୍ରେଣୀ ଅନୁଯାୟୀ) ପାଠ୍ୟ ବିଷୟବସ୍ତୁ, ଶିକ୍ଷଣୀୟ ଭିଡିଓ ଆଦି ସେହି ଗ୍ରୁପ୍‌ରେ ପଠାଯିବ। ଯେଉଁ ଅଭିଭାବକଙ୍କ ପାଖରେ ସ୍ମାର୍ଟଫୋନ ବା ହ୍ୱାଟ୍ସଆପ୍ ସୁବିଧା ନାହିଁ, ସେମାନଙ୍କ ପାଇଁ ସରକାର ବିକଳ୍ପ ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ଏସ୍ଏମ୍ଏସ୍ କିମ୍ବା ଆଇଭିଆର୍ଏସ୍ (ଅଟୋମେଟେଡ୍ ଭଏସ୍ କଲ) ମାଧ୍ୟମରେ ପାଠ୍ୟ ସୂଚନା ଦିଆଯିବ। ଏଥିସହ ଗ୍ରୀଷ୍ମ ଛୁଟିରେ ପ୍ରଧାନ ଶିକ୍ଷକ କିମ୍ବା ଶ୍ରେଣୀ ଶିକ୍ଷକଙ୍କ ସହ ଯୋଗାଯୋଗ କରି ପିଲାମାନେ ପ୍ରିଣ୍ଟେଡ ହଲିଡେ ହୋମୱାର୍କ ଶିଟ୍ ମଧ୍ୟ ନେଇପାରିବେ। ଏନେଇ ଓସେପାର ଅତିରିକ୍ତ ନିର୍ଦ୍ଦେଶିକା ଅମିତା ପଟ୍ଟନାୟକ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଏବଂ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠିଲେଖି ଆସନ୍ତା ☞ ପୃଷ୍ଠା-୪

# ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୨୧।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ରାଜ୍ୟ ମନ୍ତ୍ରିମଣ୍ଡଳର ୩୯ତମ ବୈଠକ ତଥା ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ଉକ୍ତ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ୯ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଏହି କ୍ୟାବିନେଟ୍ ବୈଠକରେ ରାଜସ୍ୱ,ବିଦ୍ୟାଳୟ ଓ ଗଣଶିକ୍ଷା, ନିର୍ମାଣ, ଅର୍ଥ ଭଳି କେତେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ଆସିବାକୁ ରହିଛି। ସେଥିମଧ୍ୟରେ ଅନେକ କିଛି ରାଜସ୍ୱ ସଂସ୍କାର ରହିଛି। ସୂଚନାଯୋଗ୍ୟ, ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅଭିବୃଦ୍ଧି ଅଙ୍କ**

# ସୁନ୍ଦରଗଡ଼ ସୌନ୍ଦର୍ଯ୍ୟ, ଆଧ୍ୟାତ୍ମିକତାର ମିଳନସ୍ଥଳୀ

**ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦିନିକିଆ ରାଉରକେଲା ଗସ୍ତ**

**୧୫୮ କୋଟି ଟଙ୍କାର ୪ ପ୍ରକଳ୍ପକୁ କଲେ ଲୋକାର୍ପଣ**

ରାଉରକେଲା,୨୧।୪(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲାର ଐତିହ୍ୟ ରହିଛି। ଏହା ଖଣ୍ଡାଧାର, ବେଦବ୍ୟାସ, ହନୁମାନ ବାଟିକା ଭଳି ଆଧ୍ୟାତ୍ମିକତାର ମିଳନସ୍ଥଳୀ। ଏହି ଜିଲାରେ ଆଦିବାସୀ ସଂସ୍କୃତିର ଗାରିମା ବୃଦ୍ଧି ହୋଇଛି। ସୁନ୍ଦରଗଡ଼ କେବଳ ସଂସ୍କୃତି ନୁହେଁ ବରଂ ସଂଗ୍ରାମର ଭୂମି। ଭାରତ ଇତିହାସରେ ଏହା ଅଭୁଲା ଐତିହ୍ୟ। ଆମ୍‌କୋ-ସିମ୍‌କୋରେ ବ୍ରିଟିଶ ସରକାରଙ୍କ ବର୍ବରୋଚିତ ନରସଂହାର ହୋଇଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଆଦିବାସୀ ଶହୀଦ ହୋଇଥିଲେ। ଏହା ବିରୋଧରେ ନିର୍ମଳ ମୁଣ୍ଡା ନେତୃତ୍ୱ ନେଇଥିଲେ। ଏଥିପାଇଁ ସେ ଅନ୍ୟ ବୀରମାନଙ୍କ ସହିତ ୮ବର୍ଷ ଜେଲଦଣ୍ଡ ଭୋଗିଥିଲେ। ଓଡ଼ିଶା କେବଳ ସଂସ୍କୃତି ଓ କଳାର ଭୂମି ନୁହେଁ ବରଂ ବୀର, ସଂଗ୍ରାମୀଙ୍କ ଭୂମି। ପାଇକ ମେଳି, କନ୍ଧ ମେଳି, ଭୂୟାଁ, ମୁଣ୍ଡା, ସାନ୍ତାଳୀ ବିଦ୍ରୋହ ୧୮୫୭ ଜନସଂଗ୍ରାମରେ ଓଡ଼ିଶାବାସୀଙ୍କ ଭୂମିକା ପ୍ରମୁଖ ରହିଛି। 'ଆଦି ପରବ ୨୦୨୬' ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଦିନିକିଆ ରାଉରକେଲା ଗସ୍ତରେ ଆସି ବିମାନବନ୍ଦର ନିକଟରେ ଆୟୋଜିତ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ଏଭଳି ମତବ୍ୟକ୍ତ କରିଛନ୍ତି।

ରାଷ୍ଟ୍ରପତି ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀରୁ ଆସି ପୂର୍ବାହ୍ନ ୧୦ଟା ୨୫ରେ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଉରକେଲା ବିମାନ ବନ୍ଦରକୁ ଆସିଥିଲେ। ଏହାପରେ ସେ ଦିନ ୧୨ଟା ୪୦ରେ ବିମାନ ବନ୍ଦର ନିକଟରେ ଆୟୋଜିତ ସଭାସ୍ଥଳକୁ ଯାଇଥିଲେ। ସେଠାରେ ପ୍ରାୟ ଅଢେଇ ହଜାର ଛାତ୍ରୀଛାତ୍ର ସାନ୍ତାଳୀ, କରମା, ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ କରି ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ ପ୍ରାୟ ୧୫୮ କୋଟି ଟଙ୍କାର ୪ଟି ବହୁପ୍ରତୀକ୍ଷିତ ପ୍ରକଳ୍ପ ଯଥା ୪୨.୪୪ କୋଟି ଟଙ୍କା ବ୍ୟୟରେ କୋଏଲନଦୀ କୂଳରେ ନିର୍ମିତ ନିର୍ମଳ ମୁଣ୍ଡା ପରିବେଶ ପଥ(ରିକ୍ରେଶନାଲ୍ ପାର୍କ), ୨୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଛେଣ୍ଡସ୍ଥିତ ବିଜ୍ଞାନ ପାର୍କ ଓ ପ୍ଲାନେଟାରିୟମ୍, ୪୮କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ଏବଂ ୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଦିବାସୀ ସଂଗ୍ରହାଳୟକୁ ରାଷ୍ଟ୍ରପତି ଆଭାସି ଜରିଆରେ ଲୋକାର୍ପଣ କରିଥିଲେ। ପରେ ସେ ଜନସଭାକୁ ଉଦ୍‌ବୋଧନ ଦେଇ ସୁନ୍ଦରଗଡ଼ ଜିଲାର ଐତିହ୍ୟ, ପରମ୍ପରା ତଥା ଆଧ୍ୟାତ୍ମିକତା ବର୍ଣ୍ଣନା କରିବା ସହ ହକିକୁ ସୁନ୍ଦରଗଡ଼ର ଅନ୍ୟତମ ଗର୍ବ ବୋଲି କହିଥିଲେ। ରାଷ୍ଟ୍ରପତି ଆହୁରି କହିଥିଲେ, ଦିଲ୍ଲୀପ ତିର୍କୀ, ଇଗ୍ନେସ ତିର୍କୀ, ପ୍ରବୋଧ ତିର୍କୀ, ଅମିତ ରୋହିଦାସ, ନମିତା ଟପ୍ପୋ ଭଳି ଅମୂଲ୍ୟରତ୍ନଙ୍କ ରତ୍ନଗର୍ଭା ଏହି ସୁନ୍ଦରଗଡ଼। ଏମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗୌରବ ହାସଲ କରିଛନ୍ତି। ରାଉରକେଲାରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ପାନପୋଷ ହକିଏକାଡେମୀ ଭଳି ବ୍ୟବସ୍ଥା ରହିଛି। ଯାହା ଆଗାମୀ ଦିନର ଖେଳାଳିଙ୍କୁ ପ୍ରସ୍ତୁତ କରୁଛି। ରାଉରକେଲାରେ ଆଜି ଉଦ୍‌ଘାଟିତ ପ୍ରକଳ୍ପ ଦ୍ୱାରା ଜିଲାବାସୀ ନିଶ୍ଚିତ ଉପକୃତ ହେବେ। ରାଉରକେଲା ଏକ କସ୍‌ମୋପଲିଟାନ୍ ସିଟି। ଏଠାରେ ବିବିଧତା ମଧ୍ୟରେ ଏକତା ରହିଛି ବୋଲି ରାଷ୍ଟ୍ରପତି ତାଙ୍କ ଭାଷଣରେ କହିଥିଲେ।



ଜନସମାବେଶକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେଉଛନ୍ତି।

ଜନସମାବେଶକୁ ସମ୍ବୋଧନ ପରେ ରାଷ୍ଟ୍ରପତି ଆଦିବାସୀ ସଂଗ୍ରହାଳୟ ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ଅଭିମୁଖେ ଯାତ୍ରା କରିଥିଲେ। ଅପରାହ୍ନ ୩ଟା ୫୫ରେ ରାଉରକେଲା ଏୟାରପୋର୍ଟରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ଜନଜାତି କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ତମାଖୁ ବର୍ଜନ କଲେ ୨୦.୫ ନିୟୁତ ପରିବାରରେ ଆସିପାରେ ଆର୍ଥିକ ସୁଧାର

ନୂଆଦିଲ୍ଲୀ,୨୧।୪(ପିଟି)



ତମାଖୁ ସେବନ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ କରାଯାଏ। ହେଲେ ଏହା ପରିବାରର ଆର୍ଥିକ ସ୍ଥିତିକୁ ମଧ୍ୟ ବିଶେଷ ପ୍ରଭାବିତ କରିଥାଏ। ଏକ ବିଶ୍ଳେଷଣରୁ ଜଣାପଡ଼ିଛି, ତମାଖୁ ବର୍ଜନ ଦ୍ୱାରା ଭାରତର ୧୧.୫ ପ୍ରତିଶତ ଅର୍ଥାତ୍ ୨୦.୫ ନିୟୁତ ପରିବାରରେ ଆର୍ଥିକ ସୁଧାର ଆସିପାରିବ। ଅର୍ଥାତ୍ ସେମାନଙ୍କ ଆର୍ଥିକ ସ୍ଥିତି ଉନ୍ନତ ହେବାରେ ସାହାଯ୍ୟ କରିପାରିବ। ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ଦାରିଦ୍ର୍ୟ ମଧ୍ୟରେ ରହୁଥିବା ପରିବାରରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିପାରିବ ବୋଲି ବ୍ରିଟିଶ୍ ମେଡିକାଲ ଜର୍ନାଲ(ବିଏମ୍‌ଜେ) ଗ୍ଲୋବାଲ ହେଲ୍‌ଥରେ ପ୍ରକାଶ ପାଇଛି।

ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ, ମୁମ୍ବାଇ ଏବଂ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)-ନୋଏଡାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୟାନ୍‌ସର ପ୍ରିଭେନ୍ସନ ଆଣ୍ଡ ରିସର୍ଚ୍ଚ (ଏନ୍ଆଇସିପିଆର୍)ର ଗବେଷକ କରିଥିବା ବିଶ୍ଳେଷଣରେ ତମାଖୁ ବନ୍ଦ ଦ୍ୱାରା ଏହାର ପ୍ରତ୍ୟକ୍ଷ ଲାଭ ମିଳିଥାଏ ବୋଲି ଜଣାପଡ଼ିଛି। ଏଥିସହିତ ତମାଖୁ ନିୟନ୍ତ୍ରଣ ପାଇଁ ଟିକସ ବୃଦ୍ଧି, ତମାଖୁ ବନ୍ଦ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଦାରିଦ୍ର୍ୟ ହ୍ରାସ କରିବାକୁ ଏକ ସମନ୍ୱିତ ପ୍ରଚେଷ୍ଟା ଜରୁରୀ। ତମାଖୁ ଛାଡ଼ିବା ଫଳରେ ୭ ନିୟୁତ ମଧ୍ୟମ ଆୟକାରୀ ପରିବାର ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

ତମାଖୁ ସମ୍ବନ୍ଧୀୟ ରୋଗର ଚିକିତ୍ସା ଏବଂ ପରବର୍ତ୍ତୀ ସମୟରେ ଅସୁସ୍ଥତା ଏବଂ ଅକାଳ ମୃତ୍ୟୁ ହେତୁ ଆୟ ହରାଇବା ଦ୍ୱାରା ପ୍ରତିବର୍ଷ ଏକ ଟ୍ରିଲିୟନ ଆମେରିକୀୟ ଡଲାରରୁ ଅଧିକ ବିଶ୍ୱ ☞ ପୃଷ୍ଠା-୪

# ଡଲାର ତୁଳନାରେ ପୁଣି ୩୨ ପଇସା ଖସିଲା ଟଙ୍କା

ନୂଆଦିଲ୍ଲୀ,୨୧।୪

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ପୁଣି ଅବମୂଲ୍ୟାୟନ ଘଟିଛି। ମଙ୍ଗଳବାର ବୈଦେଶିକ ମୁଦ୍ରା ଆନ୍ତଃବ୍ୟାଙ୍କିଙ୍ଗ କାରବାର ଶେଷ ସୁଦ୍ଧା ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୩୨ ପଇସା ହ୍ରାସ ଘଟିବା ସହ ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୩.୪୮ ରହିଛି। ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ବୈଶ୍ୱିକ ସ୍ଥିତି ବେଳକୁ ବେଳ ଜଟିଳ ହେବାରେ ଲାଗିଥିଲାବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟକୁ ଅସ୍ଥିରତା ଲାଗି ରହିଥିବାରୁ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି। ସେପଟେ ଶେୟାର ବଜାରରୁ ବିପୁଳ ପୁଞ୍ଜି ପ୍ରତ୍ୟାହାର ମଧ୍ୟ ଟଙ୍କାର ଅବମୂଲ୍ୟାୟନ କାରଣ ହୋଇଛି।




## ଦିଲ୍ଲୀରେ ଆଜି




ଅଷ୍ଟାଦଶ ସିଭିଲ ସର୍ଭିସ ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଅନୁଷ୍ଠିତ ଉତ୍ସବରେ ବାମରୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ଏବଂ ପି.କେ. ମିଶ୍ର, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ପ୍ରମୁଖ ଯୋଗ ଦେଇଛନ୍ତି। (ଫଟୋ: ଚମନ ଗୌତମ)

# ମଣିପୁର ବନ୍ଦ ବେଳେ ନାଗା, କୁକିଙ୍କ ମଧ୍ୟରେ ସଂଘର୍ଷ

**ଇମ୍ଫାଲ,୨୧।୪**

ୟୁନାଇଟେଡ୍ ନାଗା କାଉନ୍ସିଲ ଡାକରାରେ ସେନାପତି ଓ ଏହାକୁ ଲାଗିଥିବା କାଙ୍ଗପୋକ୍ପି ଜିଲା ସୀମାରେ ବନ୍ଦ ପାଳନ କରାଯାଉଥିବାବେଳେ ସ୍ଥାନୀୟ ପୋଲିସ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ କଲାବେଳେ ୨ ଆଦିବାସୀ ସମ୍ପ୍ରଦାୟ ନାଗା ଓ କୁକି ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଗତ ୧୮ରେ ଉଖ୍ରୁଲ୍ ଜିଲାରେ ୨ ଜଣଙ୍କୁ ହତ୍ୟା ପ୍ରତିବାଦରେ ନାଗା ସ୍ୱେଚ୍ଛାସେବୀମାନେ ୩ଦିନିଆ ବନ୍ଦ ପାଳନ ସ୍ୱରୂପ ରାସ୍ତା ଅବରୋଧ କରିଥିଲେ। ଏଥିରେ ଚାଙ୍ଗୌବୁଙ୍ଗ୍ କୁକି ଗ୍ରାମବାସୀ ସାମିଲହେବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇ ଉଭୟ ପକ୍ଷ ମଧ୍ୟରେ ଟେକାମାଡ଼ ହୋଇଥିଲା। ଉତ୍ତେଜନାବେଳେ ୨ ରାଉଣ୍ଡ ଗୁଳିଚାଳନା ହୋଇଥିବାବେଳେ କିଏ ଗୁଳି ଚଳାଇଛନ୍ତି, ତାହା ଜଣାପଡ଼ି ନ ଥିବା ଜଣେ ଅଧିକାରୀ କହିଛନ୍ତି। ୨୦ ତାରିଖ ମଧ୍ୟରାତ୍ରର ମଣିପୁରର ବିଭିନ୍ନ ଜିଲାରେ ବନ୍ଦ ପାଳନ ଜାରି ରହିଛି।

# ଆଇଏସ୍ଆଇ ସହ ସମ୍ପୃକ୍ତ ୨ ଗିରଫ

### ଦିଲ୍ଲୀରେ ଗ୍ରେନେଡ ଆକ୍ରମଣ ଯୋଜନା କରିଥିଲେ

**ନୂଆଦିଲ୍ଲୀ,୨୧।୪**

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ପ୍ରତିନିଧି ଶାହଜାଦ ଭଟ୍ଟିଙ୍କ ସହ ଯୋଗାଯୋଗରେ ଥିବା ୨ ଜଣ ସଦସ୍ୟଙ୍କୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ମଙ୍ଗଳବାର ଗିରଫ କରିଛି। ଦିଲ୍ଲୀ-ଏନ୍ସିଆର୍ ଅଞ୍ଚଳରେ ଟାର୍ଗେଟେଡ୍ କିଲିଂ ଏବଂ ଗ୍ରେନେଡ୍ ଆକ୍ରମଣ କରିବା ପାଇଁ ସେମାନେ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ। ଗିରଫ ସଦସ୍ୟ ହେଲେ ମଧ୍ୟପ୍ରଦେଶ ଗ୍ୱାଲିଅରର ରାଜବୀର(୨୧) ଏବଂ ବିବେକ ବଞ୍ଜାରା(୧୯)। ଉକ୍ତ ନେଟ୍ୱର୍କ ଏବଂ ଏହା ସହ ଲିଙ୍କ୍କୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଭଟ୍ଟି ଓ ଅନ୍ୟମାନେ ଏନ୍ସିଆର୍ ଅଞ୍ଚଳରେ ଗ୍ରେନେଡ୍ ଆକ୍ରମଣ ଯୋଜନା କରିଥିବାର ନିର୍ଦ୍ଦିଷ୍ଟ ଗୋଇନ୍ଦା ସୂଚନା ଆଧାରରେ ସ୍ପେଶାଲ ସେଲ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

**କୋଲକାତା/ଚେନ୍ନାଇ,୨୧।୪**

ପଶ୍ଚିମବଙ୍ଗରେ ୨୩ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ମଙ୍ଗଳବାର ସନ୍ଧ୍ୟା ୬ଟାରେ ପ୍ରଚାର ଶେଷ ହୋଇଥିବାବେଳେ ତାମିଲନାଡୁ ନିର୍ବାଚନ ପାଇଁ ମଧ୍ୟ ପ୍ରଚାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଉତ୍ତର ଏବଂ ଦକ୍ଷିଣ ପଶ୍ଚିମବଙ୍ଗର ୧୫୨ଟି ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୩.୬୦ କୋଟି ଯୋଗ୍ୟ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ସେଥିରୁ ୧.୮୪ କୋଟି ପୁରୁଷ, ୧.୭୫ କୋଟି ମହିଳା ଏବଂ ୪୬୫ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ରେକର୍ଡ ୨,୪୫୦ କମ୍ପାନୀ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ (ପାଖାପାଖି ୨.୫ ଲକ୍ଷ ଯବାନ)ଙ୍କୁ ମୁତୟନ କରାଯାଇଥିବାରୁ ଶାସକ ଟିଏମ୍ସି ଓ ଅନ୍ୟ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ମାଲଦା, ମୁର୍ଶିଦାବାଦ, ଉତ୍ତର ଦିନାଜପୁର, କୁଚ୍ବିହାର, ବୀରଭୂମ ଓ ବର୍ଦ୍ଧମାନ ଭଳି କେତେକ ଜିଲା ଆଂଶିକ ସମ୍ବେଦନଶୀଳ ହୋଇଥିବାବେଳେ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଶୁଭେନ୍ଦୁ ଅଧିକାରୀ (ଭାଜପା), ନିଶିଥ ପ୍ରାମାଣିକ(ଭାଜପା), ଉଦୟନ ଗୁହା(ଟିଏମ୍ସି), ଗୌତମ ଦେବ (ଟିଏମ୍ସି) ଏବଂ ଅଧୀର ରଞ୍ଜନ ଚୌଧୁରୀ (କଂଗ୍ରେସ) ରହିଛନ୍ତି। ଭାଜପା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନେକ ନେତା ଜୋର୍ଦାର ପ୍ରଚାର ଚଳାଇଥିଲେ। ସେହିପରି ଟିଏମ୍ସି ସୁପ୍ରିମୋ ମମତା ବାନାର୍ଜୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଥିଲେ।



ବାରାକପୋରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଟିଏମ୍ସି ପ୍ରାର୍ଥୀ ରାଜୁ ଚକ୍ରବର୍ତ୍ତୀଙ୍କ ପାଇଁ ପ୍ରଚାର କରୁଛନ୍ତି।

### ତାମିଲନାଡୁରେ ପ୍ରଚାର ସରିଲା

ତାମିଲନାଡୁରେ ୨୩ ତାରିଖରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେଉଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରକୁ ଜୋର୍ଦାର କରିଥିଲେ। ଟିଏମ୍ସି କ୍ଷମତା ବଜାୟ ରଖିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏଆଇଏଡିଏମ୍କେ ସହଯୋଗୀ ଦଳମାନଙ୍କ ସହ ଏକାଠି ଲଢ଼ି କ୍ଷମତାକୁ ଫେରିବା ନେଇ ଆଶାୟୀ ରହିଛି। ଏଆଇଏଡିଏମ୍କେ ସାଧାରଣ ସମ୍ପାଦକ ଇ.କେ. ପାଲାନିସ୍ୱାମୀ ଏଡିଏ ତରଫରୁ ପ୍ରଚାରର ନେତୃତ୍ୱ ନେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି, ଶାହା, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟାନ୍ୟ ନେତୃବୃନ୍ଦ ସେମାନଙ୍କ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

# ଜର୍ମାନୀ ଗୁରୁଦ୍ୱାରାରେ ଗୋଷ୍ଠୀ ସଂଘର୍ଷ

**ଲଣ୍ଡନ,୨୧।୪**

ଜର୍ମାନୀର ମୋଏର୍ସ ସହରରେ ଥିବା ଏକ ଗୁରୁଦ୍ୱାରାରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୪ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ବ୍ୟାପକ ସୁରକ୍ଷା ବଳ ମୁତୟନ କରାଯାଇଛି। ସ୍ଥାନୀୟ ସମୟ ରବିବାର ଅପରାହ୍ଣ ୨ଟା ୨୦ ମିନିଟ୍ ସମୟରେ ଶିଖ୍ କମ୍ୟୁନିଟି ସେଣ୍ଟରରେ ପ୍ରାର୍ଥନା ଚାଲିଥିବାବେଳେ ବଚସାରୁ ଉପସ୍ଥିତ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା ବୋଲି ପୋଲିସ କହିଛି। ଗୁଳି ଶବ୍ଦ ଶୁଣାଯିବା ପରେ ପୋଲିସକୁ ଡକାଯାଇଥିଲା। ଏକ ପୋଲିସ ହେଲିକପ୍ଟରକୁ ମଧ୍ୟ ସେହି ସମୟରେ ନିୟୋଜିତ କରାଯାଇଥିଲା। ତେବେ କ'ଣ ପାଇଁ ବଚସା ହେଲା ତାହା ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ଘଟଣାର ତଦନ୍ତ ଜାରି ରହିଛି।

# ୮୫% ଇଥାନଲ ମିଶା ଇନ୍ଧନରେ ଚାଲିବ କାର୍

### ଚିଠା ନିୟମାବଳୀ ଖୁବ୍ଶୀଘ୍ର

**ନୂଆଦିଲ୍ଲୀ,୨୧।୪**

ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା ସହ ପ୍ରଦୂଷଣ କମାଇବା ପାଇଁ ଗତ ଏପ୍ରିଲ ୧ରୁ ଭାରତରେ ଇ୨୦ ପେଟ୍ରୋଲ (୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ପେଟ୍ରୋଲର ମିଶ୍ରଣ) ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଛି। ଏବେ ୮୫% ଇଥାନଲ ଓ ୧୫% ପେଟ୍ରୋଲ ମିଶ୍ରିତ ଇ୮୫ ଇନ୍ଧନରେ କାର୍ ଚଳାଇବା ପାଇଁ କେନ୍ଦ୍ର ସରକାର ଖୁବ୍ଶୀଘ୍ର ଚିଠା ନିୟମାବଳୀ ଜାରି କରିବା ନିମନ୍ତେ ଯୋଜନା କରିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ତୈଳ ସଙ୍କଟ ଦେଖାଦେଇଥିବାବେଳେ ଏହାର ସମାଧାନ ପାଇଁ ଇ୮୫ ବା ଫ୍ଲେକ୍ସ ଇନ୍ଧନ ଯୋଜନା ୨ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ଗାଡ଼ି ଇଞ୍ଜିନ୍ରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପଡ଼ିବ। ପେଟ୍ରୋଲ ତୁଳନାରେ ଅଧିକ ଇଥାନଲ ଥିବା ଇନ୍ଧନ ପ୍ରଦୂଷଣ କମାଇବା ସହ ଗାଡ଼ିର ମାଇଲେଜ ବା ଇନ୍ଧନ କ୍ଷମତା କମ୍ କରିଦେବ।

# ୨୩% ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୨୧।୪**

### ପଶ୍ଚିମବଙ୍ଗ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

### ୨୨% କୋଟିପତି

ଆଗାମୀ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୩ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଛନ୍ତି। ସେହିପରି ୨୨ ପ୍ରତିଶତ ପ୍ରାର୍ଥୀଙ୍କ ସମ୍ପତ୍ତି ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ରିପୋର୍ଟରୁ ଜଣାପଡ଼ିଛି।

ଦ୍ୱିତୀୟ ପର୍ଯ୍ୟାୟରେ ଲଢୁଥିବା ୧,୪୪୫ ପ୍ରାର୍ଥୀଙ୍କ ମଧ୍ୟରେ ୩୩୮ ଜଣ (୨୩%)ଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ୨୯୫ ଜଣ (୨୦%)ଙ୍କ ନାମରେ ଗୁରୁତର ଅପରାଧ ମାମଲା ରହିଛି। ୧୬ ପ୍ରାର୍ଥୀଙ୍କ ନାମରେ ହତ୍ୟା ମାମଲା ଏବଂ ୮୦ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା ରହିଛି। ଭାଜପାର ୧୦୨ (୭୨%) ପ୍ରାର୍ଥୀ, ଟିଏମ୍ସିର ୪୯(୩୫%), ସିପିଆଇ(ଏମ୍)ର ୫୧ (୫୧%) ଏବଂ କଂଗ୍ରେସର ୩୭ ଜଣ (୨୬%)ଙ୍କ ବିରୋଧରେ ଅପରାଧ ମାମଲା ରହିଛି। ସେହିପରି ୧,୪୪୫ ପ୍ରାର୍ଥୀଙ୍କ ମଧ୍ୟରୁ ୩୨୧ ଜଣ (୨୨%)ଙ୍କ ହାରାହାରି ସମ୍ପତ୍ତି ପରିମାଣ ୧ କୋଟି ଟଙ୍କାରୁ ଅଧିକ। ଟିଏମ୍ସିର ୧୦୩ ଜଣ (୭୩%) କୋଟିପତି ହୋଇଥିବାବେଳେ ଭାଜପାର ୭୩ ଜଣ (୫୨%), କଂଗ୍ରେସର ୩୬ ଜଣ (୨୫%) ଏବଂ ସିପିଆଇ(ଏମ୍)ର ୩୩ ଜଣ (୩୩%)ଙ୍କ ସମ୍ପତ୍ତି ପରିମାଣ ୧ କୋଟିରୁ ଅଧିକ।

# ମୋଦିଙ୍କୁ ଆତଙ୍କବାଦୀ କହି ପରେ ସଫେଇ ଦେଲେ ଖାର୍ଗେ

**ଚେନ୍ନାଇ,୨୧।୪**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣେ ଆତଙ୍କବାଦୀ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ସରକାରୀ କଳ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରି ଜନସାଧାରଣ ଏବଂ ରାଜନୈତିକ ଦଳଗୁଡ଼ିକୁ ଆତଙ୍କିତ କରି ରଖିଥିବା ସେ ପରେ ସଫେଇ ଦେଇଥିଲେ।

ଚେନ୍ନାଇରେ ଖବରଦାତା ସମ୍ମିଳନୀରେ ଉଦ୍ବୋଧନ ଦେଇ ଖାର୍ଗେ କହିଥିଲେ, ଭାଜପା ସହ ଏଆଇଏଡିଏମ୍କେ ମେଣ୍ଟ କରିଥିବାରୁ ଖାର୍ଗେ ଏହାର ସମାଲୋଚନା କରିବା ସହ ପ୍ରଥମେ ଆତଙ୍କବାଦୀ ଶବ୍ଦ ବ୍ୟବହାର କରିଥିଲେ। ପରେ ସେ ସ୍ପଷ୍ଟ କରିଥିଲେ ଯେ, ଏହି ଶବ୍ଦକୁ ସାଧାରଣ ଅର୍ଥରେ ବ୍ୟବହାର କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ତେବେ ପ୍ରଧାନମନ୍ତ୍ରୀ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆତଙ୍କିତ କରୁଥିବା ସେ କହିଥିଲେ। ନିର୍ବାଚନ କମିଶନ ଭଳି ପ୍ରତିଷ୍ଠାନଗୁଡ଼ିକ ଭାଜପାର ବର୍ଦ୍ଧିତ କାର୍ଯ୍ୟାଳୟ ଭଳି କାର୍ଯ୍ୟ କରୁଛନ୍ତି।



ମଲ୍ଲିକାର୍ଜୁନ ଖାର୍ଗେ

ସେହିପରି ରାଜନୈତିକ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ସିବିଆଇ, ଇଡି ଏବଂ ଆୟକର ବିଭାଗ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ବ୍ୟବହାର କରାଯାଉଥିବା ଖାର୍ଗେ କହିଛନ୍ତି। ମହିଳା ସଂରକ୍ଷଣ ବିଲ୍ ୨୦୨୩ରେ ସର୍ବସମ୍ମତକ୍ରମେ ଗୃହୀତ ହୋଇଥିବାବେଳେ କେନ୍ଦ୍ର ସରକାର ଏହା ଉପରେ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆଣି ଲୋକଙ୍କୁ ବିଭ୍ରାନ୍ତ କରାଇଛନ୍ତି। ଯଦି ସରକାରଙ୍କର ଆନ୍ତରିକତା ରହିଛି, ତେବେ ବର୍ତ୍ତମାନର ୫୪୩ ଲୋକ ସଭା ଆସନ ମଧ୍ୟରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିପାରିବେ। ତେବେ ବିଳମ୍ବ କରୁଛନ୍ତି କ'ଣ ପାଇଁ ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

**ନୂଆଦିଲ୍ଲୀ,୨୧।୪(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଏକ ସ୍ୱାଧିକାର ଭଙ୍ଗ ନୋଟିସ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଦେଇଛନ୍ତି। ମହିଳା ସଂରକ୍ଷଣ ଆଇନ ୨୦୨୯ରେ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ଲୋକ ସଭାରେ ଖାରଜ ହେବା ପରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରକୁ ଉଦ୍ବୋଧନ ଦେଇ ବିରୋଧୀ ଦଳର ଏମ୍ପିମାନଙ୍କୁ ଦୋଷାରୋପ କରିଥିଲେ। ସଦସ୍ୟମାନଙ୍କ ଭୋଟଦେବା ଶୈଳୀକୁ ନେଇ ସେମାନଙ୍କ ଉଦ୍ଦେଶ୍ୟ ଉପରେ ସନ୍ଦେହ କରିବା କିମ୍ବା ମିଥ୍ୟା ଆରୋପ ଲଗାଇବା ଗୃହର ସ୍ୱାଧିକାର ଭଙ୍ଗ ଓ ଅବମାନନା ବୋଲି ବେଣୁଗୋପାଳ ଅଭିଯୋଗ କରିବା ସହ ଉକ୍ତ ପ୍ରସଙ୍ଗକୁ ଲୋକ ସଭାର ସ୍ୱାଧିକାର କମିଟିକୁ ପଠାଇବା ପାଇଁ ବାଚସ୍ପତିଙ୍କୁ ନିବେଦନ କରିଛନ୍ତି।

# ପ୍ରେମିକଙ୍କୁ କାର୍‌ରେ ବାନ୍ଧି ଜାଳିଦେଲେ ମହିଳା

**ବେଙ୍ଗାଲୁରୁ,୨୧।୪**

ବେଙ୍ଗାଲୁରୁର ଜଣେ ମହିଳା ମଙ୍ଗଳବାର ଅପରାହ୍ଣ ୨ଟାରେ ତାଙ୍କ ଅଞ୍ଜନନଗରସ୍ଥିତ ବାସଭବନ ଭିତରେ ୨୭ବର୍ଷୀୟ ପ୍ରେମିକଙ୍କୁ କାର୍‌ରେ ବାନ୍ଧି ଜିଅନ୍ତା ଜାଳିଦେଇଛନ୍ତି। ଉଭୟ ରିଲେଶନଶିପ୍‌ରେ ଥିଲେ। ତେବେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି।

ପ୍ରେମ ନାମ୍ନୀ ଉକ୍ତ ମହିଳାଙ୍କ ଘରେ ଅନ୍ୟ କେହି ନ ଥିବାବେଳେ କିରନ ନାମକ ପ୍ରେମିକ ସେଠାକୁ ଯାଇଥିଲେ। ପ୍ରେମ ତାଙ୍କୁ ଏକ ପାଶ୍ଚାତ୍ୟ ଶୈଳୀରେ ପ୍ରପୋଜ୍ କରିବାକୁ କହି ଘରକୁ ଡାକିଥିଲେ। କିରନ ପହଞ୍ଚିବା ପରେ ପ୍ରେମ ଏକ ଦଉଡ଼ିରେ ତାଙ୍କ ହାତଗୋଡ଼ ବାନ୍ଧିଦେବା ସହ ଆଖିରେ ଅନ୍ଧପୁଟୁଳି ବାନ୍ଧିଦେଇଥିଲେ। ଏହା ପ୍ରପୋଜ କରିବାର ଅଂଶବିଶେଷ ବୋଲି ପ୍ରେମ କହିଥିଲେ। ପରେ ପ୍ରେମ କିରନଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି।

# ବିବାହ ଭୋଜି ଖାଇ ୪୦୦ ଅସୁସ୍ଥ

**ଅହମଦାବାଦ,୨୧।୪**

ଗୁଜରାଟର ଦାହୋଡ ଜିଲାରେ ଏକ ବିବାହ ଉତ୍ସବ ଭୋଜି ଖାଇ ୪୦୦ରୁ ଉର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇପଡ଼ିଛନ୍ତି। ଖାଦ୍ୟ ବିଷାକ୍ତୀକରଣ ହୋଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ବିବାହ ଭୋଜିରେ ପାଖାପାଖି ୧,୦୦୦ ଅତିଥି ଯୋଗ ଦେଇଥିଲେ। ଭୋଜିରେ ଭାତ, ଡାଲି, ଭେଜିଟେବଲ ପୁରି, ପାମ୍ପଡ଼, ପନିର ସବ୍ଜି, ମ୍ୟାଙ୍ଗୋ ଜୁସ୍ ଆଦି ପରଷାଯାଇଥିଲା। ଏହାର କିଛି ଘଣ୍ଟା ପରେ ଅତିଥିମାନେ ପେଟ ଯନ୍ତ୍ରଣା ଅନୁଭବ କରିବା ସହ ବାନ୍ତି କରିଥିଲେ। ଝାଡ଼ାବାନ୍ତିରେ ଆକ୍ରାନ୍ତ ଅତିଥିମାନଙ୍କୁ ହସ୍ପିଟାଲ ନିଆଯାଇଥିଲା। ବିଭିନ୍ନ ହସ୍ପିଟାଲରେ ୨୩୨ ଜଣଙ୍କୁ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୧୩୭ ଜଣ ଭଲ ହୋଇ ଘରକୁ ଫେରିଥିବାବେଳେ ୮୫ ଜଣଙ୍କୁ ଅବଜରଭେଶନରେ ରଖାଯାଇଛି।

# ସବୁଠୁ ଉତ୍ତପ୍ତ ୨୦ ସହର ମଧ୍ୟରୁ ୧୯ ଭାରତରେ

**ନୂଆଦିଲ୍ଲୀ,୨୧।୪**

ଭାରତ ଏବେ ବିଶ୍ୱ ଉତ୍ତାପ ବୃଦ୍ଧିର କେନ୍ଦ୍ରସ୍ଥଳ ପାଲଟିଛି। ବିଶ୍ୱର ୨୦ଟି ସବୁଠୁ ଉତ୍ତପ୍ତ ସହର ମଧ୍ୟରୁ ୧୯ଟି ଭାରତରେ ରହିଥିବା ଏକ୍ୟୁଆଇ ପକ୍ଷରୁ ଜାରି ତଥ୍ୟରୁ ଜଣାପଡ଼ିଛି। ଏପ୍ରିଲ ୨୪ ପର୍ଯ୍ୟନ୍ତ ଗ୍ରୀଷ୍ମଲହର ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ସର୍ବାଧିକ ତାପମାତ୍ରା ଆହୁରି ବଢ଼ି ୪୩ ଡିଗ୍ରୀ ସେଲ୍ସିୟସ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରେ ସର୍ବାଧିକ ଉତ୍ତପ୍ତ ସହର ରହିଛି। ଓଡ଼ିଶାର ତାଳଚେର, ବିହାରର ଭାଗଲପୁର ଏବଂ ପଶ୍ଚିମବଙ୍ଗର ଆସାନସୋଲ୍‌ରେ ତାପମାତ୍ରା ୪୪ ଡିଗ୍ରୀ ସେଲ୍ସିୟସ୍‌ରେ ପହଞ୍ଚିଛି। ଏହା ପଛକୁ ବିହାରର ବେଗୁସରାଇ, ମୋତିହାରି, ମୁଙ୍ଗେର୍, ଭୋଜପୁର ଏବଂ ସିୱାନ୍, ଉତ୍ତରପ୍ରଦେଶର ପୂର୍ବ ଭାଗ ଓ ପଶ୍ଚିମବଙ୍ଗର କେତେକ ସହରରେ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ୨୦ ଉତ୍ତପ୍ତ ସହର ମଧ୍ୟରେ କେବଳ ନେପାଳର ଲୁମ୍ବିନୀ ଅଣଭାରତୀୟ ସହର।



ବିଭିନ୍ନ କାରଣରୁ ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଇଥିବା ପାଣିପାଗ ବିଭାଗ କହିଛି। ସେଗୁଡ଼ିକ ହେଲା ଏପ୍ରିଲରେ ସ୍ଥଳଭାଗ ରୌଦ୍ରତାପ ବୃଦ୍ଧି ଏବଂ ଉତ୍ତର ଓ କେନ୍ଦ୍ରୀୟ ଭାରତରେ ଆକାଶ ସ୍ୱଚ୍ଛ ଥିବାରୁ ଅବାଧ ସୌର ବିକିରଣ ତାପମାତ୍ରାକୁ ଅଧିକ ବଢ଼ାଉଛି। ୟୁରାସିଆ ଏବଂ ହିମାଳୟ ଅଞ୍ଚଳରେ ଶୀତଦିନିଆ ତୁଷାର ହ୍ରାସ ମଧ୍ୟ ଉତ୍ତାପ ବୃଦ୍ଧିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ତୁଷାର କମିବା ଅର୍ଥ ଅଧିକ ସୂର୍ଯ୍ୟକିରଣ ଶୂନ୍ୟକୁ ପ୍ରତିଫଳିତ ହେବା, ଯାହା ଭାରତୀୟ ଉପମହାଦେଶରେ ତାପମାତ୍ରା ବଢ଼ାଇବାରେ ସହାୟକ ହେଉଛି। ଏହା ଚଳିତ ବର୍ଷ ଗ୍ରୀଷ୍ମପ୍ରବାହ ଆରମ୍ଭ ସମୟକୁ ଶୀଘ୍ର କରିବା ସହ ତୀବ୍ରତା ବଢ଼ାଇ ଦେଇଛି। ଏହା ବ୍ୟତୀତ ସାମୁଦ୍ରିକ ଢାଞ୍ଚାରେ ପରିବର୍ତ୍ତନ ମଧ୍ୟ ତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ। ପ୍ରଶାନ୍ତ ମହାସାଗର ଉପରିଭାଗ ତାପମାତ୍ରା ବଢ଼ିବା ସହ ଇଏନ୍ଏସ୍ଓ-ନ୍ୟୁଟ୍ରାଲ ଅବସ୍ଥା ଆଡ଼କୁ ପରିବର୍ତ୍ତନ ବାୟୁମଣ୍ଡଳୀୟ ପ୍ରବାହକୁ ପ୍ରଭାବିତ କରୁଛି। ଏହା ଶୀତଳୀକରଣ ବ୍ୟବସ୍ଥାକୁ ଦୁର୍ବଳ କରିଦେଉଥିବାରୁ ବ୍ୟାପକ ସ୍ଥଳଭାଗରେ ଉତ୍ତାପ ବୃଦ୍ଧି ଘଟୁଥିବା ରିପୋର୍ଟରେ କୁହାଯାଇଛି।

# ଚର୍ଚ୍ଚାରେ ରିଦ୍ଧିମାଙ୍କ ଡେବ୍ୟୁ

**ମୁମ୍ବାଇ**

ଫ୍ୟାଶନ ଡିଜାଇନିଂ ଦୁନିଆରୁ ବାହାରି ଅଭିନୟ ଜଗତରେ ପାଦ ଥାପିଛନ୍ତି ରଣବୀର କପୁରଙ୍କ ଭଉଣୀ ରିଦ୍ଧିମା କପୁର ସାହନୀ । ତାଙ୍କର ପ୍ରଥମ ଫିଲ୍ମ 'ଦାଦି କି ଶାଦୀ'ର ଟ୍ରେଲର ଆଜି ରିଲିଜ ହୋଇଛି, ଯାହା ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମ ମାଧ୍ୟମରେ ରଣବୀର କପୁରଙ୍କ ଭଉଣୀ ରିଦ୍ଧିମା ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ଫ୍ୟାମିଲି ଡ୍ରାମାରେ ତାଙ୍କ ସହ ମା' ନୀତୁ କପୁର ଏବଂ କମେଡି କିଙ୍ଗ କପିଲ ଶର୍ମା ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଆଶିଷ ଆର୍. ମୋହନଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ କପିଲ ଶର୍ମା 'ଟୋନି' ନାମକ ଏକ ଚରିତ୍ରରେ ଅଭିନୟ କରୁଛନ୍ତି। ଟ୍ରେଲରରୁ ଜଣାପଡୁଛି ଯେ, ଟୋନି ଏବଂ ସାଦିଆ ଖତିବଙ୍କ ବିବାହ ସ୍ଥିର ହୋଇଛି। କିନ୍ତୁ ଏହି ସମୟରେ ଏକ ବଡ଼ ଟୁଇଷ୍ଟ ଆସୁଛି। ସାଦିଆଙ୍କ ମା' (ନୀତୁ କପୁର) ପୁଣିଥରେ ବିବାହ କରିବାକୁ ନିଷ୍ପତ୍ତି ନେଉଛନ୍ତି। ଟୋନିଙ୍କ ଜେଜେବାପା ସର୍ତ୍ତ ରଖୁଛନ୍ତି ଯେ ଯଦି ସାଦିଆଙ୍କ ମା' ବିବାହ କରନ୍ତି, ତେବେ ଟୋନିଙ୍କ ବିବାହ ହୋଇପାରିବ ନାହିଁ। ଏହାପରେ କପିଲ କିଭଳି ଭାବରେ ଏହି ସମସ୍ୟାର ସମାଧାନ କରୁଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ଗତିଶୀଳ। ଫିଲ୍ମରେ ନୀତୁ ଏକ ନିର୍ଭୀକ ଏବଂ ମଡର୍ଣ୍ଣ 'ଦାଦି' ଭୂମିକାରେ ଅଛନ୍ତି, ଯିଏ ନିଜ ଜୀବନ ନିଜ ଢଙ୍ଗରେ ବଞ୍ଚିବାକୁ ଚାହାଁନ୍ତି। ଅନ୍ୟପଟେ ରିଦ୍ଧିମା, ନୀତୁଙ୍କ ଝିଅ ଭୂମିକାରେ ଅଭିନୟ କରୁଛନ୍ତି। ଆସନ୍ତା ମାସ ୮ ତାରିଖରେ ଏହି ଫିଲ୍ମ ସିନେମାଘରକୁ ଆସିବ।



ରିଦ୍ଧିମା କପୁର ସାହନୀ



ପୁରୀ ଶ୍ରୀନଅର ସମ୍ମୁଖ ରଥଖଳାରେ ମଙ୍ଗଳବାର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚକର ତୁମ୍ବ ନିର୍ମାଣ ପାଇଁ କରତି ସେବକମାନେ କାଠ ଚିରଟ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ରାଜ୍ୟରେ ୧୮ ଶିଳ୍ପ ପାଇଁ ୩,୮୭୭ କୋଟିର ନିବେଶ

## ୧୧ ଜିଲାରେ ୭,୫୬୫ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୨୧।୪
(ଅନୁରାଧା ମହାରଣା)

ଓଡ଼ିଶାକୁ ଏକ ବଡ଼ ଶିଳ୍ପଭିତ୍ତିକ ରାଜ୍ୟ କରିବା ପାଇଁ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମଙ୍ଗଳବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର୧୪୬ତମ ବୈଠକରେ ୧୮ଟି ନୂଆ ଶିଳ୍ପ ପ୍ରକଳ୍ପକୁ ଅନୁମତି ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ମୋଟ ୩,୮୭୭.୧୪ କୋଟି ଟଙ୍କା ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟର ୧୧ଟି ଜିଲାରେ ୭,୫୬୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ବାଲେଶ୍ୱର, ଦେବଗଡ଼, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାରେ ଏହି ପ୍ରକଳ୍ପଗୁଡ଼ିକ ଆରମ୍ଭ ହେବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଧାତୁ, ଷ୍ଟିଲ୍, ଆଲୁମିନିୟମ୍, ଇଲେକ୍ଟ୍ରୋନିକ୍ସ, ଔଷଧ, ମେଡିକାଲ୍ ଯନ୍ତ୍ରାଂଶ, ପରିବେଶ ସଂରକ୍ଷଣ, ରାସ୍ତା, ସେତୁ, ଜାହାଜ ନିର୍ମାଣ ଏବଂ ପର୍ଯ୍ୟଟନ କ୍ଷେତ୍ର ଆଦି ରହିଛି। ରୁନାୟା ଏକାର୍ଟ ଆଲୁମିନିୟମ୍ ପାଉଡର୍ସ କମ୍ପାନୀ ଆଲୁମିନିୟମ୍ ପ୍ରକ୍ରିୟାକରଣ କାରଖାନା କରିବ। ସ୍କାନ୍ ଷ୍ଟିଲ୍ସ, ଜୟ ଜଗନ୍ନାଥ ଷ୍ଟିଲ୍ ଏବଂ ଏସ୍ଏସ୍ ଆଲୁଫଏଲ୍ସ ଷ୍ଟିଲ୍ ଓ ଫେରୋ ଆଲଏଜ୍ କାରଖାନା ସମ୍ପ୍ରସାରଣ କରିବେ। ସୋଲାର୍ ଇଣ୍ଡଷ୍ଟ୍ରିଜ୍ ଝାରସୁଗୁଡ଼ାରେ ବିସ୍ଫୋରକ ଦ୍ରବ୍ୟ ପ୍ରସ୍ତୁତି କାରଖାନା ନିର୍ମାଣ କରିବ। ଏନ୍‌ଭେୟାର୍ ଇଲେକ୍ଟ୍ରୋଡାଇନ୍ ଉନ୍ନତ ଇଲେକ୍ଟ୍ରୋନିକ୍ସ କାରଖାନା କରିବ। ହରମନ୍ ଫାଇନୋକେମ୍ ଔଷଧ ଓ ଆମ୍ପିଟେକ୍ ହେଲ୍ଥ କେୟାର ମେଡିକାଲ୍ ଉପକରଣ ତିଆରି କରିବ। ସାଉଥ୍ ବ୍ଲକ୍ ମାର୍କେଟିଂ ପ୍ଲାଷ୍ଟିକ୍ ଓ ଧାତୁ ରିସାଇକ୍ଲିଂ କେନ୍ଦ୍ର ନିର୍ମାଣ କରିବ। ତାମିଲନାଡୁ ଇସ୍ପାତ୍ ଓ ଆଲ୍ଲୁ ମାଇନିଂ ଔଦ୍ୟୋଗିକ ରାସ୍ତା ଓ ଲଜିଷ୍ଟିକ୍ସ କ୍ଷେତ୍ର ବୃଦ୍ଧି କରିବେ। ବାଲେଶ୍ୱର ଶିପ୍‌ୟାର୍ଡ ବାଲେଶ୍ୱରରେ ଜାହାଜ ତିଆରି, ମରାମତି ଓ ଫ୍ଲୋଟିଂ ଜାହାଜ ନିର୍ମାଣ କରିବ। ଜାସ୍ କନଷ୍ଟ୍ରକ୍ସନ୍ସ, ରଥ ହସ୍ପିଟାଲିଟି, କେନ୍ଦୁଝର ରିଗାଲ୍ ପାରାଡାଇସ୍, କାର୍ଯ୍ୟୋନ୍ ଭେଞ୍ଚର୍ସ, ସୂର୍ଯ୍ୟ ଇକୋ ରିସର୍ଟ୍ସ ଓ ଚତୁର୍ଭୁଜ ହୋଟେଲ୍ ମିଶି ୬ଟି ନୂଆ ହୋଟେଲ୍ ଓ ରିସର୍ଟ ଖୋଲିବେ। ସୂଚନା ଥାଉକି, ଗତ ୨ବର୍ଷରେ ରାଜ୍ୟରେ ୧୫୦ରୁ ଅଧିକ ଶିଳ୍ପ ପ୍ରକଳ୍ପ ଆରମ୍ଭ ହୋଇସାରିଛି।




# ଆଜି ସରୁଛି ଅସ୍ତ୍ରବିରତି, ଅନ୍ଧାରରେ ଯୁଦ୍ଧର ଭବିଷ୍ୟତ

- **ଶାନ୍ତି ଆଲୋଚନାକୁ ଇରାନ୍‌ର ନା**
- **ଅସ୍ତ୍ରବିରତି ଅବଧି ବଢ଼ାଇବାକୁ ଟ୍ରମ୍ପ୍ ଅପଙ୍ଗ**

**ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଗଲାଣି। ଗତ ୮ତାରିଖଠାରୁ ହୋଇଥିବା ଅସ୍ତ୍ରବିରତି ଅବଧି ବୁଧବାର ଶେଷ ହେବାକୁ ଯାଉଛି। ଇତିମଧ୍ୟରେ ଉଭୟ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ଇସ୍‌ଲାମାବାଦ ପକ୍ଷରୁ କରାଯାଇଥିବା ଚେଷ୍ଟା ବିଫଳ ହୋଇଛି। ଗତ ୧୧ରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ନ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଇରାନ୍ ଯୋଗ ଦେବାକୁ ମନା କରି ଦେଇଛି। ସେପଟେ ଶାନ୍ତି ଆଲୋଚନା ପାଇଁ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଇସ୍‌ଲାମାବାଦ୍ ଆସିବାକୁ ଥିବାବେଳେ ମଙ୍ଗଳବାର ଶେଷ ମୁହୂର୍ତ୍ତରେ ତାଙ୍କ ଗସ୍ତକୁ ସ୍ଥଗିତ ରଖିଛନ୍ତି। ଏଭଳିସ୍ଥିତିରେ ଉଭୟ ରାଷ୍ଟ୍ରର ଜିଦ୍‌ଖୋର ମନୋଭାବ ଯୁଦ୍ଧସ୍ଥିତିର ଭବିଷ୍ୟତକୁ ଗମ୍ଭୀର କରିପକାଇଛି।**



ଡୋନାଲ୍ଡ ଟ୍ରମ୍ପ୍



ମହମ୍ମଦ ବାଘେର ଘଲିବାଫ

ୱାଶିଂଟନ/ ତେହରାନ୍,୨୧।୪

ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ୍ ଫେବୃଆରୀ ୨୮ରେ ଆରମ୍ଭ କରିଥିବା ଯୁଦ୍ଧର ୪୦ ଦିନ ପରେ ଏପ୍ରିଲ ୮ରେ ୨ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା ହୋଇଥିଲା। ସ୍ଥାୟୀ ଯୁଦ୍ଧ ବନ୍ଦ ଏବଂ ଶାନ୍ତି ସ୍ଥାପନ ପାଇଁ ପାକିସ୍ତାନ ଉଦ୍ୟମରେ ପ୍ରଥମ ପର୍ଯ୍ୟାୟ ଇରାନ-ଆମେରିକା ଆଲୋଚନା ବିଫଳ ହୋଇଥିବାବେଳେ ଅସ୍ତ୍ରବିରତି ଅବଧି ବୁଧବାର ଶେଷ ହେବାକୁ ଯାଉଛି। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଇସ୍‌ଲାମାବାଦ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ଇରାନ ଏଥିରେ ଯୋଗଦେବାକୁ ଚାହୁଁ ନ ଥିବାରୁ ଅନିଶ୍ଚିତତା ଲାଗି ରହିଛି। ଆମେରିକା ପକ୍ଷରୁ ଆଲୋଚନାର ନେତୃତ୍ୱ ନେବାକୁ ଥିବା ଉପରାଷ୍ଟ୍ରପତି ଜେଡି ଭାନ୍ସମଙ୍ଗଳବାର ତାଙ୍କ ଇସ୍‌ଲାମାବାଦ ଗସ୍ତକୁ ସ୍ଥଗିତ ରଖିଥିବା ୱାଶିଂଟନର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ବୁଧବାର ସୁଦ୍ଧା ଯଦି ୨ ଦେଶ କୌଣସି ଚୁକ୍ତିନାମାରେ ପହଞ୍ଚି ନ ପାରନ୍ତି, ତେବେ ପୁନର୍ବାର ଯୁଦ୍ଧ ଭୟଙ୍କର ରୂପ ନେବା ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ଡିଲ୍ ହୋଇ ନ ପାରିଲେ ଆମେରିକା ଆକ୍ରମଣକୁ ଜୋର୍‌ଦାର କରିବ ବୋଲି ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାରମ୍ବାର ଧମକ ଦେଇଚାଲିଛନ୍ତି। ଟ୍ରମ୍ପ୍ ସୋମବାର ଏକ ଗଣମାଧ୍ୟମକୁ କହିଥିଲେ, ତେହରାନ ଆଲୋଚନା ପାଇଁ ରାଜି ଅଛି। କିନ୍ତୁ ଇରାନକୁ ଅଣୁଅସ୍ତ୍ର ବିକଶିତ କରିବାକୁ ଆମେରିକା ଦେବ ନାହିଁ। ଅନ୍ୟପକ୍ଷରେ ଆମେରିକା ସହ ଆଲୋଚନା ପାଇଁ ଇରାନର କୌଣସି ପ୍ରତିନିଧି ପାକିସ୍ତାନ ଯାଇ ନ ଥିବା ତେହରାନ୍‌ର ଏକ ସରକାରୀ ଟେଲିଭିଜନ ପକ୍ଷରୁ କୁହାଯାଇଛି। ୨ ସପ୍ତାହର ଅସ୍ତ୍ରବିରତି ସମୟସୀମା ପୂରିବାକୁ ଯାଉଥିବାବେଳେ ଇସ୍‌ଲାମାବାଦରେ ଆଉ ଏକ ପର୍ଯ୍ୟାୟ ଆଲୋଚନା ପାଇଁ ଆମେରିକା ଓ ଇରାନ ସଙ୍କେତ ଦେଇଥିବା ୨ ଜଣ ଆଞ୍ଚଳିକ ଅଧିକାରୀ କହିଛନ୍ତି। ତେବେ ଆଲୋଚନା ସମୟ ସମ୍ପର୍କରେ କେହି ସ୍ପଷ୍ଟ କରିନାହାନ୍ତି। ସେପଟେ ଇସ୍‌ଲାମାବାଦରେ ବୁଝାମଣାକାରୀ ପ୍ରତିନିଧି ବୁଧବାର ସକାଳେ ପହଞ୍ଚିବେ ବୋଲି ମଧ୍ୟସ୍ଥ ଦେଶଗୁଡ଼ିକୁ ଆମେରିକା ଉପରାଷ୍ଟ୍ରପତି ଭାନ୍ସ ଏବଂ ଇରାନ ପାର୍ଲାମେଣ୍ଟ ବାଚସ୍ପତି ମହମ୍ମଦ ବାଘେର ଘଲିବାଫ ସ୍ପଷ୍ଟ କରିଛନ୍ତି।

ସେପଟେ ଉଭୟ ପକ୍ଷ ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି। ଅସ୍ତ୍ରବିରତି ଅବଧି ଶେଷ ହେବା ପୂର୍ବରୁ ଚୁକ୍ତିନାମା ନ ହେଲେ ବହୁ ସଂଖ୍ୟରେ ବୋମା ଫୁଟିବାକୁ ପ୍ରସ୍ତୁତ ରହିଛି ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଇରାନର ମୁଖ୍ୟ ବୁଝାମଣାକାରୀ କହିଛନ୍ତି, ତେହରାନ୍ ପାଖରେ ଏପରି କେତେକ ଗୁପ୍ତ ରଣନୀତି ଓ ଅସ୍ତ୍ରଶସ୍ତ୍ର ରହିଛି, ଯାହା ବିଷୟରେ ଶତ୍ରୁପକ୍ଷ ଏପର୍ଯ୍ୟନ୍ତ ଜାଣିନାହାନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବା ପାଇଁ ଇରାନ ଉପରେ ଚାପ ପକାଇବା ନିମନ୍ତେ ଆମେରିକା ଏହାର ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଥିବାରୁ ବିଶ୍ୱ ଇନ୍ଧନ ଯୋଗାଣ ଗୁରୁତର ପ୍ରଭାବିତ ହୋଇଛି ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଫେବୃଆରୀ ୨୮ ଯୁଦ୍ଧ ଆରମ୍ଭ ଦିନ ବ୍ରେଣ୍ଟ କ୍ରୁଡ୍ ଦର ଯାହା ଥିଲା ମଙ୍ଗଳବାର ସୁଦ୍ଧା ତାହା ୩୦ ପ୍ରତିଶତ ବୃଦ୍ଧି ପାଇଁ ବ୍ୟାରେଲ୍ ପ୍ରତି ଦର ୯୫ ଡଲାରରେ ପହଞ୍ଚିଛି।

# ପ୍ରେମ ପାଇଁ ଗଛ ଉପରେ ନାବାଳକ



## ନାବାଳିକା ପ୍ରେମିକାଙ୍କୁ ଦେଖାକରିବାକୁ ପ୍ରତିଶ୍ରୁତି ପରେ ଓହ୍ଲାଇଲେ

ଅନୁଗୋଳ,୨୧।୪
(ଜ୍ୟୋତିରଞ୍ଜନ ସାହୁ)

ନାବାଳିକା ପ୍ରେମିକାଙ୍କୁ ଦେଖାକରିବାକୁ ନ ଦେଲେ ଆତ୍ମହତ୍ୟା କରିଦେବି। ବେକରେ ଗାମୁଛା ବାନ୍ଧି ଝୁଲିପଡ଼ିବି। ଏକ ଗଛର ୧୦୦ ଫୁଟ୍ ଉପରୁ ଜଣେ ନାବାଳକ ପ୍ରେମିକଙ୍କ ଏପରି ଘନ ଘନ ଚେତାବନୀ ଶୁଣି ଡରିଯାଇଥିଲେ ଦେଖଣାହାରି। ଖବରପାଇ ପହଞ୍ଚିଥିଲା ଅଗ୍ନିଶମ ବାହିନୀ ଓ ପୋଲିସ। ସ୍ଥାନୀୟ ପୌରପାଳିକା ଟିମ୍ ମଧ୍ୟ ଘଟଣାସ୍ଥଳକୁ ଦୌଡ଼ିଥିଲା। ଦେଢ଼ଘଣ୍ଟା ଧରି ବୁଝାଶୁଝା ସହ ପ୍ରେମିକାଙ୍କୁ ଦେଖାକରାଯିବ ବୋଲି କୁହାଯିବା ପରେ ଶେଷରେ ଆତ୍ମହତ୍ୟା ଜିଦ୍ ଛାଡ଼ି ଗଛରୁ ତଳକୁ ଓହ୍ଲାଇଥିଲେ ନାବାଳକ ପ୍ରେମିକ। ଅନୁଗୋଳ ସହର ଅମଲାପଡ଼ାସ୍ଥିତ ଏକ ବାଳାଶ୍ରମ ପରିସରରେ ମଙ୍ଗଳବାର ଘଟିଥିବା ଏପରି ଏକ ଘଟଣା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳର ଜଣେ ନାବାଳକ (୧୭ ବର୍ଷ ୮ ମାସ) ଓ ନାବାଳିକା (୧୭ ବର୍ଷ) ପରସ୍ପରକୁ ପ୍ରେମ କରୁଥିଲେ। କିଛି ଦିନ ପୂର୍ବରୁ ସେମାନେ ଲୁଚି ଘରୁ ପଳାଇଥିଲେ। ଗତ ଶନିବାର ଅନୁଗୋଳ ରେଳୱେ ପୋଲିସ ଉଭୟଙ୍କୁ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମା' ବାସେଲୀ କୈବର୍ତ୍ତ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ଚଇତି ଘୋଡ଼ାନାଚ ଉତ୍ସବ, ସ୍ଥାନ: ପାହାଳ ନିକଟ ଯୋହଲସ୍ଥିତ ଦୋଳମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୧୧୦ତମ ବାର୍ଷିକ ବାଦିପାଲା ପରିବେଷଣ, ସ୍ଥାନ: ନହରକଣ୍ଟା (ଖ)ସ୍ଥିତ ମାରୁତି ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ମେଳଣ ଓ ଯାତ୍ରା ମହୋତ୍ସବ ଉପଲକ୍ଷେ ଅପେରା ପାର୍ଟିର ଫି ସେଲ୍‌ରେ ନାଟକ ପରିବେଷଣ, ସ୍ଥାନ: ପାହାଳ ଛକ ନିକଟ ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।
- ଅକ୍ଷୟତୃତୀୟା ଉତ୍ସବ ଉପଲକ୍ଷେ ଭାଗବତ ମେଳଣରେ ଫି ସେଲରେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକରୁ ଢାଲୋ ଗ୍ରାମ ମେନନ ପଡ଼ିଆ, ସମୟ: ରାତି ୧୧ଟା।
- ଓଡ଼ିଶା ସୂଚନା ଅଧିକାରଙ୍କ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।

**କଟକ**
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ତୃତୀୟ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ବାମପନ୍ଥୀ ଦଳ ପକ୍ଷରୁ ଧାରଣା, ସ୍ଥାନ: କଚେରୀ ଛକ, ସମୟ: ପୂର୍ବାହ୍ନ ୧୧ଟା୩୦।
- ନୀଳାଚଳ କ୍ରିକେଟ ଟ୍ରଫି ସମ୍ପର୍କିତ ବୈଠକ, ସ୍ଥାନ: ବଙ୍ଗଳକ୍ଷ୍ମୀ, ସ୍ୱର୍ଗଦ୍ୱାର ନିକଟ, ସମୟ: ମଧ୍ୟାହ୍ନ ୧୨ଟା।
- କୋଷ୍ଟାଲ ମାରାଥନ୍, ସ୍ଥାନ: ବ୍ଲୁଫ୍ଲାଗ ବିଚ୍, ସମୟ: ସକାଳ ୭ଟା।
- ପୁରୀବାସୀଙ୍କ ଧାରଣା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୪ଟା।

**ବାଲେଶ୍ୱର**
- ୭୮ତମ ଓଡ଼ିଶା ପୋଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ଚାମ୍ପିଅନ୍‌ସିପ୍-୨୦୨୬, ସ୍ଥାନ: ପୋଲିସ୍ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ବେଷଣା ଏବଂ ସମ୍ପ୍ରସାରଣ ପରିଷଦ ବୈଠକ, ସ୍ଥାନ: ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ରାଣୀତାଲ, ସମୟ: ପୂର୍ବାହ୍ନ ୧୦ଟା।

- ଭାଗବତ ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଧରିତ୍ରୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।

**ଭଦ୍ରକ**
- ରାମ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବାଇପୁର, ବନ୍ତ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ବୁଢ଼ୀ ଜାଗୁଲାଇ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସାବରଙ୍ଗ ନୂଆସାହି, ଭଦ୍ରକ, ସମୟ: ସକାଳ ୯ଟା।
- ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସାବରଙ୍ଗ ତାରିଣୀଛକ, ଭଦ୍ରକ, ସମୟ: ସକାଳ ୯ଟା।
- ପଞ୍ଚମୁଖି ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ଓ ହନୁମାନ ଚାଳିଶା ପାଠ, ସ୍ଥାନ: ଜୀବନପୁର, ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ସକାଳ ୯ଟା।
- ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନମଣ୍ଡଳୀ ସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମତୋ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଗଜଲକ୍ଷ୍ମୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞ, ପୂଜା ଆରମ୍ଭ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଆମେ-୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍, ବାରିପଦା, ପୂର୍ବାହ୍ନ ୧୦ଟା।
- ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମସ୍ୟାକୁ ନେଇ କାର୍ଯ୍ୟକ୍ରମ, ସ୍ଥାନ:ଜୟପୁର କଲ୍ୟାଣ ମଣ୍ଡପ, ଗୋପବନ୍ଧୁ ନଗର,ସମୟ:ଅପରାହ୍ନ ୪ଟା।
- ବଳାଙ୍ଗୀ ମହୋତ୍ସବରେ ସମ୍ବଲପୁରୀ ନାଇଟ୍ସ, ହୋ ନୃତ୍ୟ ଓ ଭଜନ ସନ୍ଧ୍ୟା, ସ୍ଥାନ: ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀ ସଙ୍ଗମସ୍ଥଳ, ବାରିପଦା, ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ମନ୍ଦିର ପ୍ରତିଷ୍ଠା ପାଇଁ ସାଲା ପୂଜା, ସ୍ଥାନ: କୁମ୍ଭାରପଲ୍ଲୀ, ସମୟ: ସକାଳ ୬ଟା।

**ଗଞ୍ଜାମ**
- ଲାୟନ୍ସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆସିକା ଲାୟନ୍ସ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ 'ବ୍ରାହ୍ମଣୀ ତରଙ୍ଗ', ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ ନିକଟସ୍ଥ କାମାକ୍ଷାନଗର ଅଡିଟୋରିଅମ, ସମୟ: ଅପରାହ୍ନ ୬ଟା ୩୦।

**ଅନୁଗୋଳ**
- ମା' ଲକ୍ଷ୍ମୀ, ବିମଳାଙ୍କ ମୂର୍ତ୍ତି ସ୍ଥାପନ ଉପଲକ୍ଷେ ବିରାଟ କଳସ ଯାତ୍ରା, ସ୍ଥାନ: ଆଠମଲ୍ଲିକ ବ୍ଲକ ଠାକୁରଗଡ଼, ସମୟଃ ସକାଳ ୭ଟା।
- ଶ୍ରୀମଦ ଭାଗବତ ପାରାୟଣ ସପ୍ତାହର ଚତୁର୍ଥ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ସିଦ୍ଧ ମହାପୁରୁଷ ଶ୍ରୀ ଫଗୁଦାସଙ୍କ ସାମ୍ବତ୍ସରିକ ମହୋତ୍ସବ, ସ୍ଥାନ: ନାଉପାଳ ମଠ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ଶ୍ରୀ ବଜରଙ୍ଗବାଳିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୀଠ ପରିସର, କନ୍ହେଇପୁର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ମା'କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାବନୀ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ଗୌରବ ମଧୁ ସୁଦନ ଦାସଙ୍କ ଜୟନ୍ତୀ ସପ୍ତାହ ପାଳନ, ସ୍ଥାନ: ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ସନ୍ଧ୍ୟା ୬ଟା୧୫ ମିନିଟ।
- ଶ୍ରୀରାମ ଚରିତ ମାନସ ପାରାୟଣ, ସ୍ଥାନ: ବ୍ୟାସନଗର ଗୋଶାଳା ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ : ସନ୍ଧ୍ୟା ୭ଟା।

**ନୟାଗଡ଼**
- ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ଭାପୁର ବ୍ଲକ ମାଧପୁର ଯଜ୍ଞପଦା, ସମୟ: ସକାଳ ୮ଟା।
- ଶିକ୍ଷାନବିସର ୨ୟ ଦିବସ, ସ୍ଥାନ:ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୀଳକଣ୍ଠେଶ୍ୱର କ୍ରିକେଟ ମ୍ୟାଚର ଚତୁର୍ଥ ଦିବସ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ ଗୋଡିବଣିଆ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ତୃତୀୟ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା।
- ଚନ୍ଦନ ଯାତ୍ରା ର ୩ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଗନ୍ନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।

**ନବରଙ୍ଗପୁର**
- ପଞ୍ଚାୟତିରାଜ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଆଲୋଚନାଚକ୍ର, ସ୍ଥାନ: ଡିଗ୍ରୀ ମହାବିଦ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ-୨୦୨୬ ସକାଶେ ଖେଳାଳିମାନଙ୍କ ଶୋଭାଯାତ୍ରା, ସ୍ଥାନ: ସମଲେଇ ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୪.୩୦ଟା।
- ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା। ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ବିଶାଳ ରକ୍ତଦାନ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ପନେସରା ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସ୍କୁଲ ପରିସର, ଲୋଇସିଂହା ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

**ରାଉରକେଲା**
- ଉତ୍କଳମଣି ହୋମିଓପାଥିକ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୧, ସମୟ: ସକାଳ ୯ଟା ୩୦।
- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ୩ୟ ଦିବସ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକର ୩ୟ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ମହାଲକ୍ଷ୍ମୀ ଦେବୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା, ସ୍ଥାନ: କଲେଜ ରୋଡ, ବରଗଡ଼, ସମୟ: ସକାଳ ୭ଟା।
- ସି.ଏମ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ସକାଳ ୭ଟା।
- ଆଲୋକୀକରଣ କାର୍ଯ୍ୟର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସଦର ଥାନା ନିକଟ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**
- ଶିକ୍ଷା ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବହୁଜନ ସମାଜ ପାର୍ଟି ପକ୍ଷରୁ ବିଆର୍ ଆମ୍ବେଡ୍‌କରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜୁନାଗଡ଼ ନୂଆ ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା।

**ଦେବଗଡ଼**
- ପୋଷଣ ପଖୱାଡା ପାଳନ, ସ୍ଥାନ: ଦେବଗଡ଼ ଏଡିଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ୨୯ତମ ତିରୋଧାନ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଟାନୱାଟ ଆଦିବାସୀ ଭବନ, ସମୟ: ସକାଳ ୯ଟା ୩୦।
- ଓକିଲ ସଂଘ ପକ୍ଷରୁ ଘାସିରାମ ମାଝିଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଜିଲା କୋର୍ଟ ପରିସର ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଝାରସୁଗୁଡ଼ାସ୍ଥିତ ଦ୍ୱିତୀୟ ଓଏସ୍‌ଏପି ପଡ଼ିଆ, ସମୟ: ସକାଳ ୮ଟା।
- ଆଧ୍ୟାତ୍ମିକ ଉପନିଷଦ ଜ୍ଞାନମୃତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଝାରସୁଗୁଡ଼ା ମନମୋହନ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନାବାଳିକାକୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କର: ସଞ୍ଜୟ

ଭୁବନେଶ୍ୱର,୨୧।୪(ସୁନିତ୍ ମିଶ୍ର)

ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳରେ ଜଣେ ୬ ବର୍ଷର ନାବାଳିକାକୁ ବଳାତ୍କାର କରାଯାଇଥିବା ବିଜେଡି ଅଭିଯୋଗ କରିଛି। ଏହି ଘଟଣାକୁ ନେଇ ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ତାଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଅଭିଯୋଗକରି କହିଛନ୍ତି, ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ମହିଳା ଓ ଶିଶୁଙ୍କ ସୁରକ୍ଷା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହାକୁ ନେଇ ବିଜେଡି ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ବାରମ୍ବାର ସ୍ୱର ଉତ୍ତୋଳନ କରିଆସୁଥିଲେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେବାରେ ସଫଳ ହୋଇନାହାନ୍ତି। ବ୍ରହ୍ମଗିରି ଅଞ୍ଚଳରେ ଚିଲିକା ଅନ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏହିଭଳି ଘଟଣା ଦ୍ୱାରା ରାଜ୍ୟର ପର୍ଯ୍ୟଟନ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ତେଣୁ ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇ ତୁରନ୍ତ ଅଭିଯୁକ୍ତକୁ ଗିରଫକରୁ ବୋଲି ବୋଲି ସଞ୍ଜୟ ଦାବି କରିଛନ୍ତି।

## ବଦଳି ପାଇଁ ଶିକ୍ଷାମନ୍ତ୍ରୀଙ୍କୁ ଶିକ୍ଷକ ଦମ୍ପତି ସଂଘର ଦାବିପତ୍ର

ଭୁବନେଶ୍ୱର,୨୧।୪(ସୁଚିସ୍ମିତା ସାହୁ)

ହାଇସ୍କୁଲ ମାଧ୍ୟମିକ ଶିକ୍ଷକ ଦମ୍ପତି ସଂଘ ପକ୍ଷରୁ ଶିକ୍ଷକଙ୍କ ବଦଳି ଦାବିରେ ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଙ୍କ ଓଏସ୍‌ଡିଙ୍କୁ ପ୍ରଦାନ କରାଯାଇଛି। ମନ୍ତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କ ଓଏସ୍‌ଡିଙ୍କ ସହ ଶିକ୍ଷକ ଦମ୍ପତି ସଂଘର ସଦସ୍ୟମାନେ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ସହ କଥା ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଓଏସ୍‌ଡି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହୁଏ, ତେବେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ସରକାରଙ୍କ କ୍ୟାଲେଣ୍ଡର ଅନୁଯାୟୀ ସ୍ଥିରୀକୃତ ଅନ୍‌ଲାଇନ ପୋର୍ଟାଲରେ ଶିକ୍ଷକ ଦମ୍ପତିମାନେ ବଦଳି ପାଇଁ ଆବେଦନ କରିଥିଲେ। ଏନେଇ ଜିଲା ଶିକ୍ଷାଧିକାରୀ ସମସ୍ତ ତଥ୍ୟ ଯାଞ୍ଚ କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସୁପାରିସ କରିଥିଲେ। ଏହି ବଦଳି ପ୍ରକ୍ରିୟା ୨୦୨୫ ଜୁନ୍‌ରେ ଶେଷ ହେବା କଥା। କିନ୍ତୁ ୧୦ ମାସ ହେଲା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ କରିବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଗଣଶିକ୍ଷା ମନ୍ତ୍ରୀ ମାଟ୍ରିକ ପରୀକ୍ଷା ପରେ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା କରାଯାଇନାହିଁ। ଫଳରେ ଶିକ୍ଷକ ଦମ୍ପତିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ନିୟମ ଅନୁଯାୟୀ, ସମାନ ବିଭାଗରେ ପ୍ରାଥମିକ ଶିକ୍ଷକ ଦମ୍ପତି ବଦଳି ହୋଇଥିଲେ ମଧ୍ୟ ଏଯାବତ୍ ମାଧ୍ୟମିକ ଶିକ୍ଷକ ଦମ୍ପତିମାନଙ୍କ କ୍ଷେତ୍ରରେ ଏହା କାହିଁକି ଲାଗୁ କରାଯାଇନାହିଁ ବୋଲି ସଂଘ ପ୍ରଶ୍ନ ଉଠାଇଛି।

## ୨୫ଯାଏ ତାତିରୁ ନିସ୍ତାର ମିଳିବନି

ଭୁବନେଶ୍ୱର,୨୧।୪(ବନ୍ଦନା ସେଠୀ)

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହରୀ ଜାରି ରହିଛି। ସକାଳ ୯ଟା ବେଳକୁ ଖରା ଓ ଝାଞ୍ଜି ପବନ ସାଙ୍ଗକୁ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ତେବେ ଆସନ୍ତା ୪ଦିନ ଅର୍ଥାତ୍ ୨୫ ତାରିଖ ପର୍ଯ୍ୟନ୍ତ ତାତିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାକୁ ପ୍ରବଳ ଖରା ସହିତ ଗରମ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବର୍ତ୍ତମାନ କାଳବୈଶାଖୀ ପ୍ରଭାବ ରହିଥିବାରୁ ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଏବଂ ଜଗତ୍‌ସିଂହପୁର ଜିଲାକୁ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ଏହି ସମୟରେ ପବନର ବେଗ ୩୦ରୁ ୪୦ କି.ମି. ରହିବା ନେଇ ମଧ୍ୟ ସୂଚନା ଦିଆଯାଇଛି।

ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ୧୮ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡ଼ାରେ ସର୍ବାଧିକ ୪୩.୫ ଡିଗ୍ରୀ ତାପମାତ୍ରା ରହିବା ସହ ଏହା ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଟିଟିଲାଗଡ଼ ଓ ସମ୍ବଲପୁରରେ ୪୨.୫, ହୀରାକୁଦରେ ୪୨.୪, ବଲାଙ୍ଗୀରରେ ୪୨.୨, ଅନୁଗୋଳରେ ୪୨.୧, ସୋନପୁରରେ ୪୧.୭, ସୁନ୍ଦରଗଡ଼ ଏବଂ ତାଳଚେରରେ ୪୧.୫, ଢେଙ୍କାନାଳ, ବରଗଡ଼, ନୂଆପଡ଼ା ଏବଂ ରାଉରକେଲାରେ ୪୧, ବୌଦ୍ଧରେ ୪୦.୭, ଭବାନୀପାଟଣାରେ ୪୦.୫, ନୟାଗଡ଼, ଭଦ୍ରକ ଏବଂ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଳିମ୍ବ ପତର କଷଡ଼ି ନାଲି**
**ମୋର ନିଜବାପ ଯାଇଛି ଚାଲି ।**
**ପରବାପକୁ କିମ୍ପାଇ ଡରିବା**
**ଦିଅ ହେ ତାକୁ ଘଉଡ଼ି ।**
**ଆମ ଘର ଆମେ ସମ୍ଭାଳି ରଖିବୁ**
**ଏଥର ଯାଉ ସେ ଚାଲି ।**

ଘରର ମୁରବି ନ ଥିଲେ ବାହାର ଲୋକ ମୁରବିପଣିଆ ଦେଖେଇ ହୁଅନ୍ତି। ତେବେ ନିଜ ଘରେ ବାହାର ବ୍ୟକ୍ତିଙ୍କ ଏପରି ହସ୍ତକ୍ଷେପକୁ ପରିବାରର ବାକି ସଦସ୍ୟମାନେ ସହଜରେ ଗ୍ରହଣ କରିପାରୁ ନ ଥିବା ବେଳେ ସେମାନଙ୍କ ମନରେ ଏ ନେଇ ଅସନ୍ତୋଷ ଭାବ ଦେଖାଦେଇଥାଏ। ଏପରି ସ୍ଥିତିରେ ଆତ୍ମସ୍ୱାର୍ଥ ହାସଲ କରି ଅନ୍ୟ ଘରର ମୁରବି ସାଜିଥିବା ଲୋକକୁ ନିଜ ଘରୁ ତଡ଼ିବା ନେଇ ବିଚାର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡିଙ୍କିଆ ଲାଉ**
**ତୋହ ଲାଗି ମୋର ପରାଣ ଯାଉ।**

ଲାଉ ଖାଇବା ନେଇ ମନରେ ଅସୀମ ଆସକ୍ତି ଭାବ। ପରୋକ୍ଷରେ ପ୍ରଗାଢ ପ୍ରେମର ନିଦର୍ଶନ। ଯାହା ପ୍ରତି ମନରେ ଯେତେ ଅଧିକ ଆସକ୍ତି ଭାବ ରହିଥାଏ ତା'ଲାଗି ସେ ନିଜ ଜୀବନ ଦେବାକୁ କେବେ ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଖରାଛୁଟିରେ ଛାତ୍ରୀଛାତ୍ରଙ୍କ...

୨୫ ସୁଦ୍ଧା ସମସ୍ତ ହ୍ୱାଟ୍ସଆପ୍ ଗ୍ରୁପ୍ ସକ୍ରିୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୁପ୍‌ଗୁଡ଼ିକର ନାମକରଣ ସରକାରୀ ନିୟମ ଅନୁଯାୟୀ (ଶ୍ରେଣୀ ନାମ-ୟୁଡାଇଜ କୋଡ୍) ରଖାଯିବ। କାର୍ଯ୍ୟକ୍ରମର ସଠିକ ପରିଚାଳନା ପାଇଁ ରାଜ୍ୟସ୍ତରରୁ ଏକ ଡାସ୍ ବୋର୍ଡ ଜରିଆରେ ନଜର ରଖାଯିବ। ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ସିଆର୍‌ସିସିମାନେ ପ୍ରତି ସପ୍ତାହରେ ଏହାର ସମୀକ୍ଷା କରିବେ। ପିଲାଙ୍କ ପାଠପଢ଼ା ନେଇ ଶିକ୍ଷକମାନେ ଅଭିଭାବକଙ୍କ ସହ ଯୋଗାଯୋଗରେ ରହିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

### ଆଜି ରାଜ୍ୟ କ୍ୟାବିନେଟ୍...

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଗଣିତ କରିବାପାଇଁ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ହାତକୁ ନିଆଯାଉଛି। ସେଥିପାଇଁ ସରକାରଙ୍କ ପକ୍ଷରୁ ୩୬ଟି ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିପାଇଁ ଗୁରୁବାର ବାଣିଜ୍ୟ ଓ ପରିବହନ ବିଭାଗ ସଂଯୋଜନାରେ ଶିଳ୍ପ, ଶକ୍ତି, ନିର୍ମାଣ ଓ ଜଳସମ୍ପଦ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ସରକାର କି ପ୍ରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ତମାଖୁ ବର୍ଜନ...

ଅର୍ଥନୀତି କ୍ଷତି ହୋଇଥାଏ। ହାରାହାରି ୮୦% ତମାଖୁ ବ୍ୟବହାରକାରୀ ଗରିବ ଏବଂ ମଧ୍ୟମ ଆୟକାରୀ ରାଷ୍ଟ୍ରରେ ବାସ କରନ୍ତି, ଯେଉଁଠାରେ ଘରୋଇ ଆୟର ଏକ ବିଶେଷ ଅଂଶ ତମାଖୁ ଉତ୍ପାଦନରେ ଖର୍ଚ୍ଚ ହୋଇଥାଏ। ଇଣ୍ଡିଆନ ନ୍ୟାଶନାଲ ସାମ୍ପଲ ସର୍ଭେ (ଏନ୍‌ଏସ୍‌ଏ) ୨୦୨୨-୨୩ରେ ୨ଲକ୍ଷ ୬୧ହଜାରରୁ ଉର୍ଦ୍ଧ୍ୱ ପରିବାରର ଘରୋଇ ଉପଭୋଗ୍ୟ ଖର୍ଚ୍ଚକୁ ଅନୁଧ୍ୟାନ କରାଯାଇଥିଲା। ଏଥିରେ ତମାଖୁ ବର୍ଜନ ଫଳରେ ସେମାନଙ୍କ ଦୀର୍ଘକାଳୀନ ଅର୍ଥନୈତିକ ସୁଧାରାବସ୍ଥାକୁ ଉପଲବ୍ଧି କରାଯାଇଥିଲା। ଦେଖାଯାଇଥିଲା ତମାଖୁ ବର୍ଜନ ଦ୍ୱାରା ଗରିବ ଶ୍ରେଣୀର ପରିବାରରେ ମାସିକ ଖର୍ଚ୍ଚରେ ଉନ୍ନତି ଆସିଛି। ସର୍ଭେରେ ବିଡ଼ି, ସିଗାରେଟ ଏବଂ ତମାଖୁ ସେବନ କରୁଥିବା ଲୋକମାନଙ୍କ ୭ଦିନର ଖର୍ଚ୍ଚକୁ ରେକର୍ଡ କରାଯାଇ ତାଙ୍କର ମାସିକ ଖର୍ଚ୍ଚକୁ ହିସାବ କରାଯାଇଥିଲା। ଜଣାପଡ଼ିଥିଲା ଯେ, ସବୁଠୁ ଗରିବ ପରିବାର ତମାଖୁ ସେବନ ପାଇଁ ମୁଣ୍ଡପିଛା ସର୍ବାଧିକ ମାସିକ ୬.୪% ଅର୍ଥ ଖର୍ଚ୍ଚ କରୁଥିବାବେଳେ ଗ୍ରାମାଞ୍ଚଳ ପରିବାରଗୁଡ଼ିକରେ ୬.୬% ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିସହିତ ତମାଖୁ ବାବଦ ଖର୍ଚ୍ଚ ଅନୁପାତ ପରିବାରର ଆୟ ବୃଦ୍ଧି ତୁଳନାରେ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଗରିବ ପରିବାରରେ ଏହା ୪.୪% ଥିବାବେଳେ ମଧ୍ୟମ ଆୟ ବର୍ଗର ପରିବାରରେ ୩.୬%, ଧନୀ ପରିବାରରେ ୨.୮% ଏବଂ ଅତି ଧନୀ ପରିବାରରେ ତମାଖୁ ବାବଦ ଖର୍ଚ୍ଚ ୨% କରାଯାଉଥିବା ଜଣାପଡ଼ିଛି। ଏହି ବିଶ୍ଳେଷଣରେ ଗବେଷକମାନେ କହିଛନ୍ତି ଯେ, ଏହି ଅନୁଧ୍ୟାନ ଏକ ପର୍ଯ୍ୟବେକ୍ଷଣମୂଳକ ଥିଲା। ତମାଖୁରେ ଖର୍ଚ୍ଚ ହେଉ ନ ଥିବା ଅର୍ଥ ପରିବାରର କୌଣସି ଗୁରୁତ୍ୱପୂର୍ଣ୍ଣ ବାବଦରେ ଖର୍ଚ୍ଚ ହୋଇଥିବା ଜଣାପଡ଼ି ନାହିଁ। ଏହାସତ୍ତ୍ୱେ ତମାଖୁ ସେବନ ବହୁ ଲକ୍ଷ ପରିବାରର ଆର୍ଥିକ ପ୍ରଗତିରେ ଏକ ପ୍ରତିବନ୍ଧକ ସାଜିଥିବା ଅନୁଧ୍ୟାନରୁ ଜଣାପଡ଼ିଛି।

### ପ୍ରେମ ପାଇଁ ଗଛ...

ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଇଥିଲା। ଏହାପରେ ନାବାଳକଙ୍କୁ ଅନୁଗୋଳ ଅମଲାପଡ଼ାରେ ଥିବା ଏକ ବାଳାଶ୍ରମରେ ଓ ନାବାଳିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ସଖୀ କାଉନ୍‌ସେଲିଂ ସେଣ୍ଟରରେ ରଖାଯାଇଥିଲା। ସୋମବାର ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ଘର ଲୋକେ ନେଇଯାଇଥିବାବେଳେ ମଙ୍ଗଳବାର ସକାଳୁ ନାବାଳକ ଜଣକ ଉକ୍ତ ବାଳାଶ୍ରମ ପରିସରରେ ଥିବା ପଟାସ ଗଛର ଶୀର୍ଷକୁ ଚଢ଼ିଯାଇ ପ୍ରେମିକାଙ୍କୁ ଘଟଣାସ୍ଥଳକୁ ଡାକିବାକୁ ଦାବି କରିଥିଲେ। ପ୍ରେମିକା ନ ଆସିଲେ ବେକରେ ଗାମୁଛା ବାନ୍ଧି ଗଛରେ ଆତ୍ମହତ୍ୟା କରିଦେବେ ବୋଲି ଚେତାବନୀ ଦେଇଥିଲେ। ବାଳାଶ୍ରମ କର୍ମଚାରୀଙ୍କଠାରୁ ଖବରପାଇ ଅନୁଗୋଳ ଦମକଳ ବାହିନୀ, ଅନୁଗୋଳ ଟାଉନ ଥାନା ପୋଲିସ ଓ ପୌରପାଳିକା ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ବୁଝାଶୁଝା କରିଥିଲେ। ପରେ ପ୍ରେମିକାଙ୍କୁ ଦେଖା କରାଇବା ପ୍ରତିଶ୍ରୁତି ଦିଆଯିବାରୁ ନାବାଳକ ଗଛରୁ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇଥିବା ଅନୁଗୋଳ ଟାଉନ ଥାନା ଆଇଆଇସି ପ୍ରକାଶ ମାଝୀ ସୂଚନା ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଥିବାବେଳେ ବାଳାଶ୍ରମର ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଉକ୍ତ ବାଳାଶ୍ରମ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରି ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ଭାଗ୍ୟସ୍ଥାନକୁ ପ୍ରଭାବିତ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ଚନ୍ଦ୍ରଙ୍କ ପ୍ରତି ରାହୁଙ୍କ ଦୃଷ୍ଟି କାରଣରୁ ଅନ୍ୟମନସ୍କତା କିମ୍ବା ଭୁଲ୍ ବୁଝାମଣାଜନିତ ମନାନ୍ତରର ଆଶଙ୍କା ରହିଛି। ପରିବାରର ଅର୍ଥନୈତିକ, ସାମାଜିକ, ପ୍ରଶାସନିକ କ୍ଷେତ୍ର ବହୁତ ଭଲ ରହିବ।

**ବୃଷ** ଶୁକ୍ର ଏବଂ ଚନ୍ଦ୍ରଙ୍କ ପ୍ରଭାବରେ ମନୋରଞ୍ଜନକୁ ପ୍ରାଧାନ୍ୟ ଦେଇ କାମକୁ ଅବହେଳା କରିବେ। ସାହିତ୍ୟ, କ୍ରୀଡ଼ା ସଙ୍ଗୀତ କ୍ଷେତ୍ରରେ ସାମିଲ୍ ହୋଇ ପ୍ରଶଂସିତ ହେବେ। ବ୍ୟବସାୟିକ ଦିଗରୁ ଦିନଟି ସନ୍ତୋଷଜନକ ହେବନାହିଁ। ପାରିବାରିକ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ପ୍ରଦାନ କରିବ।

**ମିଥୁନ** ରାଶିରେ ଶୁଭଗ୍ରହ ପ୍ରଭାବରେ ଆଜିର ଦୈନିକଚର୍ଯ୍ୟା ଓ କାର୍ଯ୍ୟପଦ୍ଧତି ସନ୍ତୋଷଜନକ ରହିବ। ପରିବାରର ବ୍ୟୟବୃଦ୍ଧି ମାନସିକ ଦୁଶ୍ଚିନ୍ତା ସୃଷ୍ଟି କରିବ। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ବିରୁଦ୍ଧାତ୍ମକ କଥାବାର୍ତ୍ତା କରିପାରନ୍ତି। ବ୍ୟବସାୟ ମନ୍ଦ ନ ହେଲେ ମଧ୍ୟ ସାହାଯ୍ୟ ସହଯୋଗ ଅଭାବରୁ ସାମୟିକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ପ୍ରାପ୍ୟ ପାଇବାରେ ବିଳମ୍ବ ସଙ୍ଗକୁ ଅର୍ଥସଙ୍କଟ ଜନିତ ନୈରାଶ୍ୟ ମନସ୍ତାପର କାରଣ ହୋଇପାରେ। ପାରିବାରିକ ସମସ୍ୟା ଏବଂ କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିବ । ପଦସ୍ଥବ୍ୟକ୍ତିଙ୍କ ଆଶ୍ୱାସନାରୁ ଖୁସି ରହିବେ। ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ବନ୍ଧୁମିଳନଜନିତ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି।

**ସିଂହ** ଆଜି ଯାହା ଚାହୁଁଛନ୍ତି ପାଇବାରେ ସାମାନ୍ୟ କଷ୍ଟ ହୋଇପାରେ। ସରକାରୀ ସ୍ତରରେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଯିବାର ଆଶଙ୍କା ରହିଛି। ପ୍ରତିଯୋଗିତା, ମାଲିମକଦ୍ଦମା, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳତା ପାଇବେ। ରାଶିରେ କେତୁଙ୍କ ପ୍ରଭାବରେ ଶାରୀରିକ ଅସୁସ୍ଥତା ସଙ୍ଗକୁ ମାନସିକ ସନ୍ତୁଳନ ମଧ୍ୟ ହରାଇପାରନ୍ତି।

**କନ୍ୟା** ବୁଧଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ ହେବ। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସେମାନଙ୍କ ପ୍ରତି ରହିଥିବା ଭଲ ଧାରଣା ହ୍ରାସ ପାଇପାରେ। ପଦାଧିକାରୀଙ୍କ ଚାପରେ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିପାରନ୍ତି। ପରିବାରର ଆବଶ୍ୟକତା ସକାଶେ ଋଣ କରିପାରନ୍ତି।

**ତୁଳା** ଷଷ୍ଠାଧିପ ଭାଗ୍ୟସ୍ଥ ଏବଂ ରାଶ୍ୟାଧିପ ଅଷ୍ଟମସ୍ଥ ଯୋଗୁ ସମସ୍ୟା ଏବଂ ପ୍ରତିବନ୍ଧକ ମଧ୍ୟରେ କାର୍ଯ୍ୟ ହାସଲ କରିବେ। ଅବଶ୍ୟ ଆଜିର ଯାତ୍ରା ଓ ବ୍ୟବସାୟିକ ସ୍ଥିତି ଆପଣଙ୍କ ଅଭିଳାଷ ପୂରଣରେ ସହାୟକ ହେବେ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତି ଅନୁଯାୟୀ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡ଼ିପାରେ।

**ବିଛା** ଦ୍ୱାଦଶାଧିପତି ଶୁକ୍ରଙ୍କ ଦୃଷ୍ଟିର ପ୍ରଭାବ ଯାତ୍ରାରେ ବାଧକ ନ ସାଜି କାର୍ଯ୍ୟସାଧକର ଭୂମିକା ଗ୍ରହଣ କରିପାରେ। ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ସହ ଅର୍ଥ ଓ ସମ୍ମାନ ପାଇବେ। ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ପାରିବାରିକ, ପରିବହନ, ପ୍ରଶାସନ, କ୍ଷେତ୍ର ମଧ୍ୟ ମନ୍ଦ ହେବନି।

**ଧନୁ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆଜିର ଯାତ୍ରା ଓ କର୍ମାରମ୍ଭ ପାଇଁ କୌଣସି ଅସୁବିଧା ରହିବ ନାହିଁ। କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ପାଇଁ ସମୟ ଭଲ ରହିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ସକାଶେ କେତେକ ବ୍ୟତିକ୍ରମ ଦେଖାଦେବ। ଧାର୍ମିକ କାର୍ଯ୍ୟରେ ଯୋଗଦେଇପାରନ୍ତି।

**ମକର** କୋଣଭାବସ୍ଥ ଶୁକ୍ରଙ୍କ ପ୍ରଭାବରେ ଭ୍ରମଣ ସାଙ୍ଗକୁ ମନୋରଞ୍ଜନର ସୁଯୋଗ ଲାଭ କରିବେ। ଶନି ଓ ମଙ୍ଗଳଙ୍କ ସହ ବୁଧଙ୍କ ସଂଯୋଗ ହେତୁ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହେବେ। ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। କର୍ମାରମ୍ଭ, ଜମିଜମା, ସାମ୍ବାଦିକତା,ବକ୍ତୃତା,ଏଜେନ୍ସିପ୍ ପାଇଁ ଦିନଟି ବହୁତ ଭଲ।

**କୁମ୍ଭ** ସମସ୍ୟାମୁକ୍ତ ପାରିବାରିକ ସ୍ଥିତି, ଶତ୍ରୁତାବିହୀନ କାର୍ଯ୍ୟ ଏବଂ ସମାଲୋଚନାବିହୀନ ସହଯୋଗ ଆନନ୍ଦଦାୟକ ରହିବ। କିନ୍ତୁ ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣା ସଙ୍ଗକୁ ନିମ୍ନମାନର ବିଚାରଧାରା ବନ୍ଧୁମାନଙ୍କ ଗ୍ରହଣୀୟ ନ ହୋଇପାରେ। ଅନ୍ୟମାନଙ୍କର ଆପଣ ଯେତେ ଉପକାର କରିଥିଲେ ମଧ୍ୟ ଆତ୍ମୀୟମାନେ ସ୍ୱାର୍ଥସାଧନକୁ ଗୁରୁତ୍ୱ ଦେବେ।

**ମୀନ** ଆଜି ଆପଣଙ୍କ ମନ ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସାମାଜିକସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ଶୁଭଗ୍ରହ ପ୍ରଭାବରୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଆଜି ଯାତ୍ରା, ବାଣିଜ୍ୟ ଏବଂ କଚେରି ମାମଲାରେ ସନ୍ତୋଷଜନକ ଫଳ ପାଇବେ।

ଆଜି ଏପ୍ରିଲ ୨୨ ତାରିଖ। ଧରିତ୍ରୀ ଦିବସ, ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ, ବୈଶାଖ ଶୁକ୍ଳ ଷଷ୍ଠୀ ବୁଧବାର। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୭ମି. ଗତେ ଘ.୦୭।୦୮ମି. ମଧ୍ୟେ, ଘ.୧୦।୧୦ମି. ଗତେ ଘ.୧୧।୨୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୪୫ମି. ଗତେ ଘ.୦୧।୧୯ମି. ମଧ୍ୟେ ରାହୁ କାଳ।

## ପିକ୍‌ଅପ୍-ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

ବୈପାରିଗୁଡ଼ା,୨୧।୪ (କଳ୍ପତରୁ ମହାନ୍ତି): କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧୀନ ରାମଗିରି ଫାଣ୍ଡି ଅନ୍ତର୍ଗତ କାଳିଆଝୋଲି ଛକରେ ଭ୍ୟାନ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୨ ବାଇକ୍ ଆରୋହୀଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମଜାଗୁଡ଼ା ଗ୍ରାମର ରବିନନ୍ଦ ମସ୍ତି(୨୦) ଓ କାନ୍ଦଲିବେଡ଼ା ଗ୍ରାମର ନାବାଳକ ମହେଶ୍ୱର ପେନ୍ଦାପଡ଼ିଆ(୧୭)। ଡୁମୁରିଗୁଡ଼ା ଗ୍ରାମର କୃଷ୍ଣ ହନ୍ତାଲ(୧୯)ଗୁରୁତର ରହିଛନ୍ତି।




# ଗରିବଙ୍କୁ ଦିଆଯିବ ଫ୍ଲାଟ୍: ରାଜସ୍ୱମନ୍ତ୍ରୀ

## ସହରାଞ୍ଚଳବାସୀଙ୍କ ପାଇଁ ନୂଆ ରୂପରେ ଆସିବ 'ବସୁନ୍ଧରା'

ଭୁବନେଶ୍ୱର,୨୧।୪ (ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ଗରିବ ତଥା ନିମ୍ନମଧ୍ୟବିତ୍ତ ଶ୍ରେଣୀର ଲୋକ ଯେପରି ଜମି ଓ ଘର ଖଣ୍ଡିଏ ପାଇବେ ସେଥିପ୍ରତି ସରକାର ଯତ୍ନବାନ ଅଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ତଥାପି ସହରାଞ୍ଚଳରେ ବହୁ ଗରିବ ଏଥିରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରାଯିବ। ମହାରାଷ୍ଟ୍ର ମଡେଲରେ ଗରିବଙ୍କୁ ଫ୍ଲାଟ କରି ବଣ୍ଟନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଲୋକସେବା ଭବନରେ ମଙ୍ଗଳବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ଗ୍ରାମାଞ୍ଚଳରେ ଜମି ଅଧିକ ରହିଥିବାବେଳେ କମ୍ ଲୋକ ଭୂମିହୀନ ରହିଛନ୍ତି। 'ବସୁନ୍ଧରା' ଯୋଜନାରେ ସେମାନଙ୍କୁ ଜମି ଯୋଗାଇ ଦିଆଯାଉଛି। ମାତ୍ର ସହରାଞ୍ଚଳରେ ଲୋକ ଅଧିକ ରହିଥିଲେ ହେଁ ତାଙ୍କ ପାଇଁ ଆବଶ୍ୟକ ପରିମାଣର ଜମି ନାହିଁ। ସରକାରଙ୍କ ପକ୍ଷରୁ ବସୁନ୍ଧରା ଯୋଜନାର ରୂପରେଖ ବଦଳାଇ ନୂତନ ଯୋଜନା ଅଣାଯିବାକୁ ନଗର ଉନ୍ନୟନ ବିଭାଗ ସହିତ ଆଲୋଚନା ଶେଷ ହୋଇଛି। ଖୁବ୍‌ଶୀଘ୍ର ସରକାରଙ୍କ ପକ୍ଷରୁ ଏହି ନୂତନ ନୀତି କାର୍ଯ୍ୟକାରୀ କରାଯିବ। ଯେଉଁଠାରେ ଜମିର ଅଭାବ ରହିବ ସେଠାରେ ଘର ଦିଆଯିବ। ରାଜସ୍ୱ ବିଭାଗ ଜମି ଦେବ, ନଗର ଉନ୍ନୟନ ବିଭାଗ ଉନ୍ନୟନ କରିବ ଏବଂ ସହରାଞ୍ଚଳ ଗରିବମାନଙ୍କୁ ସରକାର-ଘରୋଇ ସହଭାଗିତା(ପିପିପି) ମଡେଲରେ ଫ୍ଲାଟ ନିର୍ମାଣ କରି ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଯେଉଁସବୁ ଅଞ୍ଚଳରେ ଅହେତୁକ ଭାବେ ଜମିର ଦର ବୃଦ୍ଧି ହୋଇଥିବା ଅଭିଯୋଗ ଆସୁଛି ତାହାକୁ ତର୍ଜମା କରିବାକୁ ଏକ କମିଟି ଗଠନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କମିଟି ଜମିର ବାସ୍ତବିକ ଦର କେତେ ହେବା କଥା ତାହା ଅନୁଧ୍ୟାନ କରି ରିପୋର୍ଟ ଦେଲେ, ସେହି ଅନୁସାରେ ଦର ପୁନର୍ନିର୍ଦ୍ଧାରଣ ଲାଗି ବିଚାର କରାଯିବ। ତେବେ ପ୍ରତ୍ୟେକ ୨ବର୍ଷରେ ଥରେ ଜମିର ଦର ନିର୍ଦ୍ଧାରଣ ହେବା ନିୟମ ରହିଛି। ସେହି ଅନୁସାରେ ଜମିର ପଞ୍ଜୀକରଣ ମୂଲ୍ୟ ଏବଂ ବାଜର ଦରକୁ ନେଇ ଜମିର ମୂଲ୍ୟାୟନ କରାଯାଇଥାଏ। ଯେଉଁଠାରେ ଏଭଳି ଅଭିଯୋଗ ରହିଛି ତାହାକୁ ବିଭାଗ ଅନୁଧ୍ୟାନ କରିବ ବୋଲି ମନ୍ତ୍ରୀ କହିଛନ୍ତି।

# ଟ୍ରେନ୍‌ରୁ ୧୩ ନାବାଳକଙ୍କୁ ଉଦ୍ଧାର କଲା ଶିଶୁ ସୁରକ୍ଷା ୟୁନିଟ୍

## ବିହାରରୁ ଯାଜପୁରକୁ ନିଆଯାଉଥିଲା

ଭଦ୍ରକ,୨୧।୪ (ସନାତନ ରାଉତ)

ବିହାରରୁ ଯାଜପୁର ରୋଡ୍ ଷ୍ଟେଶନ ଅଭିମୁଖେ ଆସିଥିବା ୧୩ ନାବାଳକଙ୍କୁ ସୋମବାର ରାତିରେ ଜନଶତାବ୍ଦୀ ଟ୍ରେନ୍‌ରୁ ଭଦ୍ରକ ଶିଶୁ ସୁରକ୍ଷା ୟୁନିଟ୍ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଜନଶତାବ୍ଦୀ ଏକ୍ସପ୍ରେସ୍‌ରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ନାବାଳକମାନଙ୍କୁ ଟ୍ରେନ୍ ଯୋଗେ ନିଆଯାଉଥିଲା। ସେମାନଙ୍କୁ ଜଣେ ବ୍ୟକ୍ତି ବିହାରରୁ ଟ୍ରେନ୍ ଯୋଗେ ନେଉଥିବାର ରାଜ୍ୟ ଶିଶୁ ସୁରକ୍ଷା ୟୁନିଟ୍ ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ଶିଶୁ ସୁରକ୍ଷା ୟୁନିଟ୍‌କୁ ଜଣାଇଥିଲା। ଶିଶୁ ସୁରକ୍ଷା ୟୁନିଟ୍ ଭଦ୍ରକ ରେଳ ଷ୍ଟେଶନରେ ପହଞ୍ଚି ରେଲ୍‌ୱେ ପୋଲିସ ସହାୟତାରେ ଜନଶତାବ୍ଦୀ ଟ୍ରେନ୍‌ରେ ଖୋଜାଖୋଜି କରିଥିଲା। ସେହି ସମୟରେ ଟ୍ରେନ୍ ଛାଡ଼ିଦେବାରୁ ସେମାନେ ଟ୍ରେନ୍‌ରେ ବଗି ପରେ ବଗି ଖୋଜି ସେମାନଙ୍କୁ ବାଉଦପୁର ଷ୍ଟେଶନ ନିକଟରେ ଠାବ କରିଥିଲେ। ତେବେ ଯାଜପୁର ରୋଡ୍ ଷ୍ଟେଶନରେ ପହଞ୍ଚିବା ପରେ ସେମାନଙ୍କୁ ଟ୍ରେନ୍‌ରୁ ଓହ୍ଲାଇ ଯାଞ୍ଚ ପରେ ଆଉ ଏକ ପ୍ୟାସେଞ୍ଜର ଟ୍ରେନ୍‌ରେ ଭଦ୍ରକ ଅଣାଯାଇଥିବା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କହିଛନ୍ତି। ସେମାନଙ୍କୁ ଆସିଆନାରେ ରଖାଯାଇଥିବା ବେଳେ ସାଙ୍ଗରେ ଆଣିଥିବା ବ୍ୟକ୍ତିଙ୍କୁ ରେଲ୍‌ୱେ ପୋଲିସ ଅଟକ ରଖିଛି। ଯାଜପୁରରେ ଏକ ମଦ୍ରାସାରେ ସେମାନଙ୍କୁ ପାଠ ପଢ଼ିବା ପାଇଁ ଅଣାଯାଇଥିବା ଉକ୍ତ ବ୍ୟକ୍ତି କହିଛନ୍ତି। ସେମାନଙ୍କ ଆଧାର କାର୍ଡ ଘର ଲୋକ ନେଇ ଆସିବା ପରେ ଯାଞ୍ଚ କରାଯାଇ ଛାଡ଼ି ଦିଆଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ମହାନ୍ତି କହିଛନ୍ତି।

# 'ଦୋଷୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ'

## ୩୧୫ ତହସିଲଦାରଙ୍କ ଖାତାରେ ରୟାଲଟି ଜମା ପ୍ରସଙ୍ଗ

ଭୁବନେଶ୍ୱର,୨୧।୪ (ରବିନାରାୟଣ ଜେନା)

ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟରୁ ସରକାରଙ୍କୁ ଯେଉଁ ଅର୍ଥ ମିଳିବା କଥା ତାହା ବାଟବଣା ହୋଇଥିବା ଘଟଣାକୁ ନେଇ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ଲୋକସେବାଭବନରେ ମଙ୍ଗଳବାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏହା ଏକ ସାଂଘାତିକ ପ୍ରସଙ୍ଗ। ଏହାର ଗୁରୁତ୍ୱକୁ ନେଇ ମୁଖ୍ୟଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଏବଂ ଅର୍ଥ ବିଭାଗ ପ୍ରମୁଖ ସଚିବଙ୍କ ସହିତ ବ୍ୟକ୍ତିଗତ ଭାବେ କଥା ହୋଇଛି। ପ୍ରମୁଖ ମହାଲେଖାକାରଙ୍କ ପକ୍ଷରୁ ଯେଉଁ ରିପୋର୍ଟ ପ୍ରଦାନ କରାଯାଇଛି ତାହାର ସତ୍ୟାସତ୍ୟ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ପ୍ରସଙ୍ଗରେ ଯିଏ ବି ଦୋଷୀ ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟରୁ ସଂଗ୍ରହ ଅର୍ଥ ରାଜକୋଷରେ ଡିପୋଜିଟ ନ ହୋଇ ତହସିଲଦାରମାନଙ୍କ ଖାତାରେ ୨୦୨୩ରୁ ୨୦୨୫ ଡିସେମ୍ବର ମଧ୍ୟରେ ହୋଇଥିବା ସଂକ୍ରାନ୍ତରେ 'ଧରିତ୍ରୀ' ପକ୍ଷରୁ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା। ତଥ୍ୟ ଅନୁଯାୟୀ, ଲଘୁ ଖଣିଜ ଦ୍ରବ୍ୟରୁ ରୟାଲଟି ଅର୍ଥ ବେଆଇନ ଭାବେ ତହସିଲଦାରଙ୍କ ଖାତାରେ ଜମା ହେବାକୁ ନେଇ ପ୍ରମୁଖ ମହାଲେଖାକାର ଡି. ସାହୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ। ସାହୁ ପତ୍ରରେ ଦର୍ଶାଇଥିଲେ, ଏହି ଅବଧି ମଧ୍ୟରେ ୩୧୫ ତହସିଲଦାରଙ୍କ ବ୍ୟାଙ୍କ ଖାତାରେ ୨୫୬.୮୧କୋଟି ଟଙ୍କାର ରୟାଲଟି ବନ୍ଧା ହୋଇଛି। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବାରୁ ତୁରନ୍ତ ଏହା ଉପରେ ପଦକ୍ଷେପ ନେବା ଲାଗି ପ୍ରମୁଖ ମହାଲେଖାକାର ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଥିଲେ।

# ଆଜି ଭାଜପାର ମହିଳା ଆକ୍ରୋଶ ଯାତ୍ରା

- ୨୪ ଓ ୨୫ରେ ସବୁ ସାଙ୍ଗଠନିକ ଜିଲାରେ ମହିଳା ଆକ୍ରୋଶ ସମ୍ମିଳନୀ
- ୨୭ରୁ ୨୯ ପର୍ଯ୍ୟନ୍ତ ସବୁ ମଣ୍ଡଳରେ ପଦଯାତ୍ରା

ଭୁବନେଶ୍ୱର, ୨୧।୪(ସୁନିତ୍ ମିଶ୍ର)

ରାଜନୀତି କ୍ଷେତ୍ରରେ ଦେଶରେ ମହିଳାମାନଙ୍କ ଭାଗୀଦାରିକୁ ବିରୋଧୀ ଦଳଗୁଡ଼ିକ ବିରୋଧ କରୁଛନ୍ତି। ଫଳରେ ମହିଳାମାନଙ୍କ ଭିତରେ ବିରୋଧୀଙ୍କୁ ନେଇ ଆକ୍ରୋଶ ସୃଷ୍ଟି ହୋଇଛି। ମହିଳାଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାଜପା ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ରାଜଧାନୀରେ ବିଶାଳ ମହିଳା ଆକ୍ରୋଶ ଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ବର୍ଗର ମହିଳା ଏହି ଯାତ୍ରାରେ ସାମିଲ ହେବେ। ଅପରାହ୍ନ ୪ଟା ସମୟରେ ଏହି ଆକ୍ରୋଶ ଯାତ୍ରା ପ୍ରଦର୍ଶନୀ ପଡ଼ିଆଠାରୁ ବାହାରି ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଯିବ। ଏହି ଅବସରରେ ଛୋଟ ଛୋଟ ପଥପ୍ରାନ୍ତ ସଭା ମଧ୍ୟ କରାଯିବ। ମହିଳା ଆକ୍ରୋଶ ରାଲିରେ ୫୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେବେ ବୋଲି ଭାଜପା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ପ୍ରଚେଷ୍ଟା କରୁଛନ୍ତି। ରାଜନୀତି କ୍ଷେତ୍ରରେ ସେମାନଙ୍କ ସଂରକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ନାରୀ ବନ୍ଦନ ଅଧିନିୟମ ଆଣିଥିଲେ। ଏହି ବିଲ୍ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିତାକୁ ଏହି ଅଧିନିୟମ ଦୃଢ଼ୀଭୂତ କରୁଥିଲା। ଅନ୍ୟପଟେ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିକୁ ବିରୋଧୀ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ଚାହୁଁନାହାନ୍ତି। ସେମାନେ କେବଳ ଭାଜପାକୁ ବିରୋଧ କରୁ ନ ଥିଲେ ବରଂ ସମଗ୍ର ମହିଳା ସମାଜକୁ ସଶକ୍ତୀକରଣ ନ କରାଇଦେବା ପାଇଁ ସଂସଦରେ ଏହି ଅଧିନିୟମ ବିରୋଧରେ କଂଗ୍ରେସ ସମେତ ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟି ପ୍ରମୁଖ ସମର୍ଥନ ଦେଇଥିବା ବେଳେ ବିଜେଡି ସେମାନଙ୍କୁ ସମର୍ଥନ ଜଣାଇଥିଲା। ଓଡ଼ିଶାର ମହିଳାମାନେ ଏହାକୁ କେବେ ହେଲେ କ୍ଷମା ଦେବେ ନାହିଁ ବୋଲି ସେ କହିଛନ୍ତି। ଏହାକୁ ନେଇ ଏହି ପ୍ରସଙ୍ଗରେ ଅନେକ ଜନସଚେତନତା କାର୍ଯ୍ୟକ୍ରମ କରାଯିବ। ଆସନ୍ତା ୨୪ ଓ ୨୫ରେ ରାଜ୍ୟର ସମସ୍ତ ସଙ୍ଗଠନିକ ଜିଲାରେ ମହିଳା ଆକ୍ରୋଶ ସମ୍ମିଳନୀ କରାଯିବ। ଆସନ୍ତା ୨୭ରୁ ୨୯ ପର୍ଯ୍ୟନ୍ତ ସବୁ ମଣ୍ଡଳରେ ମହିଳା ଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

# ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ: ବାଚସ୍ପତି ପାଢ଼ୀ

ପୁରୀ,୨୧।୪ (ଅଜିତ୍ କୁମାର ମହାନ୍ତି)

ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ପୁରୀଠାରେ ମଙ୍ଗଳବାର ବାଚସ୍ପତି କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକରଙ୍କ ଅଧ୍ୟକ୍ଷତାରେ ଏବଂ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ ଲଙ୍ଗକୁମେର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷତା କରି ବାଚସ୍ପତି ନରୱେକର ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଶଦ ଭାବେ ବ୍ୟାଖ୍ୟା କରିବା ସହ ଏହାର ପ୍ରଭାବ ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ସମ୍ବିଧାନ ବିଶେଷଜ୍ଞମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ



ସମ୍ମିଳନୀରେ ଯୋଗଦେଇଥିବା ଲୋକ ସଭା ସଚିବାଳୟର ନିର୍ଦ୍ଦେଶକ, ୪ ରାଜ୍ୟର ବାଚସ୍ପତି ଓ ବିଧାନସଭା ସଚିବ।

## ପୁରୀରେ ବାଚସ୍ପତି କମିଟି ସମ୍ମିଳନୀ

ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଉଚିତ। କାର୍ଯ୍ୟକ୍ରମରେ ସମ୍ବିଧାନ ବିଶେଷଜ୍ଞ ତଥା ମହାରାଷ୍ଟ୍ରର ପୂର୍ବତନ ମହାଧିବକ୍ତା ଶ୍ରୀହରି ଜୀ ଆନେ ଏବଂ ଓ ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ସମ୍ବିଧାନର ୧୦ମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିୟମକୁ କିପରି କଠୋର ଭାବେ ଲାଗୁ କରାଯାଇପାରିବ ସେ ସମ୍ପର୍କରେ ଆଇନଗତ ତର୍ଜମା କରିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ବିଧାନସଭାର ସଚିବଙ୍କ ସହ ଲୋକ ସଭା ସଚିବାଳୟର ନିର୍ଦ୍ଦେଶକ ଅଜୟ ସୁଦ୍, ନିର୍ଦ୍ଦେଶକ(କନ୍‌ଫରେନ୍ସ ଓ ପ୍ରୋଟୋକଲ ଶାଖା) ଯୁମନାମ ଅରୁଣ କୁମାର ଯୋଗ ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ।

ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି କମିଟିର ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ନରୱେକର ଓ ଓଡ଼ିଶାର ବାଚସ୍ପତି ପାଢ଼ୀ, କର୍ଣ୍ଣାଟକର ବାଚସ୍ପତି ଫରିଦ୍, ନାଗାଲାଣ୍ଡର ବାଚସ୍ପତି ଲଙ୍ଗକୁମେର୍ କହିଛନ୍ତି, ସମ୍ବିଧାନର ୧୦ମ ଅନୁଚ୍ଛେଦକୁ ଆହୁରି ପ୍ରଭାବଶାଳୀ କରିବାକୁ ପଡ଼ିବ। ଏହି କମିଟିର ପ୍ରଥମ ବୈଠକ ମହାରାଷ୍ଟ୍ରଠାରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତ୍ତୀ ସମ୍ମିଳନୀ କର୍ଣ୍ଣାଟକରେ ଆୟୋଜିତ ହେବ। ତେବେ ଦଳ ବଦଳକୁ କିପରି ରୋକାଯାଇପାରିବ ଏଥିପାଇଁ କିଭଳି ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ସବିଶେଷ ଆଲୋଚନା ହେବ। ୧୯୮୫ ମସିହାରେ ଏହି ଦଳବଦଳ ନିରୋଧ ଆଇନ ଲାଗୁ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏଥିରେ ବ୍ୟାପକ ସଂଶୋଧନ କରାଯାଇଛି। ଏହା ଦ୍ୱାରା ଜନପ୍ରତିନିଧିମାନେ ଜନସାଧାରଣଙ୍କ ଆସ୍ଥାଭାଜନ ହେବା ସହିତ ସଂସଦୀୟ ପରମ୍ପରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରହିପାରିବ।

# ନାରୀଙ୍କ ନାଁରେ ଭାଜପାର ରହିଛି କ୍ଷମତା ଷଡ଼ଯନ୍ତ୍ର: କଂଗ୍ରେସ

ଭୁବନେଶ୍ୱର,୨୧।୪ (ରବିନାରାୟଣ ଜେନା)

କେନ୍ଦ୍ରର ଭାଜପା ସରକାରଙ୍କ ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଲ୍-୨୦୨୬ ମହିଳାଙ୍କ ସଶକ୍ତୀକରଣ ପାଇଁ ଯେତିକି ଉଦ୍ଦିଷ୍ଟ ନୁହେଁ, ତା'ଠାରୁ ଅଧିକ ଥିଲା କ୍ଷମତା ହାସଲ କରିବାର ଷଡ଼ଯନ୍ତ୍ର ବୋଲି ଏଆଇସିସି ମୁଖପାତ୍ର ମହିମା ସିଂ କହିଛନ୍ତି। କଂଗ୍ରେସ ଭବନରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସଂସଦରେ ପରାଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟବସ୍ଥା ଆତଙ୍କିତ ଅବସ୍ଥାରେ ଅଛି। ଭାଜପା ଘରକୁ ଘର ଯିବା କଥା କହୁଛି।ପୁଣି ମିଛ ପ୍ରଚାର କରୁଛି। ଆଗାମୀ ଦିନରେ ମହିଳାମାନେ ଏହାର ଉଚିତ ଜବାବ ଦେବେ।

ମହିମା କହିଥିଲେ, ଦେଶବାସୀ ବଜେଟ ଅଧିବେଶନ ସମୟରେ ସେହି ଦୃଶ୍ୟକୁ ଭୁଲି ନ ଥିଲେ, ଯେତେବେଳେ ପ୍ରଧାନମନ୍ତ୍ରୀ ସଂସଦରୁ ପଳାଇ ଯାଇଥିଲେ। କାରଣ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପ୍ରଧାନମନ୍ତ୍ରୀଙ୍କୁ ଚେତାବନୀ ଦେଇଥିଲେ ଯେ, ବିରୋଧୀ ମହିଳା ସାଂସଦଙ୍କଠାରୁ ସେ ବିପଦରେ ଅଛନ୍ତି। ଏହାକୁ ନେଇ ଏପ୍ରିଲରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଅଣାଯାଇଥିଲା। ବିଲ୍ ପାସ୍ ହେବାର ମାତ୍ର ୨୪ ଘଣ୍ଟା ପୂର୍ବରୁ ନାରୀ ଶକ୍ତି ବନ୍ଦନ ଆଇନ (ସଂଶୋଧନ) ବିଲ୍‌ର ଏକ ଡ୍ରାଫ୍ଟ ଏମ୍‌ପିମାନଙ୍କୁ ବଣ୍ଟନ କରାଯାଇଥିଲା, ଯେଉଁଥିରେ ମନଇଚ୍ଛା ସୀମା ନିର୍ଦ୍ଧାରଣ ପାଇଁ ଆହ୍ୱାନ ଦିଆଯାଇଥିଲା ବୋଲି ମହିମା କହିଛନ୍ତି। ବାସ୍ତବରେ ଧାରା ୩୩୪(ବି) ଅନୁଯାୟୀ, କୌଣସି ଜାତି ଜନଗଣନା, ଜନଗଣନା କମିଶନ ଏବଂ ବିଶେଷଜ୍ଞଙ୍କ ସହିତ କୌଣସି ପରାମର୍ଶ କରାଯାଇ ନ ଥିଲା। ଏହା କେବଳ ମହିଳା ସଶକ୍ତୀକରଣ ନାମରେ ବିଲ୍‌କୁ ପାରିତ କରି କ୍ଷମତା ବଜାୟ ରଖିବାର ଏକ ଷଡ଼ଯନ୍ତ୍ର ଥିଲା ବୋଲି ମହିମା କହିଥିଲେ।

ସେ କହିଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଦୂରଦୃଷ୍ଟି ଯୋଗୁ କଂଗ୍ରେସ ନିଃସର୍ତ୍ତ ଭାବରେ ୭୩ତମ ଓ ୭୪ତମ ସଂଶୋଧନ କାର୍ଯ୍ୟକାରୀ କରିଥିଲା। ଭାଜପା ୨୦୧୪ ପରେ ମଧ୍ୟ ମହିଳା ଅଧିକାର ପ୍ରସଙ୍ଗକୁ ସ୍ଥଗିତ ରଖିଥିଲା। ତେଣୁ ଏହା ମହିଳା ଶକ୍ତି ପ୍ରତି ବନ୍ଦନ ନୁହେଁ, ବରଂ ଭାଜପାର ବିଫଳତାର କ୍ରନ୍ଦନ ବୋଲି ମହିମା କହିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସର ଉପ ସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏଆଇସିସି ମୁଖପାତ୍ର ମହିମା ସିଂ ଓ ଅନ୍ୟମାନେ।

# ବୋଲଗଡ଼, ବେଗୁନିଆ ପ୍ରତି ଜାନକୀବଲ୍ଲଭଙ୍କ ଅବଦାନ ଉଲ୍ଲେଖନୀୟ


ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ

ଖୋର୍ଦ୍ଧା,୨୧।୪ (ପ୍ରଭାତ ପାଣିଗ୍ରାହୀ)

ଜାନକୀବଲ୍ଲଭ ସ୍ମୃତି କମିଟି ଆନୁକୂଲ୍ୟରେ ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଏକାଦଶତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଜାନକୀବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳ ୭ଟାରେ କ୍ଲବ ମର୍ନିଂଷ୍ଟାର ପକ୍ଷରୁ ଟାଉନ ହଲ୍‌ଠାରୁ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା। କ୍ଲବ ମର୍ନିଂଷ୍ଟାରର ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ ପରିଚାଳନା କରିଥିଲେ। ଉଦ୍ୟାନ ପରିସରରେ ଥିବା ଜାନକୀ ବଲ୍ଲଭଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସମାବେଶରେ ସ୍ମୃତି କମିଟି ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୋଲଗଡ଼ ଓ ବେଗୁନିଆ ପ୍ରତି ଜାନକୀବଲ୍ଲଭଙ୍କ ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ସେହିପରି ପୂର୍ବତନ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ ଜାନକୀ ବଲ୍ଲଭଙ୍କ ସାରସ୍ୱତ ସାଧନା ଓ ରାଜନୈତିକ ପୃଷ୍ଠଭୂମି ସମ୍ପର୍କରେ କହିଥିଲେ। ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ଲୋତକବିନ୍ଦୁ ପଟ୍ଟନାୟକ ତାଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ ବୋଲି କହିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲକ୍ଷ୍ୟସ୍ଥଳ ସ୍ଥିର କରି ଆଗକୁ ବଢ଼ିବାକୁ କହିଥିଲେ। ସେହିପରି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଥିଲେ, ଓଡ଼ିଶାର ବିକାଶ ପାଇଁ ଶିଳ୍ପର ଆବଶ୍ୟକତା ରହିଛି ବୋଲି ଜାନକୀବଲ୍ଲଭ ଅନୁଭବ କରିଥିଲେ। ତେଣୁ ସେ ହଜାରେ ଦିନରେ ହଜାର ଶିଳ୍ପ ପ୍ରତିଷ୍ଠା କରି ଶିଳ୍ପ ଅଭିବୃଦ୍ଧିର ମୂଳଦୁଆ ପକାଇଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାହିତ୍ୟିକ ଅଭିରାମ ବିଶ୍ୱାଳ ଜାନକୀ ବଲ୍ଲଭଙ୍କ ଛାତ୍ର ଜୀବନୀ, ସାରସ୍ୱତ ସାଧନା, ସାମ୍ବାଦିକତା ଏବଂ ଜଣେ ସଫଳ ରାଜନୈତିକ ପୃଷ୍ଠଭୂମି ଉପରେ କହିଥିଲେ। ଏହି ଅବସରରେ ଗଣଦୌଡ଼ ବିଜେତା ଏବଂ ଦୁଇ ଜଣ ସେନାନିବୃତ୍ତ କର୍ମଚାରୀଙ୍କୁ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ପରିଷଦର ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠିତ

## ମୁଖ୍ୟ ଶାସନ ସଚିବ ରହିବେ ବୋର୍ଡର ଅଧ୍ୟକ୍ଷ

ଭୁବନେଶ୍ୱର, ୨୧।୪(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ତୃତୀୟଲିଙ୍ଗୀମାନଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ସହ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରିବାକୁ ଏହି ବୋର୍ଡ ଗଠନ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡରେ ମୋଟ୍ ୧୨ ଜଣ ରହିବେ। ଏଥିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ବା ସଚିବ ବୋର୍ଡର ଉପାଧ୍ୟକ୍ଷ ରହିବେ। ଉକ୍ତ ବିଭାଗର ନିର୍ଦ୍ଦେଶକ ବୋର୍ଡର ସଦସ୍ୟ ସଚିବ ରହିବେ। ଏହି ୩ ଜଣଙ୍କୁ ବାଦ୍ ଦେଇ ଆହୁରି ୯ ଜଣ ସଦସ୍ୟ ରହିବେ। ସେଥିରେ ପୋଲିସ ଡିଜି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ, ମହିଳା ଓ ଶିଶୁ କଲ୍ୟାଣ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚଶିକ୍ଷା ଓ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ଜଣେ ଲେଖାଏ ପ୍ରତିନିଧିଙ୍କୁ ସଦସ୍ୟ ରଖାଯିବ।

# ୩ ଦିନ ପରେ ନିଖୋଜ ଶିକ୍ଷୟିତ୍ରୀ ଉଦ୍ଧାର

## ଜନଗଣନା କାର୍ଯ୍ୟ ଚାପରେ ଲୁଚିଥିଲେ

ବାରିପଦା, ୨୧।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜନଗଣନା କାର୍ଯ୍ୟ ଚାପରେ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଢେଙ୍କିନେଞ୍ଜିଆ ୟୁପିଟିଓ ସ୍କୁଲର ନିଖୋଜ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ମଙ୍ଗଳବାର ପୋଲିସ ବାଲେଶ୍ୱର ରେଳଷ୍ଟେଶନରୁ ଉଦ୍ଧାର କରିଛି। ସୂଚନାଯୋଗ୍ୟ, ଗତ ୧୮ତାରିଖରେ ଶିକ୍ଷୟିତ୍ରୀ ସାହୁ ସ୍କୁଲ ଓ ଜନଗଣନା କାର୍ଯ୍ୟରେ ଯାଇ ସେ ରହୁଥିବା ଭଡ଼ାଘରକୁ ଫେରି ନ ଥିଲେ। ଏନେଇ ଘର ମାଲିକ ସୁରେଶ ଚନ୍ଦ୍ର ସି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଯାଞ୍ଚ ପରେ ଶିକ୍ଷୟିତ୍ରୀ ଜଣକ ମଧ୍ୟାହ୍ନ ସମୟରେ ବାରିପଦା ରେଳ ଷ୍ଟେଶନକୁ ଏକାକୀ ଯିବା ଓ ଟ୍ରେନରେ ଚଢ଼ିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପରେ ବାଲେଶ୍ୱର ରେଳ ଷ୍ଟେଶନର ସିସିଟିଭି ଯାଞ୍ଚରୁ ସେ ଟ୍ରେନରୁ ଓହ୍ଲାଇ ଯାତ୍ରୀ ବିଶ୍ରାମାଗାରକୁ ଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ମଙ୍ଗଳବାର ଶିକ୍ଷୟିତ୍ରୀ ଜଣକ ପାଣି ନେବାକୁ ବାହାରକୁ ବାହାରିବା ସମୟରେ ପୋଲିସ ତାଙ୍କୁ ଉଦ୍ଧାର କରି ବାରିପଦା ଆଣିଛି। ପରିବାର ଲୋକଙ୍କୁ ଡାକି ତାଙ୍କୁ ହସ୍ତାନ୍ତର କରିବ ବୋଲି ପୋଲିସ କହିଛି।

" ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। –ଶ୍ରୀଅରବିନ୍ଦ

-ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ



# ଅଭିବୃଦ୍ଧି ଅଙ୍କ

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୨୧ ଏପ୍ରିଲରେ ୩୨ ପଇସା କମି ୯୩.୪୮ ଟଙ୍କାକୁ ଛୁଇଁଛି। ପଶ୍ଚିମ ଏସିଆ ସଙ୍କଟଜନିତ ଆର୍ଥିକ ଅନିଶ୍ଚିତତା ଲାଗି ରହୁଥିବାରୁ ଭାରତୀୟ ପୁଞ୍ଜିବଜାର ଅସ୍ୱାଭାବିକ ସ୍ଥିତିରେ ରହିଛି। ଅସ୍ଥିର ବଜାରକୁ ଦେଖି କେବଳ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ନୁହେଁ, ଘରୋଇ ନିବେଶକାରୀମାନେ ଅର୍ଥ ଉଠାଇବାରେ ଲାଗିଛନ୍ତି। ଅନେକ କାରଣ ସହିତ ଅନ୍ୟତମ କାରଣ ଭାବେ ନିବେଶକମାନେ ଆମେରିକୀୟ ଡଲାର ଆକାରରେ ଅର୍ଥ ଉଠାଣ କରୁଥିବାରୁ ଭାରତରେ ସେହି ବିଦେଶୀ ମୁଦ୍ରା କମିବାରେ ଲାଗିଛି।

ଭାରତୀୟ ମୁଦ୍ରା କାହିଁକି ଦୁର୍ବଳ ହେଉଛି ତାହାକୁ ଖୋଜି ବାହାର କରିବାରେ କାହାରି ଇଚ୍ଛା ଥିବାଭଳି ମନେହେଉ ନାହିଁ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ସହିତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଖ୍ୟ ଦାୟିତ୍ୱ ହେବା କଥା ଦେଶର ମୁଦ୍ରାର ମୂଲ୍ୟ ଜଗିବା। ମୂଲ୍ୟ ଯଦି ହ୍ରାସ ହେଉଛି ତାହା ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ। ଭାରତର ଅର୍ଥନୀତି ଏବେ ସେହି ସ୍ଥିତିର ସମ୍ମୁଖୀନ ହେଉଛି। ଦେଶରେ ଘଟୁଥିବା ଅର୍ଥନୈତିକ ଅସ୍ଥିରତାର ପ୍ରଭାବ ସାଧାରଣ ନାଗରିକର ଜୀବନରେ ଅନୁଭୂତ ହେବାକୁ ଆରମ୍ଭ କଲାଣି। ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପଛରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କାରଣ ରହିଛି। ତେବେ ଏହିସବୁ କାରଣ ମଧ୍ୟରୁ ଗୋଟିଏ ପ୍ରମୁଖ ସମସ୍ୟାକୁ କେହି ଇଙ୍ଗିତ କରୁନାହାନ୍ତି। ସମସ୍ତେ କେବଳ ଅଭିବୃଦ୍ଧି ଅଙ୍କକୁ ପ୍ରଦର୍ଶନ କରି ପ୍ରଚାର କରୁଛନ୍ତି। ଅନ୍ୟପଟେ କହିଲେ ପୂର୍ବରୁ ଯେଭଳି ମୁକ୍ତ ଭାବେ ମୁଦ୍ରା କାରବାର ହେଉଥିଲା, ବର୍ତ୍ତମାନର ଆର୍ଥିକ ସ୍ଥିତି ଦେଖିଲେ କଟକଣା ଲାଗୁ କରିବାକୁ ଶୀର୍ଷ ନୀତି ନିର୍ଦ୍ଧାରକ ସଂସ୍ଥା ପଦକ୍ଷେପ ନେଉଥିବା କହୁଛନ୍ତି। ଯଦି କୌଣସି କଟକଣା ଜାରି କରାଯାଏ, ତେବେ ଭବିଷ୍ୟତରେ କୌଣସି ବିଦେଶୀ ପୁଞ୍ଜିନିବେଶକ ଭାରତୀୟ ବଜାରରେ ଅର୍ଥ ଲଗାଇବାକୁ ଇଚ୍ଛା କରିବେ ନାହିଁ। କଟକଣା ମାତ୍ର କିଛି ସମୟ ପାଇଁ ସ୍ଥିତି ସମ୍ଭାଳିପାରେ। କିନ୍ତୁ ଦୀର୍ଘମିଆଦୀ କ୍ଷତି ନିଶ୍ଚିତ ଭାବେ ପହଞ୍ଚିବ। ଏଭଳି ହଲପ୍ ଦେଇ କହିବାର ଅର୍ଥ ହେଲା ଭାରତରେ ନୀତି ନିର୍ଦ୍ଧାରକମାନେ ଦେଶର ଅଭିବୃଦ୍ଧି ଅଙ୍କକୁ ବଢ଼ାଇ କରି ଦେଖାଇବାରେ ବ୍ୟସ୍ତ।

> ଦେଶରେ ଘଟୁଥିବା ଅର୍ଥନୈତିକ ଅସ୍ଥିରତାର ପ୍ରଭାବ ସାଧାରଣ ନାଗରିକର ଜୀବନରେ ଅନୁଭୂତ ହେବାକୁ ଆରମ୍ଭ କଲାଣି। ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପଛରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କାରଣ ରହିଛି। ତେବେ ଏହିସବୁ କାରଣ ମଧ୍ୟରୁ ଗୋଟିଏ ପ୍ରମୁଖ ସମସ୍ୟାକୁ କେହି ଇଙ୍ଗିତ କରୁନାହାନ୍ତି। ସମସ୍ତେ କେବଳ ଅଭିବୃଦ୍ଧି ଅଙ୍କକୁ ପ୍ରଦର୍ଶନ କରି ପ୍ରଚାର କରୁଛନ୍ତି।

ସେମାନଙ୍କର ଏଭଳି ମାନସିକତା ଉପୁଜିବା ପଛରେ ଭାରତୀୟ ଅର୍ଥ ବ୍ୟବସ୍ଥା ରାଜନୈତିକ ଚାପଠାରୁ ଅଲଗା ହୋଇପାରୁ ନାହିଁ। ବିଗତ ଦିନରେ ବିମୁଦ୍ରୀକରଣଠାରୁ ଆରମ୍ଭ କରି ଯେତେ ବଡ଼ ପଦକ୍ଷେପ ନିଆଯାଇଛି, ସେଥିରେ ରାଜନୈତିକ ହସ୍ତକ୍ଷେପ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଏକ ସ୍ୱାଧୀନ ନୀତି ନିର୍ଦ୍ଧାରଣ ବ୍ୟବସ୍ଥା ଗଢ଼ିଉଠୁ ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ଆର୍ଥିକ ମାନ୍ଦାବସ୍ଥା ଭଳି ସ୍ଥିତି ଉପୁଜିଲା ବେଳକୁ ଏଠାରେ ସୁଧାର ଆସିପାରୁ ନାହିଁ।

ବର୍ତ୍ତମାନ ଡଲାର ତୁଳନାରେ ଭାରତୀୟ ମୁଦ୍ରା କ୍ରମାଗତ ଦୁର୍ବଳ ହେବାରେ ଲାଗିଛି। ଆର୍‌ବିଆଇ ସହ ଅନ୍ୟାନ୍ୟ ଆର୍ଥିକ ନୀତି ନିର୍ଦ୍ଧାରଣ ଦିଗରେ କାର୍ଯ୍ୟ କରୁଥିବା ଥିଙ୍କ୍‌ଟ୍ୟାଙ୍କ୍‌କୁ ବ୍ୟାଙ୍କିଙ୍ଗ୍, ମୁଦ୍ରା କାରବାର ଓ ବଜାର ନିୟନ୍ତ୍ରଣ ଲାଗି ସ୍ୱାଧୀନ ଭାବେ ଦାୟିତ୍ୱ ଦିଆଯାଇପାରିଲେ ହୁଏତ ସ୍ଥିତିରେ ଉନ୍ନତି ଆସିପାରନ୍ତା। କିନ୍ତୁ ସେହି ବିଶ୍ୱାସ ଓ ଭରସା ଦେବାର ଦାୟିତ୍ୱ ରାଜନୈତିକ ବ୍ୟବସ୍ଥା କେବେ ଅର୍ପଣ କରିବ ତାହା କେହି ଜାଣି ନାହାନ୍ତି। ଏଠାରେ ମନେରଖିବାକୁ ହେବ ଯେ, ପାଶ୍ଚାତ୍ୟ ଅର୍ଥନୀତି ବିଭିନ୍ନ ଐତିହାସିକ କାରଣରୁ ସୁସ୍ଥ ସବଳ ରହିଆସିଥିଲା। ଏବେ ସେଗୁଡ଼ିକରେ ବି ଫାଟ ଦିଶିଲାଣି। ଅନ୍ୟପଟେ ଭାରତ ଭଳି ଏକ ଦୁର୍ବଳ ଅର୍ଥନୀତିକୁ ଜଗିରଖିବା ହେବା କଥା ରାଜନୈତିକ ନେତୃବୃନ୍ଦଙ୍କ ପ୍ରମୁଖ ଦାୟିତ୍ୱ। ଦୁଃଖର ବିଷୟ ପ୍ରଚାର ପ୍ରସାରକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଚାହିଦା ଅନୁଯାୟୀ ସୁରକ୍ଷା ମିଳିପାରୁ ନାହିଁ।

# ମୋତେ କୃଷକ କୁହନା



ଅକ୍ଷୟ କୁମାର ମିଶ୍ର

ଖରା, ବର୍ଷା, ଶୀତ, କାକରକୁ ତିଳେମାତ୍ର ଖାତିର ନ କରି ଯିଏ ନିଜ ମୁଣ୍ଡଝାଳ ତୁଣ୍ଡରେ ମାରି, ହାଡ଼ଭଙ୍ଗା ପରିଶ୍ରମ କରି ମାଟିରେ ସୁନା ଫଳାଏ ସେ କୃଷକ। ଦେଶବାସୀଙ୍କୁ ସେ ଆହାର ଯୋଗାଉଥିବାରୁ ସେ ଅନ୍ନଦାତା। ଏଥିପାଇଁ ସେ ଗର୍ବ ଅନୁଭବ କରୁଥିଲା, ଛାତି ଫୁଲେଇ କହୁଥିଲା "ମୁଁ କୃଷକ"। ଆଜି କିନ୍ତୁ ନିଦରେ ବିଳିବିଳେଇଲା ପରି ସେ କହୁଛି "ମୋତେ କୃଷକ କୁହନା। ମୁଁ କୃଷକ ହେବାକୁ ଚାହେଁନା"। ଏହି କଥା କହିବା ବେଳେ ମନେହୁଏ ସେ ଯେମିତି ଏକ ଅବ୍ୟକ୍ତ ଯନ୍ତ୍ରଣା ଅନୁଭବ କରୁଛି। ଯାହା ହୁଏତ କହିବା କଥା ନୁହେଁ ସେ ବାଧ ହୋଇ କହୁଛି। ଏହା ପଛର କାରଣ ଗୁଡ଼ିକ କ'ଣ ? କାହିଁକି ସେ କୃଷକ ହେବାକୁ ଚାହୁଁ ନାହିଁ ?

ଆମ ଦେଶ ଏକ କୃଷି ପ୍ରଧାନ ଦେଶ। ମୋଟ୍ ଜନସଂଖ୍ୟାର ସତୁରି ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ଥିଲେ। କିନ୍ତୁ ଏବେ ଦେଖାଯାଉଛି ବହୁ ଲୋକ କୃଷି ପ୍ରତି ବିମୁଖ। ଯୁବ ସମାଜର ଏକ ବଡ଼ ଦାଦନ ହେବାକୁ ଶ୍ରେୟ ମଣୁଛନ୍ତି। କିନ୍ତୁ କୃଷକ ନୁହେଁ। ଏହାର ପ୍ରମୁଖ କାରଣ ହେଲା ଅନିଶ୍ଚିତତା। କୃଷି କାର୍ଯ୍ୟ କେବେ ହେବ, ଏ ବର୍ଷ ପାଗ ଅନୁକୂଳ ହେବ ନା ନାହିଁ, ଫଳନ କେତେ ହେବ, ବିକ୍ରିବଟା କେମିତି ହେବ, ଲାଭ କେତେ ହେବ, ସବୁଥିରେ ଅନିଶ୍ଚିତତା। କାହିଁକି ତା' ମନରେ ଏ ପ୍ରକାର ଅହେତୁକ ଭୟ ? କୃଷି ଏକ ସ୍ୱାଧୀନ ବୃତ୍ତି ଏବଂ ଆତ୍ମନିର୍ଭରଶୀଳତାର ଶ୍ରେଷ୍ଠ ମାଧ୍ୟମ ହୋଇଥିବା ବେଳେ ଅଧିକାଂଶ ଲୋକ ବିଶେଷକରି ଯୁବଗୋଷ୍ଠୀ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି କାହିଁକି ? ଆସନ୍ତୁ କିଛି କଥା ଆଲୋଚନା କରିବା।

ଯେକୌଣସି କୃଷି ମୃତ୍ତିକା, ପାଣି, ଜଳବାୟୁ ଉପରେ ନିର୍ଭର କରେ। ଏହାବାଦ୍ ବିହନ, ସାର ଓ କୀଟନାଶକ ଔଷଧ, ଆଧୁନିକ ଯନ୍ତ୍ରପାତି ତଥା ବୈଷୟିକ ଜ୍ଞାନ ମଧ୍ୟ ଉନ୍ନତ କୃଷି ପାଇଁ ଆବଶ୍ୟକ। ଫସଲର ବିକ୍ରି ପାଇଁ ବଜାର ଦରକାର। ସଞ୍ଚୟ କରି ରଖିବା ପାଇଁ ଶୀତଳ ଭଣ୍ଡାର ଜରୁରୀ। ମୃତ୍ତିକା କଥା ଛାଡ଼ନ୍ତୁ। ଏହା ପ୍ରକୃତିର ଦାନ। ସବୁ ମାଟିରେ ସବୁ ଫସଲ ହୁଏନା। ପୁଣି ଏକ ନିର୍ଦ୍ଦିଷ୍ଟ ମୃତ୍ତିକାରେ ଦୀର୍ଘ ଦିନ ଧରି ଗୋଟିଏ ପ୍ରକାର ଫସଲ କଲେ ଏହାର ଉର୍ବରତା ହ୍ରାସ ପାଇବ, ଫଳ ମଧ୍ୟ କମିବ। କୃଷକଙ୍କ ଭିତରେ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଯେଉଁ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି, ସେହି ସୁବିଧା ଏଠାରେ ପର୍ଯ୍ୟାପ୍ତ ନଥିବା ହେତୁ କୃଷକମାନେ କୃଷି ପ୍ରତି ଆଗ୍ରହ ପ୍ରଦର୍ଶନ କରୁ ନାହାନ୍ତି। ଫଳନରେ ଅନିଶ୍ଚିତତାର ଏହା ଏକ କାରଣ ହୋଇ ଆମ ଦେଶରେ ଦଣ୍ଡାୟମାନ ହୋଇଛି।

ଦ୍ୱିତୀୟ ଅନିଶ୍ଚିତତା ହେଲା ଜଳ ଓ ଜଳବାୟୁ। ପାଣି ପାଇଁ ମୌସୁମୀକୁ ଚାତକ ପରି ଅପେକ୍ଷା କରିବାକୁ ପଡ଼େ। ଅର୍ଥାତ୍ ମୌସୁମୀ ଯେମିତି ଅନିଶ୍ଚିତ ଏଠାରେ କୃଷି କାର୍ଯ୍ୟ ସେମିତି ଅନିଶ୍ଚିତ। ଯେଉଁ ବର୍ଷ ବର୍ଷାର ପରିମାଣ ଚାଷ ପାଇଁ ଉପଯୁକ୍ତ ରହିଲା ସେ ବର୍ଷ ହୁଏତ ଫଳନ ଠିକ୍‌ଠାକ୍ ରହିଲା। ନଚେତ୍ ଜଳ ବିହୁନେ ମରୁଡ଼ି ହୋଇ ସମୂଳେ ନାଶ। କୃଷକମାନେ ଧାର କରଜ କରି ଯେଉଁ ଚାଷ କରିଥାନ୍ତି ଜଳ ଜନିତ କାରଣରୁ ନଷ୍ଟ ହୋଇଗଲା ପରେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଉଛି। ଏହି ଅନିଶ୍ଚିତତାରୁ ମୁକ୍ତି ପାଇଁ ଜଳସେଚନ ଉପରେ ଯେମିତି ଗୁରୁତ୍ୱ ଦେବା କଥା ତାହା ହୋଇନାହିଁ। ହିସାବରୁ ଜଣାଯାଏ ଦେଶରେ ମୋଟ୍ ଚାଷୋପଯୋଗୀ ଜମିର ପରିମାଣ ୧୫୯.୬ ନିୟୁତ ହେକ୍ଟର ହୋଇଥିବା ବେଳେ ୫୮.୩ ନିୟୁତ ହେକ୍ଟର ଜମିକୁ ଜଳ ଯୋଗାଇବାରେ ଆମେ ସକ୍ଷମ ହୋଇପାରିଛୁ। ଅର୍ଥାତ୍ ଦୁଇ ତୃତୀୟାଂଶ ଚାଷ ଜମିରେ ଚାଷ ପାଇଁ ବର୍ଷା ହିଁ ଏକମାତ୍ର ଭରସା।



ତୃତୀୟରେ ଆମ ଦେଶର କୃଷକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ସମ୍ପ୍ରତି କୃଷିରେ ଯେତିକି ଅର୍ଥ ବିନିଯୋଗ କରିବାକୁ ପଡ଼େ ସେଥିରେ ସେମାନେ ଅସମର୍ଥ। ଫଳରେ ଋଣ ଉପରେ ଭରସା କରିବାକୁ ପଡ଼ିଥାଏ। କିନ୍ତୁ ଅଶୀ ପ୍ରତିଶତରୁ ଊର୍ଦ୍ଧ୍ୱ କୃଷକଙ୍କର ନିଜର ଜମି ନଥିବା ହେତୁ ଏମାନେ ଅନ୍ୟର ଜମିରେ ଚାଷ କରନ୍ତି, ଯେଉଁମାନଙ୍କୁ ଭାଗଚାଷୀ କୁହାଯାଏ। ଏମାନଙ୍କ ପାଇଁ କୃଷି ଋଣ କିମ୍ବା ଅନ୍ୟାନ୍ୟ ସରକାରୀ ସହାୟତା ମିଳେ ନାହିଁ। ଫଳରେ ମହାଜନି ଋଣ ଆଣି ଏମାନଙ୍କୁ ଚାଷରେ ବିନିଯୋଗ କରିବାକୁ ପଡ଼େ। ସୁଧର ଚାପରେ କୃଷକମାନେ ଏକ ନିଶ୍ଚିତ ଭବିଷ୍ୟତ ଦେଖିପାରୁନାହାନ୍ତି।

ଚତୁର୍ଥ କଥାଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଉତ୍ପାଦିତ ଫସଲର ବିକ୍ରି ନିମନ୍ତେ ବଜାର ଓ ଏହାର ସହାୟକ ମୂଲ୍ୟ। ଆମ ଦେଶରେ ୧୯୬୫ରେ ଏଫ୍.ସି.ଆଇ. ପ୍ରତିଷ୍ଠା ହେବା ପରେ ଫସଲର ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସରକାର ନିଷ୍ପତ୍ତି କଲେ, ତାହା ପୁଣି ମାତ୍ର ୨୩ଟି ଫସଲର। କିନ୍ତୁ ବାସ୍ତବତା ହେଉଛି ସରକାର କେବଳ ଧାନ ଓ ଗହମ ବ୍ୟତୀତ ଅନ୍ୟ କୌଣସି ଶସ୍ୟ କିଣନ୍ତି ନାହିଁ। ଫଳରେ ଅନ୍ୟ ସମସ୍ତ ଫସଲର ସହାୟକ ମୂଲ୍ୟ ନିର୍ଦ୍ଧାରଣ ଧର୍ମକୁ ଆଖିଠାର। ପୁଣି ଏହି ଧାନ ଓ ଗହମର ସହାୟକ ମୂଲ୍ୟ ନିର୍ଦ୍ଧାରଣରେ ସ୍ୱାମୀନାଥନ୍‌ଙ୍କ ସୁପାରିସକୁ ଆଖି ବୁଜି ଦିଆଯାଏ। ଫଳରେ ଫସଲର ଉପଯୁକ୍ତ ମୂଲ୍ୟ ପାଇବାରୁ କୃଷକମାନେ ବଞ୍ଚିତ ହୁଅନ୍ତି। ପୁନଶ୍ଚ ଯାହା ବି ସହାୟକ ମୂଲ୍ୟ ନିର୍ଦ୍ଧାରଣ ହୁଏ ତାହା ମଧ୍ୟ ଅଧିକାଂଶ କୃଷକ ପାଆନ୍ତି ନାହିଁ। ଏହାର ପ୍ରଥମ କାରଣ ଭାଗଚାଷୀଙ୍କଠାରୁ ଧାନ କିମ୍ବା ଗହମ କିଣିବାର ସରକାରୀ ବ୍ୟବସ୍ଥା ନାହିଁ। ଅନ୍ୟ କାରଣଗୁଡ଼ିକ ମଧ୍ୟରେ ସମୟ ଅନୁସାରେ ମଣ୍ଡି ଖୋଲେ ନାହିଁ, ଯେତିକି ମଣ୍ଡି ଆବଶ୍ୟକ ତା'ର ଏକ ଚତୁର୍ଥାଂଶରୁ କମ୍ ମଣ୍ଡି ସରକାର ଖୋଲନ୍ତି, ଚାଷୀ ପଞ୍ଜୀକରଣରେ ଜଟିଳତା, କୁଇଣ୍ଟାଲ୍ ପିଛା ଦଶ ବାର କେଜି କଟ୍‌ନି ଛଟ୍‌ନି ବାବଦକୁ କାଟିବା, ଆକାଉଣ୍ଟକୁ ଅର୍ଥ ପଠାଇବାରେ ବିଳମ୍ବ ହେବା। ଫଳରେ କୃଷକମାନେ କ୍ରମାଗତ କ୍ଷତି ସହୁଛନ୍ତି ଏବଂ ଋଣ ଯନ୍ତାରେ ପଡ଼ି ମାନସିକ ଯନ୍ତ୍ରଣା ପାଉଛନ୍ତି।

ପଞ୍ଚମ କଥାଟି ହେଉଛି ବଜାରରେ ଫସଲର ଦାମ୍‌ରେ ଉତ୍ଥାନ ପତନ। ବିଶେଷକରି ପରିବା, ଆଳୁ, ପିଆଜ, ଫଳ ଚାଷୀମାନେ ଏହି ସମସ୍ୟାର ସମ୍ମୁଖୀନ ଅଧିକ ହୁଅନ୍ତି। ଏହାର ମୁଖ୍ୟ କାରଣ ଆମ ଦେଶରେ ଶୀତଳ ଭଣ୍ଡାରର ଅଭାବ। ଯାହା ଜଣାଯାଏ ଦେଶରେ ମୋଟ୍ ୮୬୦୦ଟି ଶୀତଳ ଭଣ୍ଡାର ଥିବା ବେଳେ ଓଡ଼ିଶାରେ ମାତ୍ର ୩୫ଟି ରହିଛି। ଏଥିରୁ ଅଧିକାଂଶ ଘରୋଇ ମାଲିକାନାରେ ପରିଚାଳିତ। ଆମ ରାଜ୍ୟରେ ମାତ୍ର ଦୁଇଟି ଶୀତଳ ଭଣ୍ଡାର ସରକାରଙ୍କ ଦ୍ୱାରା ନିର୍ମିତ। ଅର୍ଥାତ୍ ଶୀତଳ ଭଣ୍ଡାରର ଅଭାବ ଯୋଗୁ ମୂଲ୍ୟ ଯେତେ ହ୍ରାସ ପାଇଲେ ମଧ୍ୟ ବିକ୍ରି କରିବାକୁ ବାଧ ହୁଅନ୍ତି କୃଷକ। ଏ ସମସ୍ତ ସମସ୍ୟାର ସମାଧାନ ସରକାରଙ୍କ ଇଚ୍ଛାଶକ୍ତି ବିନା ସମ୍ଭବ ନୁହେଁ। ସର୍ବସାଧାରଣରେ କୃଷିପ୍ରତି ଯେଉଁ ଅନାଗ୍ରହ ସୃଷ୍ଟି ହୋଇଛି ତାକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଜମିକୁ ଜଳ, ଫସଲର ଉଚିତ ସହାୟକ ମୂଲ୍ୟ, ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାର ସ୍ଥାପନ, ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରି ଆର୍ଥିକ ପ୍ରୋତ୍ସାହନ, ସାର ଓ କୀଟନାଶକ ଔଷଧ ରିହାତି ମୂଲ୍ୟରେ ଯୋଗାଣ, କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ଜରିଆରେ କୃଷକଙ୍କୁ ଉନ୍ନତ କୃଷି ପ୍ରଣାଳୀ ସମ୍ପର୍କରେ ଅବଗତ କରାଇବା ଇତ୍ୟାଦି ଦିଗରେ ସରକାର ଆନ୍ତରିକତା ଦେଖାଇବା ଉଚିତ। ଏଥିସହିତ କୃଷିଜାତ ଦ୍ରବ୍ୟକୁ ଭିତ୍ତିକରି ବହୁଳ ଶିଳ୍ପ ପ୍ରତିଷ୍ଠା କରାଯାଇପାରିଲେ ଯେଉଁ ଅନ୍ତର୍ଦାହ ଭିତରେ 'ମୋତେ କୃଷକ କୁହନା' ବୋଲି ଲୋକମାନେ କହୁଛନ୍ତି ସେମାନେ ପୁଣି ଆଗ୍ରହର ସହିତ କହିବେ, "କୃଷି ମୋର ଅସ୍ମିତା, ତାକୁ ନେଇ ହେବି ଜଗତଜିତା"।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭

# ଯୋଗ୍ୟତମ ଗୁରୁ



ସଂଗ୍ରାମ କେଶରୀ ପୃଷ୍ଟି

ଆଦର୍ଶର ପ୍ରତୀକ ସାଜି ସମାଜକୁ ଅନବରତ ଦିଗ୍‌ଦର୍ଶନ ଦେଇ ଚାଲୁଥିବା ଜଣେ ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି – ଗୁରୁ। ସେ ହିଁ ବାସ୍ତବରେ ଜଣେ ଯୋଗ୍ୟତମ ଗୁରୁ, ଯିଏକି ନିଜକୁ ସବୁବେଳେ ଶିଷ୍ୟ ବୋଲି ବିବେଚନା କରିଥାନ୍ତି। ଯୋଗ୍ୟତମ ଗୁରୁଙ୍କ ସଂଜ୍ଞା ନିରୂପଣ କରିବାକୁ ଯାଇ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଛନ୍ତି :

"ନିଜକୁ ଯେ ନିରନ୍ତର ଶିଷ୍ୟ ରୂପେ ଗଣେ
ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ।"

ଅର୍ଥାତ୍ ଯେଉଁ ବ୍ୟକ୍ତି ନିଜକୁ ସର୍ବଦା ଜଣେ ଶିଖୁଥିବା ବ୍ୟକ୍ତି ବା ଶିଷ୍ୟ ବୋଲି ମନେକରନ୍ତି, ସେ ହିଁ ପ୍ରକୃତରେ ସବୁଠାରୁ ଜ୍ଞାନୀ ଓ ଶ୍ରେଷ୍ଠ ଗୁରୁ ହେବାର ଯୋଗ୍ୟତା ଲାଭ କରନ୍ତି। ଆମ ଜୀବନରେ ଶିଖିବାର ପ୍ରକ୍ରିୟା କେବେ ସରିଯାଏ ନାହିଁ। ଏହି ଶିଖିବାର ଆଗ୍ରହ ହିଁ ବ୍ୟକ୍ତିତ୍ୱକୁ ବିକଶିତ କରିଥାଏ।

ଜଣେ ଆଦର୍ଶ ଶିକ୍ଷକ ହିଁ ଜଣେ ରାଜାଙ୍କର ଆତ୍ମବିଶ୍ୱାସ ନେଇ ଶ୍ରେଣୀଗୃହରେ ପ୍ରବେଶ କରନ୍ତି। ଆଉ ସେ ଯେତେବେଳେ ଶ୍ରେଣୀଗୃହରୁ ବାହାରନ୍ତି ସେତେବେଳେ ଛାତ୍ରୀଛାତ୍ରମାନେ ଜଣେ ଅସାଧାରଣ ସୃଜନୀ ଶକ୍ତିସମ୍ପନ୍ନ ବ୍ୟକ୍ତିଙ୍କ ସହିତ ଭେଟ ହେଲାପରି ଅନୁଭବ କରନ୍ତି। ସେହି ପିଲାମାନେ ଆନନ୍ଦରେ ତାଙ୍କଠାରୁ ପାଠ ପଢ଼ିବା ସହିତ ଶିକ୍ଷା ସରିବାର ବହୁ ବର୍ଷ ପରେ ମଧ୍ୟ ତାଙ୍କୁ ଜଣେ ଭଦ୍ର ତଥା ଜ୍ଞାନୀ ବ୍ୟକ୍ତି ଭାବରେ ସ୍ମରଣ କରନ୍ତି। ବାସ୍ତବରେ ଏହିପରି ଶିକ୍ଷକ ହେଉଛନ୍ତି ଜଣେ ଆଦର୍ଶ ଶିକ୍ଷକ ପଦବାଚ୍ୟ।

ମହାତ୍ମା ଗାନ୍ଧୀଙ୍କ ମତରେ, 'ଜୀବନ ଏକ ନିରନ୍ତର ଶିକ୍ଷା ପ୍ରକ୍ରିୟା'। ଜଣେ ଯୋଗ୍ୟ ଗୁରୁ ସବୁବେଳେ ନୂତନ କିଛି ଶିଖିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ଜ୍ଞାନ ଓ ନମ୍ରତା ହେଉଛି ତାଙ୍କର ଭୂଷଣ। ଅନୁଭବ, ପରିସ୍ଥିତି ଓ ବ୍ୟକ୍ତିତ୍ୱ ସବୁଠାରୁ ଶିଖିବାର ମନୋଭାବ ରଖେ। ପ୍ରତ୍ୟେକଟି ପରିସ୍ଥିତି ସହିତ ନିଜକୁ ସାମିଲ କରାଇ ତା' ମଧ୍ୟରୁ ସଫଳତାର ବିଦ୍ୟା ହାସଲ କରିବାର କୌଶଳ ଶିଖିପାରିଲେ ଜୀବନ ସଫଳ ହୁଏ। ଏହାକୁ ହିଁ ସେ ପରବର୍ତ୍ତୀ ସମୟରେ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରି ଅନ୍ୟମାନଙ୍କ ପାଇଁ ସାଜିଥାନ୍ତି ପ୍ରେରଣାର ଉତ୍ସଟିଏ।

ସବୁକିଛି ଶିଖିଛି ଓ ସବୁକିଛି ଜାଣିଛି ବୋଲି ଭାବୁଥିବା ବ୍ୟକ୍ତି ଅହଂକାରୀ ହୋଇଯାଏ। ସେ ବିଚାରଶକ୍ତି ହରାଇବସେ। ଚେତନାଠାରୁ ସେ ବହୁତ ଦୂରରେ ଥାଆନ୍ତି। ଏକଥା ସତ ଯେ, ଜ୍ଞାନ ଓ ଅହଂକାର କେବେ ମଧ୍ୟ ଏକାଠି ରହିପାରନ୍ତି ନାହିଁ। ମନରେ ଅହଂକାର ଆସିଲେ ଜ୍ଞାନର ବିଲୋପ ଘଟେ। ଜାଣିବାକୁ ମନରେ ଆଗ୍ରହ ଜନ୍ମି ନ ଥାଏ। କୂପମଣ୍ଡୁକ ସଦୃଶ ନିଜର ସୀମିତ ପୃଥିବୀ ମଧ୍ୟରେ ରହି ଜ୍ଞାନୀ ବୋଲାଇବା ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିଥାଏ। ଶେଷରେ ଏମିତି ହୁଏ, ବିଛା ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇ ଉପହାସର ପାତ୍ର ପାଲଟିଯାଆନ୍ତି।

ଆଚରଣ ଓ ଉଚ୍ଚାରଣରେ ସାମ୍ୟତା ଜଣେ ଯୋଗ୍ୟ ଗୁରୁଙ୍କ ପାଇଁ ସଫଳତାର ମାପଦଣ୍ଡ।



ସେ ନିରପେକ୍ଷ ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଭାବରେ ପରିଗଣିତ ହୋଇଥାନ୍ତି। ଯୋଗ୍ୟ ଗୁରୁଙ୍କ ପାଖରେ ହିଁ ଅସାମାନ୍ୟ ଦକ୍ଷତା ଭରିରହିଥାଏ। ଯେଉଁଥିପାଇଁ ସେ ସାଧାରଣ ଶିଷ୍ୟକୁ ଅସାଧାରଣ କରି ତିଆରି କରିପାରନ୍ତି। ପିଲାଙ୍କ ଭିତରେ ଥିବା ସୃଜନଶୀଳ ପ୍ରତିଭାର ବିକାଶ ଘଟାଇପାରନ୍ତି। ପଛ ବେଞ୍ଚର ପିଲାଙ୍କୁ ଯୋଗ୍ୟ କରାଇ ଦୁନିଆର ଆଗକୁ ନେଇଆସନ୍ତି। ନୈତିକ ମୂଲ୍ୟବୋଧ ଆଧାରରେ ଶିକ୍ଷାକୁ ସମୃଦ୍ଧ କରିଥାନ୍ତି।

ଦାର୍ଶନିକ ଜନ ଡିୟୁଙ୍କ ମତରେ, 'ଶିକ୍ଷା ହେଉଛି ଜୀବନର ଏକ ଅଂଶ। ଆଉ ଶିକ୍ଷା ଉପଲବ୍ଧିର ଏକ ପ୍ରମୁଖ ମାଧ୍ୟମ ହେଉଛି – ଅନୁଭବ। "ସେଇ ଅନୁଭବ ଆଧାରରେ ଅବଧୂତ ତାଙ୍କ ଜୀବନରେ ଜଗତର ବିଭିନ୍ନ ଜଡ଼ ଓ ଚେତନ ବସ୍ତୁଠାରୁ ଜ୍ଞାନ ଗ୍ରହଣ କରି ଚବିଶ ଜଣଙ୍କୁ ଗୁରୁର ମର୍ଯ୍ୟାଦା ପ୍ରଦାନ କରିଥିଲେ। ସେଥିମଧ୍ୟରୁ କୁକୁର ଥିଲା ଅନ୍ୟତମ। କୁକୁର ପାଖରେ ଥିବା ବିଶ୍ୱସନୀୟତା ଗୁଣ କାରଣରୁ ସମ୍ଭବତଃ ସେ ତାକୁ ଗୁରୁ ଭାବରେ ଗ୍ରହଣକରି ନିଜ ମହନୀୟତାର ପରିଚୟ ପ୍ରଦାନ କରିଥିଲେ। ଏହି ଗୁରୁଙ୍କୁ ମାଧ୍ୟମକରି ଅବଧୂତ ବୁଝାଇଥିଲେ ଯେ ପ୍ରକୃତି ଓ ପ୍ରତ୍ୟେକ ଘଟଣା ଆମ ପାଇଁ ଶିକ୍ଷକ ହୋଇପାରେ।

ପୁରାଣ ପୃଷ୍ଠାକୁ ଉନ୍ମୋଚନ କଲେ ଏମିତି କେତେଜଣ ଗୁରୁ ସାମ୍ନାକୁ ଆସନ୍ତି ଯେଉଁମାନେ ନିଜର ଜ୍ଞାନ, ତ୍ୟାଗ, ଧୈର୍ଯ୍ୟ ଓ ନିଷ୍ଠା ବଳରେ ଆଦର୍ଶ ଗୁରୁର ମର୍ଯ୍ୟାଦା ହାସଲ କରିପାରିଛନ୍ତି। ପୁରାଣ ବର୍ଣ୍ଣିତ ଗୁରୁମାନେ କେବଳ ଶିକ୍ଷକ ନ ଥିଲେ, ସେମାନେ ଥିଲେ ଧର୍ମ, ଆତ୍ମଜ୍ଞାନ ଓ ନୀତି – ଆଦର୍ଶ ଜୀବନର ପଥ ପ୍ରଦର୍ଶକ। ସେଇଥିପାଇଁ ତ ବଶିଷ୍ଠ, ବିଶ୍ୱାମିତ୍ର, ଦ୍ରୋଣାଚାର୍ଯ୍ୟ, ସାନ୍ଦିପନୀ ଓ ବ୍ୟାସଦେବଙ୍କ ପରି ମହାନ୍ ଗୁରୁମାନେ ସେମାନଙ୍କ ଶିଷ୍ୟମାନଙ୍କୁ ସଂସାରରେ ଅବତୀର୍ଣ୍ଣ କରାଇ ନିଜର ପରାକାଷ୍ଠା ପ୍ରଦର୍ଶନ କରିପାରିଛନ୍ତି। ସ୍ଥଳ ବିଶେଷରେ ଶିଷ୍ୟଠାରୁ ପରାଜିତ ହୋଇ ନିଜ ଗୁରୁ ନାମକୁ ସାର୍ଥକ କରାଇପାରିଛନ୍ତି।

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ମତରେ "ଶିକ୍ଷା ହେଉଛି ମନୁଷ୍ୟର ସମ୍ପୂର୍ଣ୍ଣ ବିକାଶ ତଥା ଶାରୀରିକ, ମାନସିକ ତଥା ଆତ୍ମିକ ଉନ୍ନତି।" ସୁତରାଂ ଶିଷ୍ୟର ସାମଗ୍ରିକ ଉନ୍ନତି କଳ୍ପେ ଯେ ନିରନ୍ତର ପ୍ରୟାସ ଜାରି ରଖିଥାନ୍ତି, ସେ ଯୋଗ୍ୟତମ ଗୁରୁ ପଦବାଚ୍ୟ। ଗୁରୁଙ୍କ ସମ୍ମାନ ହିଁ ସବୁଠାରୁ ଊର୍ଦ୍ଧ୍ୱରେ। 'କୁସୁମ ପରଶେ ପଟ ନିସ୍ତରେ' ପରି ଯୋଗ୍ୟତମ ଗୁରୁଙ୍କ ସଂସ୍ପର୍ଶରେ ଆସିଲେ ଜୀବନର ମୋଡ଼ ବଦଳିଯାଇଥାଏ ଠିକ୍ ଦସ୍ୟୁ ରତ୍ନାକରରୁ ବାଲ୍ମୀକ ପାଲଟିଲା ପରି। ସେଦିନ ନରେନ ଯଦି ରାମକୃଷ୍ଣ ପରମହଂସଙ୍କ ପରି ଯୋଗ୍ୟତମ ଗୁରୁଙ୍କ ସାନ୍ନିଧ୍ୟ ପାଇପାରି ନ ଥାନ୍ତେ ତା'ହେଲେ ସେ କେବେ ସ୍ୱାମୀ ବିବେକାନନ୍ଦ ହୋଇପାରି ନ ଥାନ୍ତେ। ତେଣୁ ଯୋଗ୍ୟତମ ଗୁରୁ ଚିର ବନ୍ଦନୀୟ, ଚିର ସ୍ମରଣୀୟ।

–ଶିକ୍ଷକ, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ରାଜ କିଶୋରନଗର, ଅନୁଗୋଳ
ମୋ: ୯୪୩୭୫୪୭୧୪୬

## ଏଇ ଭାରତରେ

ଝିଅଟିର ବୟସ କମ୍ ହେଲେ କ'ଣ ହେବ ସାହସ କିଛି କମ୍ ନୁହେଁ। କେରଳର ଏହି ଝିଅ ହେଉଛନ୍ତି ଅନନ୍ୟା ବିଶ୍ୱେଶ ଏବଂ ସେ ସାପ ଉଦ୍ଧାର କରୁଛନ୍ତି। ତାଙ୍କୁ ଏବେ ବୟସ ୧୪ ଏବଂ ସ୍କୁଲରେ ପଢୁଛନ୍ତି। ପଢ଼ିବା ସହ ସାପ ଧରିବାରେ ସମୟ ଦେଉଛନ୍ତି। ଏବେ ସୁଦ୍ଧା ବିଭିନ୍ନ ପ୍ରକାର ୭୫ଟି ସାପ ଧରି ଜଙ୍ଗଲରେ ଛାଡ଼ିସାରିଲେଣି। ସେ ଉଟିର ଏକ ପବ୍ଲିକ୍ ସ୍କୁଲରେ ପଢୁଥିବାବେଳେ ବିଭିନ୍ନ ସମୟରେ ପରିବାର ସହ ନୀଳଗିରି ଜଙ୍ଗଲକୁ ବୁଲିବା ପାଇଁ ଯାଉଥିଲେ। ଏହି ସମୟରେ ସେ ବନ୍ୟଜୀବଙ୍କୁ ନିକଟରୁ ଦେଖିବାର ସୁଯୋଗ ପାଇଥିଲେ। ପରେ ତାଙ୍କର ସାହସ ହୋଇଥିଲା ସାପ ଧରିବାକୁ। ପ୍ରଥମେ ସେ ଉଟିରେ ହିଁ ସାପ ଧରିବା ଆରମ୍ଭ କରିଥିଲେ। ଏବେ ସେ କେରଳ ବନ ବିଭାଗ ସହଯୋଗରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ତରଫରୁ ତାଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ଅନନ୍ୟା ୬ଟି ଭାଷା ଭଲ ଭାବରେ କହିପାରୁଛନ୍ତି। କେରଳ ବନ ବିଭାଗ ସହଯୋଗରେ ରାଜ୍ୟର ବିଭିନ୍ନ ସ୍କୁଲକୁ ଯାଇ ସେ ପାଖାପାଖି ୯,୫୦୦ ପିଲାଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ପହଞ୍ଚାଇ ସାରିଲେଣି। ଅନନ୍ୟା ମଧ୍ୟ ହର୍ପେଟୋଲୋଜିରେ ଜୁନିୟର ମାଷ୍ଟର୍ସ ଡିଗ୍ରୀ କରିବା ସହ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିରେ ଦକ୍ଷତା ହାସଲ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୨ ଏପ୍ରିଲ ୧୯୭୬

- ଅଧିକ ଦରମା ଓ ଭଲ ଚାକିରି ସର୍ତ୍ତ ରଖି ପଶ୍ଚିମବଙ୍ଗ କଲେଜ ଓ ବିଶ୍ୱବିଦ୍ୟାଳୟ ଶିକ୍ଷକମାନେ ଧର୍ମଘଟ ଆରମ୍ଭ କରିଛନ୍ତି।
- ବସନ୍ତରାଓ ଦାଦା ପାଟିଲଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ମହାରାଷ୍ଟ୍ରର ନୂତନ ୪୦ ଜଣିଆ ମନ୍ତ୍ରିମଣ୍ଡଳ ଗଠିତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| | | | 3 | | 1 | | | |
| | 3 | | | | 4 | 2 | 5 | |
| | | | | | | | 6 | 8 |
| 7 | | 3 | 9 | | | | | |
| | 9 | 5 | | | | | 7 | |
| 6 | | | 4 | | | | | |
| 2 | 4 | | | 9 | 8 | | | 7 |
| | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 8 | 5 | 1 | 3 | 6 | 4 | 9 |
| 5 | 3 | 4 | 6 | 9 | 2 | 7 | 1 | 8 |
| 9 | 6 | 1 | 7 | 4 | 8 | 2 | 5 | 3 |
| 6 | 7 | 9 | 3 | 2 | 4 | 1 | 8 | 5 |
| 4 | 5 | 2 | 1 | 8 | 7 | 3 | 9 | 6 |
| 8 | 1 | 3 | 9 | 5 | 6 | 4 | 2 | 7 |
| 2 | 8 | 7 | 4 | 3 | 5 | 9 | 6 | 1 |
| 1 | 4 | 6 | 8 | 7 | 9 | 5 | 3 | 2 |
| 3 | 9 | 5 | 2 | 6 | 1 | 8 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ହେଉ

**ମହାଶୟ,**

ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ସମସ୍ତ ବୃଦ୍ଧାବୃଦ୍ଧଙ୍କ ଭତ୍ତା ବୃଦ୍ଧି କରାଯାଉ। ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କର ସାଢ଼େ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏବେ ସରକାର ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଧିକ ଭତ୍ତା ବୃଦ୍ଧିକରି ସେହି ପରିମାଣର ଅର୍ଥ ପ୍ରଦାନ କରନ୍ତୁ। ଏବେ ୬୦ରୁ ୭୦ ବର୍ଷ ବୟସ ମଧ୍ୟରେ ଥିବା ବୃଦ୍ଧାବୃଦ୍ଧମାନେ ଯାହା ଭତ୍ତା ପାଉଛନ୍ତି ସେଥିରେ ସେମାନଙ୍କ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସମ୍ଭବପର ହୋଇପାରୁନାହିଁ। ଔଷଧ ଖର୍ଚ୍ଚକୁ ମଧ୍ୟ ଅଣ୍ଟୁନାହିଁ। ଏହା ବ୍ୟତୀତ ସେମାନଙ୍କ ପାଇଁ ଶୀତଦିନେ ଏବଂ ଖରାଦିନେ ଆବଶ୍ୟକ ଜିନିଷ ପାଇଁ ସହାୟତା ପ୍ରଦାନ କରାଯାଉ। ବିଶେଷକରି ବର୍ଷା ଓ ଖରାରୁ ରକ୍ଷାପାଇବା ପାଇଁ ବୃଦ୍ଧାବୃଦ୍ଧଙ୍କୁ ଛତା ଦିଆଯାଉ। ଏବେ ଖରା ବଢ଼ିଲାଣି। ଏହାକୁ ଲକ୍ଷ୍ୟକରି ସରକାର ତୁରନ୍ତ ପଞ୍ଚାୟତ ମାଧ୍ୟମରେ ଛତା ଯୋଗାଇ ଦିଅନ୍ତୁ।

–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ପଉଷ ଶୀତର ନିବିଡ଼ ବେଦନା ପରେ
ବସନ୍ତ କ୍ଷଣେ ବହିଥିଲା କେବେ ଥରେ,
କେବେ ଜୋଛନାର ସଲାଜ ପରଶେ
ପ୍ରାଣ ଉଠିଥିଲା ପୁଲକି ହରଷେ,
କେବେ କେଉଁ ଦିନ ଗୋଧୂଳି ଆଲୋକ ପରେ
ହଳିଆର ଗୀତ ଭାସି ଆସିଥିଲା ଖରେ।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଯୌନ ନିର୍ଯାତନା ଘଟଣା: ଖଣ୍ଡପଡ଼ା ଏସ୍‌ଡିପିଓଙ୍କୁ ବଦଳି

ଭୁବନେଶ୍ୱର/ନୟାଗଡ଼,୨୧।୪
(ତ୍ରିନାଥ ମହାନ୍ତି/ଲୋକନାଥ ମିଶ୍ର)

**ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା**
- ଫତେଗଡ଼ ଥାନାରେ ଏସ୍‌ଡିପିଓଙ୍କ ନାମରେ ମାମଲା
- ଗିରଫ କରିବାକୁ ମହିଳା ସଂଗଠନର ଦାବି

ନୟାଗଡ଼ ଜିଲା ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଘଟଣାରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏସ୍‌ଡିପିଓଙ୍କୁ ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ନିରପେକ୍ଷ ତଦନ୍ତ ପାଇଁ ତାଙ୍କୁ ବଦଳି କରାଯାଇଥିବା ପୋଲିସ ଡିଜି ମୁଖ୍ୟାଳୟ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ନୂଆ ଏସ୍‌ଡିପିଓ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଜିଲା ପୋଲିସ ମୁଖ୍ୟାଳୟର ଡିଏସ୍‌ପି ସୁଦୀପ କୁମାର ସାହୁ ଏସ୍‌ଡିପିଓ ଭାବେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ରହିଛି। ଏସ୍‌ଡିପିଓ ପ୍ରଧାନଙ୍କ ବିରୋଧରେ ଫତେଗଡ଼ ଥାନାରେ ଏକ ମାମଲା (ନଂ-୧୧୮/୨୬) ରୁଜୁ କରାଯାଇଛି। ଅପରପକ୍ଷରେ ଏସ୍‌ଡିପିଓଙ୍କୁ ଗିରଫ ଦାବିରେ ମହିଳା କମିଶନଙ୍କ ନିକଟରେ ପୀଡ଼ିତା ଅଭିଯୋଗ କରିଛନ୍ତି। ପୀଡ଼ିତା ଜଣକ ସାମାଜିକ କର୍ମୀ ବିଦ୍ୟୁଜା ଉପାଧ୍ୟାୟଙ୍କ ସହଯୋଗରେ ମହିଳା କମିଶନରଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ତାଙ୍କୁ ନ୍ୟାୟ ଦିଆଯିବା ନେଇ ମହିଳା କମିଶନର ପ୍ରତିଶ୍ରୁତି ଦେଇଥିବା ପୀଡ଼ିତା କହିଛନ୍ତି। ସେ ଥାନାରେ ଏବଂ ଡିଜିପିଙ୍କୁ ଅଭିଯୋଗ ଜଣାଇବା ପରେ ତାଙ୍କ ଘରକୁ ଏସ୍‌ଡିପିଓ ପୋଲିସ ଭ୍ୟାନ୍ ପଠାଉଛନ୍ତି। ଏପରିକି ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ତେଣୁ ତାଙ୍କୁ ଗିରଫ କରା ନ ଗଲେ ତାଙ୍କ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ପୀଡ଼ିତା ସଙ୍ଗିନ ଅଭିଯୋଗ ଆଣିଛନ୍ତି।


ମଦନ ମୋହନ ପ୍ରଧାନ

ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ୩ରେ ନୟାଗଡ଼ ଫତେଗଡ଼ ଅଞ୍ଚଳର ଦୁଇଟି ପରିବାର ମଧ୍ୟରେ ଝଗଡ଼ା ହେବାରୁ ଥାନାରେ ମାମଲା ପହଞ୍ଚିଥିଲା। ଫତେଗଡ଼ ଥାନାର ଜଣେ ଅଧିକାରୀ ବୁଝାମଣା କରୁଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋଟିଏ ପକ୍ଷ ଗାଳିଗୁଲଜ କରିବାରୁ ପୋଲିସ ଅଧିକାରୀ ଜଣଙ୍କ ହାତ ଉଠାଇଥିଲେ। ଏଇଠୁ ଆରମ୍ଭ ହୋଇଥିଲା ପୋଲିସ ଅଧିକାରୀଙ୍କ ଅଡୁଆ। ସେହି ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ପୋଲିସ ସାକ୍ଷୀ ଖୋଜିଥିଲା। ସାକ୍ଷ୍ୟ ଦେବା ପାଇଁ ଖଣ୍ଡପଡ଼ା ଏସଡିପିଓ ପ୍ରଧାନଙ୍କ ଅନୁରୋଧ କ୍ରମେ ଆଗେଇ ଆସିଥିଲେ ଅଭିଯୋଗକାରୀ ମହିଳା। ସାକ୍ଷ୍ୟ ଦେବା ବାହାନାରେ ପ୍ରଧାନ ତାଙ୍କ ନମ୍ବର ନେଇଥିଲେ। ପରେ ସେ ସମ୍ପୃକ୍ତା ମହିଳାଙ୍କୁ ଖରାପ ମେସେଜ୍ ପଠାଇବା ସହିତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ତାଙ୍କ ସ୍ୱାମୀଙ୍କୁ ମିଛ କେସ୍‌ରେ ଫସାଇ ଦେବାକୁ ମଧ୍ୟ ଧମକ ଦେଇଥିଲେ।

ଏହି ମାମଲାର ରଫାଦଫା କରିବା ପାଇଁ ମହିଳାଙ୍କୁ ଏସ୍‌ଡିପିଓ ପ୍ରଧାନ ଫେବର୍ ମାଗିଥିଲେ। ମହିଳାଙ୍କ ଅଭିଯୋଗ ପରେ ନୟାଗଡ଼ ଏସ୍‌ପି ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ପରେ ଏବେ ସମ୍ପୃକ୍ତ ଏସ୍‌ଡିପିଓଙ୍କ ନାମରେ ମାମଲା ରୁଜୁ ହୋଇଛି। ତେଣୁ ତାଙ୍କ ବିରୋଧରେ ବିଭାଗୀୟ ଆକ୍ସନ ହୋଇପାରେ ବୋଲି କୁହାଯାଉଛି।

# ନିର୍ବନ୍ଧର ଦିନକ ପରେ ଯୁବତୀଙ୍କୁ ନିର୍ମମ ହତ୍ୟା

ଜଗତ୍‌ସିଂହପୁର, ୨୧।୪
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁର ପ୍ରମୋଦ ଦାସ ଓ ଲକ୍ଷ୍ମୀପ୍ରିୟା ଦାସଙ୍କ ଝିଅ ସସ୍ମିତା ଓରଫ ଡଲି ଦାସ (୨୪)ଙ୍କୁ ଜଗତ୍‌ସିଂହପୁର-ବାଲିକୁଦା ରାସ୍ତାର ପାକନପୁର ୱେର ହାଉସ ନିକଟ ରାସ୍ତା ପାର୍ଶ୍ୱ ଏକ ବିଲ୍ଡିଂ ପଛ ବିଲରେ କୌଣସି ବ୍ୟକ୍ତି ନିର୍ମମ ଭାବେ ହତ୍ୟା କରି ଫିଙ୍ଗି ଦେଇଥିବା ସୂଚନା ମିଳିଛି। ଯୁବତୀଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ. ୩୩୯/୨୬) ରୁଜୁ କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରେମଜନିତ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି।


ସସ୍ମିତା ଓରଫ ଡଲି ଦାସ

ମୃତ ଯୁବତୀଜଣକ ଏକ ଗୋଲାପୀ ରଙ୍ଗର ବାନିଅନ ଓ ଆକାଶ ରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିବା ବେଳ ପାଦରେ ଅଳତା ଚିହ୍ନ ରହିଛି। ସେ ପିନ୍ଧିଥିବା ସ୍ଲିପର ଚପଲ ନିକଟରେ ପଡିଛି। ତାଙ୍କ ଗୋଡ଼ ପାଖରୁ ଏକ ଗାମୁଛା ମିଳିଛି। ଏଥିସହ ଦୁଇହାତରେ ମୁଦିଥିବା ଦେଖିବାକୁ ମିଳିଛି। ରବିବାର ତାଙ୍କର ନିର୍ବନ୍ଧ ହୋଇଥିଲା। ସୋମବାର ରାତିରୁ ସେ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କଲାପରେ ବି ପାଇ ନ ଥିଲେ। ମଙ୍ଗଳବାର ତାଙ୍କର ମୃତଦେହ ଠାବ କରାଯାଇଛି। ମୁହଁରେ କଳା ଦାଗ ସାଙ୍ଗକୁ ବାମ ହାତକୁ କୌଣସି ଜନ୍ତୁ ଖାଇ ଦେଇଥିବା ଅନୁମାନ କରାଯାଉଛି। କୌଣସି ବ୍ୟକ୍ତି ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବାରୁ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଓ ରକ୍ତ ଛିଟା ପଡିଛି। ଅଧିକ ତଦନ୍ତ ପରେ ହତ୍ୟା କାଣ୍ଡର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ସାହୁ କହିଛନ୍ତି।

# ଜଙ୍ଗଲରୁ ମିଳିଲା ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ

ପାରଳାଖେମୁଣ୍ଡି,୨୧।୪
(ଗିରିଧାରୀ ପରିଚ୍ଛା)

ଗଜପତି ପୋଲିସ ଓଡ଼ିଶା ବାହାରକୁ ଚାଲାଣ ପାଇଁ ରଖାଯାଇଥିବା ଗଞ୍ଜେଇ ସମ୍ପର୍କରେ ସୂଚନା ପାଇ ଚଢାଉ କରି ଜବତ କରିଛି। ଏହାର ପରିମାଣ ୫ କୁଇଣ୍ଟାଲ ୨୦ କେଜି। ମିଳିଥିବା ସୂଚନାକୁ ଭିତ୍ତିକରି ଅଡବା ପୋଲିସ ମଙ୍ଗଳବାର ସକାଳୁ ବିଭିନ୍ନ ସନ୍ଦିଗ୍ଧ ସ୍ଥାନ ଆଠବଖରା ଗ୍ରାମ ଏବଂ ଡ୍ୟାମ ଅଞ୍ଚଳରେ ଥିବା ଜଙ୍ଗଲରେ ଚଢାଉ କରିଥିଲା। ଏହି ସମୟରେ ଜଙ୍ଗଲର ଏକ ଗୁପ୍ତ ସ୍ଥାନରୁ ବହୁ ପରିମାଣର ଗଞ୍ଜେଇ ମିଳିଥିଲା। ପୋଲିସ ଏହାକୁ ଜବତ କରିଥିଲା। ଏହାର ପରିମାଣ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଥିବା ଜଣାପଡିଛି। ଏନେଇ ଅଡବା ଥାନାରେ ନଂ. ୮୨/୨୬ରେ ଏକ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁ କହିଛନ୍ତି।


ଜବତ ଗଞ୍ଜେଇ।

# ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ଢେଙ୍କାନାଳ,୨୧।୪
(ରତନ ନାୟାର)

ଢେଙ୍କାନାଳ ଜିଲା ବାଲିମୀ ଥାନା ଅଞ୍ଚଳରେ ୨୦୨୨ରେ ଘଟିଥିବା ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି । ଏହି ମାମଲାର ରାୟ ପ୍ରକାଶ କରି ଢେଙ୍କାନାଳ ପୋକ୍‌ସୋ ଅଦାଲତର ଆଡହକ୍ ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ଅଭିଯୁକ୍ତ ଲିକୁନ ସାହୁ ଓରଫ୍ ରାକେଶ ବେହେରାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୨୦୨୨ ଜୁନ୍ ୫ରେ ବାଲିମୀ ଥାନା ଅଞ୍ଚଳର ଜଣେ ୧୨ବର୍ଷୀୟ ନାବାଳିକାଙ୍କୁ ଅଭିଯୁକ୍ତ ଲିକୁନ ଅପହରଣ କରି ବଳାତ୍କାର କରିଥିଲେ।

# ଭାଜପା ନେତ୍ରୀଙ୍କ ପୁଅ ମୁମୂର୍ଷୁ ଅବସ୍ଥାରେ କେନାଲରୁ ଉଦ୍ଧାର

ଭଦ୍ରକ/ନଳାଙ୍ଗ,୨୧।୪(ସନାତନ ରାଉତ/ସାଇଶଙ୍କର ମହାକୁଳ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଳାଙ୍ଗ କେନାଲରୁ ମୁମୂର୍ଷୁଅବସ୍ଥାରେ ଜଣେ ଯୁକ୍ତ ୨ ଛାତ୍ରଙ୍କୁ ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ତାଙ୍କ ଶରୀରର ୧୦ରୁ ଊର୍ଦ୍ଧ୍ୱ ସ୍ଥାନ ଛୁରି କିମ୍ବା ଧାରୁଆ ବ୍ଲେଡ୍‌ରେ କଟାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ଛାତ୍ର ହେଉଛନ୍ତି ଭଦ୍ରକ ପୌରପାଳିକା ଅଧୀନ ମୋଟେଲ ଛକରେ ରହୁଥିବା ଭାଜପା ନେତ୍ରୀ ସୁମିତ୍ରା ପାଣିଙ୍କ ବଡ଼ପୁଅ ରାଜୀବ ଲୋଚନ(୧୭)। ଏନେଇ ସୁମିତ୍ରାଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୩୨୭/୨୬) ରୁଜୁ ହୋଇଛି। ଏଥିସହ ଏହି ଘଟଣାରେ ରାଜୀବଙ୍କର ଜଣେ ସାଙ୍ଗ ସମେତ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସୁମିତ୍ରା ଦର୍ଶାଇଛନ୍ତି, ରାଜୀବ ସୋମବାର ସନ୍ଧ୍ୟା ୭ଟାରୁ ଘରୁ ଆସିଥିବା ବେଳେ ରାତିରେ ଫେରି ନ ଥିଲେ। ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାବେଳେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ମଙ୍ଗଳବାର ସକାଳ ୬ଟାରେ ରାଜୀବ ନଳାଙ୍ଗ କେନାଲରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ବ୍ୟକ୍ତି ତାଙ୍କୁ କଲ୍ କରି ଜଣାଇଥିଲେ। ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ରାଜୀବଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବେକ, ନାକ, ମୁହଁ, ପେଟ, ପିଠି ଆଦି ବିଭିନ୍ନ ସ୍ଥାନରେ ଧାରୁଆ ଅସ୍ତ୍ରରେ କଟାଯାଇଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରାଜୀବଙ୍କର ଜଣେ ସାଙ୍ଗ ଏପରି ଆକ୍ରମଣ କରିଛନ୍ତି ବୋଲି ତାଙ୍କ ପୁଅ ପ୍ରକାଶ କରିଥିବା ସୁମିତ୍ରା କହିଛନ୍ତି। ଏପରିକି ଉକ୍ତ ସାଙ୍ଗ ରାଜୀବ ବଞ୍ଚିଛି କି ମରିଛି, ସେ ବିଷୟରେ ଅନ୍ୟ ସାଙ୍ଗମାନଙ୍କୁ ଫୋନ୍ କରି ବୁଝୁଛନ୍ତି। ଅପରପକ୍ଷେ ରାଜୀବଙ୍କ ମୋବାଇଲ, ସୁନାଚେନ୍ ଓ ବ୍ରେସ୍‌ଲେଟ୍ ସାଙ୍ଗ ଜଣକ ନେଇଯାଇଥିବା ସୁମିତ୍ରା କହିଛନ୍ତି। ରାଜୀବଙ୍କର ଉକ୍ତ ସାଙ୍ଗ ସମେତ ୨ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ନଳାଙ୍ଗ କେନାଲ ରୋଡ୍ ଓ ଖାଡ଼ଁବଣରେ ସନ୍ଧ୍ୟା ସମୟରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ରାତ୍ରକାଳୀନ ପୋଲିସ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି।

# ବିବାହ ଶୋଭାଯାତ୍ରାରେ ଫୁଟିଲା ଗୁଳି

**୫ ଅଟକ, ବନ୍ଧୁକ ଜବତ**

ଖୋର୍ଦ୍ଧା,୨୧।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଇସ୍କନ ମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହ ଶୋଭାଯାତ୍ରା ଚାଲିଥିବା ବେଳେ ହଠାତ୍ ଜଣେ ନିଶାସକ୍ତ ଯୁବକ ଫାଙ୍କା ଗୁଳିଚାଳନା କରିଥିଲେ। ଫଳରେ ଲୋକେ ଭୟରେ ଏଣେତେଣେ ଦୌଡ଼ିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଜବତ କରିବା ସହିତ ୫ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅଟକ ଯୁବକମାନେ ମେଣ୍ଢାଶାଳ ଅଞ୍ଚଳର ବୋଲି ପୋଲିସ କହିଛି। ତେବେ ଆତଙ୍କ ଖେଳାଇଥିବା ଯୁବକ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବନ୍ଧୁକ କେଉଁଠୁ ଆଣିଥିଲେ, କାହାକୁ ଟାର୍ଗେଟ କରିଥିଲେ, କି ଫୁଟାଇବା ଉଦ୍ଦେଶ୍ୟ ଭୟଭୀତ ନା ଅନ୍ୟ କ'ଣ କାରଣ ରହିଛି, ପୋଲିସ ତାହାର ଖୋଳତାଡ଼ କରୁଛି। ଅନ୍ୟପଟେ ବିବାହ ଶୋଭାଯାତ୍ରାରେ ଗୁଳିଫୁଟିବା ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

# ଯୁବକଙ୍କୁ ଫାର୍ସାରେ ହାଣି ହତ୍ୟା

**ଅଭିଯୁକ୍ତ ଅଟକ**

ବଣାଇଁ,୨୧।୪
(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ଭାଲୁଡୁଙ୍ଗୁରି ଗ୍ରାମରେ ଜଣେ ଯୁବକଙ୍କୁ ଫାର୍ସାରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଲହୁଣିପଡ଼ା ଥାନା ଅନ୍ତର୍ଗତ ଉଲସୁରେଇ ଗ୍ରାମର ମୁଚି ମୁଣ୍ଡାଙ୍କ ପୁଅ ଫଗୁ ମୁଣ୍ଡା(୧୯)। ଏନେଇ ବଣାଇଁ ପୋଲିସ ଥାନାରେ ଏକ ହତ୍ୟା ମାମଲା ନଂ. ୧୧୦/୨୬ ରୁଜୁ କରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡିଛି।


## OFFICE OF THE MUNICIPAL COUNCIL, SONEPUR

**"e" Procurement Notice**
**BID Identification No. SNP-MUN-36/2025-26**
**TENDER ID: 2026_ORULB_128169**
**Tender Call Notice No. 1029 / Date: 16.4.26**

No. 13001/248/2627: Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. **www.tendersodisha.gov.in**.

1. Name of the Work : As per DTCN
2. No. of Works : 19 Nos.
3. Amount put to tender : As per DTCN
4. Period of Completion : As per DTCN
5. Starting Date & time of bidding: From Dt.17.04.2026 from 11.00 A.M.
6. Last date & time for receipt of tenders through online : On or before Dt.27.04.2026 upto 05.00 P.M.
7. Bids received online shall be opened on : On Dt.28.04.2026 at 11.00 A.M.
8. Name and address of the Officer Inviting Bid : Executive Officer, Sonepur Municipality

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer**
**Sonepur Municipality**

OIPR-13001/13098/1/26-27/0003

## OFFICE OF THE MUNICIPAL COUNCIL, BHAWANIPATNA DIST.: KALAHANDI, PIN - 766001

**'e' Procurement NOTICE**
**Bid Identification No. BPM/02/2026-27**
**Bid Identification No. BPM/1492, Dt.17.04.2026**

No. 13001/254/2627: The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification, the Schedule of Quantities and the set of terms and conditions of contract and other necessary documents can be seen the Govt. website i.e. **https://tendersodisha.gov.in**.

1. Number of Civil works : 14 (Fourteen) Numbers
2. Estimated Costs : 5.88 lakhs to 16.94 lakhs
3. Period of Completion : As per NIT
4. Date and time of availability of the bid documents in the portal : From 11.00 A.M. of 18.04.2026 to 05.00 P.M. of 28.04.2026
5. Last date/time for receipt of bids in the portal : 05.00 P.M. of 28.04.2026
6. Bids will be opened on : 5.30 P.M. of Dt.28.04.2026
7. Name and address of the Officer Inviting Bid : Executive Officer, Bhawanipatna Municipality

**Sd./- Executive Officer**
**Bhawanipatna Municipality**

OIPR-13001/13100/1/26-27/0004

## GOVERNMENT OF ODISHA
## DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER
### KALAHANDI IRRIGATION DIVISION, BHAWANIPATNA - 766001

**Phone No.: 06670-230685, E-Mail: eekldbpt2008@hotmail.com**

**e-Procurement Notice No. e-KLID-01/2026-27**

No. 32001/90/2627: Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal **(www.http://tenderodisha.gov.in)**.

1. Type of work : River Embankment & Canal Lining works
2. Total No. of works : 33 (Thirty Three)
3. Class of Contractor : "D", "C" & "B" Class
4. Bid Identification No. : e-KLID-01/2026-27 (01(KLID/26-27) to e-KLID-01/2026-27 (33(KLID/2627)
5. Estimated Cost : Varies from Rs.8.46 lakhs to Rs.42.36 lakhs
6. Period of Completion : 06 (Six) Calendar Months
7. Date and time of availability of bid documents in the portal : From 27.04.2026 11.00 A.M. to 06.05.2026 5.30 P.M.
8. Last date/time for receipt of bids in the portal : 06.05.2026 upto 5.30 P.M.
9. Date of opening of Bid : 07.05.2026 at 11.00 A.M. in the O/o. the Superintending Engineer, Kalahandi Irrigation Division, Bhawanipatna, District: Kalahandi
10. Name of the Officer Inviting Tender : Superintending Engineer, Kalahandi Irrigation Division, Bhawanipatna

(A) Any addendum/corrigendum/cancellation of tender can also be seen in the said website.
(B) Further details can be seen from Government Website **(www.http://tenderodisha.gov.in)**
(C) The bidders shall transfer the required amount of EMD (Bid Security) and cost of Bid by online through electronics payment as per Government of Odisha WDOM No. 17254/WE Dated: 05.12.2017 as mentioned in DTCN.

**Sd./- Superintending Engineer**
**Kalahandi Irrigation Division, Bhawanipatna**

OIPR-32001/32007/1/26-27/0001

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)

OPTCL Lifeline of Odisha

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

### NOTICE INVITING E-TENDER

| E-Tender No. | Tender Description: | Estimated Cost |
|---|---|---|
| CPC-04/2026-27 | Engineering, Supply, Erection, Testing and Commissioning of following:<br>i) Construction of 01 no. 132kV Feeder Bay at 132/33kV Grid S/S, Nimapara and 01 no. 132kV Feeder Bay at 132/33kV Grid S/S Konark required for 132kV Nimapara-Konark Ckt-II feeder along with stringing of 132kV Nimapara-Konark Ckt-II line in existing DC tower under EHT (O&M) Division, Puri.<br>ii) Construction of 02 no. 132kV Feeder Bays at 132/33kV Grid S/S, Banki required for 132kV Banki-Nuapatna Ckt-II & 132kV Atri-Banki Ckt-II Feeder alongwith stringing of 132kV Atri-Banki Ckt-II line in existing DC tower, under under EHT (O&M) Division, Khurdha.<br>iii) Construction of 01 no. 132kV Feeder Bays at 132/33kV Grid S/S, Nuapatna required for 132kV Nuapatna-Banki Ckt-II Feeder alongwith stringing of 132kV Nuapatna-Banki Ckt-II line in existing DC tower, under under EHT (O&M) Division, Choudwar.<br>**Complete bidding documents are available on or after dated 21.04.2026, 11:00 hrs.** | **Rs. 21,20,11,528/-** |
| CPC-12/2026-27 | Bid invited from reputed manufacturers in two part bidding system for supply of Three Stack 400kV Post Insulator in e-tendering mode only.<br>**Last Date & Time of Submission of Bid: 14.05.2026 upto 13:00 Hr.** | **Rs. 19,47,000/-** |
| CPC-17/2026-27 | Bid invited under single stage two part system from any bidders for Engineering, Supply, Erection, Testing & Commissioning of High Temperature Low Sag (HTLS) Conductor after dismantling of ACSR Panther Conductor in existing 132kV Lapanga-Aryan Viraj-Shyam DRI SC line along with up-gradation of requisite bay equipment in Jharsuguda District on EPC Contract Basis in e-tendering mode only.<br>**Last Date & Time of Submission of Bid: 11.05.2026 upto 12:45 P.M.** | **Rs. 8,65,47,162/-** |
| CPC-18/2026-27 | Design, Engineering, Supply, Erection, Installation, Testing & Commissioning of 01(one) no. of 132kV AIS Bay Extension at 220/132/33kV GSS Atri and associated 132kV S/C Line from 220/132/33kV GSS Atri to M/s Jupiter Tatravagonka Railwheel Factory Pvt. Ltd., Haladiapada (Approx. Line Length- 7.452 kms. with provision of 132kV 630 Sq.mm XLPE Copper Under Ground cable (S/C) for Gantry take off arrangement on EPC/ Turnkey Contract Basis in e-tendering mode only.<br>**Last Date & Time of Submission of Bid: 05.05.2026 upto 12:30 P.M.** | **Rs. 14,15,44,610/-** |
| CPC-72/2025-26 | Bid invited from reputed manufacturers under two part bidding system for supply of 21 nos. of 500MVA, (765/√3)/ (400/√3)/ 33kV 1-ph Auto Transformer (without Tap changer/OLTC).<br>**Last Date & Time of Submission of Bid: 19.05.2026 upto 15:00 Hrs.** | **Rs. 5,52,07,01,065/-** |

Complete set of bidding documents are available at **www.tenderwizard.com/OPTCL** and **www.optcl.co.in**.

/optcl.odisha /optcl_odisha HIPR-05/2026-27

## CAREER APPOINTMENT
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## WANTED
Bhubaneswar based C.A firm requires Experienced Accountant with exposure in ROC, GST, I.Tax Filling & Finalisation of Accounts (Preferred Female).
Contact :
rkjena@hotmail.com,
routaditya@rediffmail.com

## WANTED
1. Lady Office Assistant
Salary- 10,000 to 15,000
2. ବଗିଚା କାମ ପାଇଁ ମାଳୀ ଆବଶ୍ୟକ ।
3. Electrical Work, Experienced
Salary- 10,000 to 15,000
ରହିବା ଖାଇବା ଫ୍ରି
Phulanakhara, Cuttack
**7809525452**

See Career Appointment on every Wednesday & Saturday

## APPOINTMENT
**HR AND ADMIN REQUIREMENT**
3 TO 5 YEAR EXPERIENCE IN BHUBANESWAR
- CONTACT -
**9938237545 / 7978196346**

### ରେଳ ମନ୍ତ୍ରଣାଳୟ
### (ରେଳ ବୋର୍ଡ)
### ଭାରତୀୟ ରେଳ (ସଂଶୋଧନ) ଆଇନର ଧାରା 20(F) ଅନୁଯାୟୀ ସାର୍ବଜନୀନ ନୋଟିସ
**17 ଏପ୍ରିଲ 2026**

ଯେହେତୁ ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟର ବିଜ୍ଞପ୍ତି, ସଂଖ୍ୟା S.O. 4163(E) ତାରିଖ 15 ସେପ୍ଟେମ୍ବର 2025 ରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ-II, ଧାରା 3, ଉପ-ଧାରା (ii) ରେ 15 ସେପ୍ଟେମ୍ବର 2025 ରେ ପ୍ରକାଶିତ (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି), ରେଳ ଆଇନ, 1989 (1989 ର 24) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20(E) ର ଉପଧାରା (i) ଅନ୍ତର୍ଗତ, କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଯେ, ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାରେ "ସାସନ-ସାରଲା ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ନିର୍ମାଣ" ସ୍ୱତନ୍ତ୍ର ରେଳ ପ୍ରକଳ୍ପର କାର୍ଯ୍ୟକାରୀ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ ସମସ୍ତ ପ୍ରକାରର ଭାରରୁ ମୁକ୍ତ ହୋଇ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

ଏବଂ ଯେହେତୁ ଉପରୋକ୍ତ ପ୍ରଥମ ଗେଜେଟ୍ ବିଜ୍ଞପ୍ତି ସଂଖ୍ୟା S.O.1521 (E) ତାରିଖ: 28 ମାର୍ଚ୍ଚ 2025 ର ସାରାଂଶ 1 ଏପ୍ରିଲ 2025 ରେ ଭାରତୀୟ ଗେଜେଟ୍ ରେ ପ୍ରକାଶିତ ହୋଇଥିଲା ଏବଂ ଉକ୍ତ ଆଇନର 20A ର ଉପ-ଧାରା (1) ଅନ୍ତର୍ଗତ 12 ଏପ୍ରିଲ 2025 ରେ ସମ୍ବାଦପତ୍ର "ପ୍ରମେୟ" (ଓଡିଆ) ଏବଂ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" (ଇଂରାଜୀ) ରେ ପ୍ରକାଶିତ ହୋଇଥିଲା ଏବଂ 15 ସେପ୍ଟେମ୍ବର 2025 ତାରିଖର ଦ୍ୱିତୀୟ ଗେଜେଟ୍ ବିଜ୍ଞପ୍ତି ସଂଖ୍ୟା S.O. 4163 (E) ତାରିଖ 15 ସେପ୍ଟେମ୍ବର 2025 ରେ ଭାରତୀୟ ଗେଜେଟ୍ ରେ ପ୍ରକାଶିତ ହୋଇଥିଲା ଏବଂ ଉକ୍ତ ଆଇନର ଧାରା 20E ର ଉପ-ଧାରା (1) ଅନ୍ତର୍ଗତ 25 ସେପ୍ଟେମ୍ବର 2025 ରେ "ସମ୍ବାଦ" (ଓଡିଆ) ଏବଂ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" (ଇଂରାଜୀ) ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା।

ଏବଂ 26 ଫେବୃୟାରୀ 2026 ରେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ)/ସମ୍ବଲପୁର ଏହି ପ୍ରକଳ୍ପ ପାଇଁ ଯଥାକ୍ରମେ ପାବପାଲି ଗ୍ରାମ ପାଇଁ ଆକଳନ ମଞ୍ଜୁର କରିଥିଲେ ଯାହା Spl LAO/ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ଅନୁମୋଦିତ ହୋଇଥିଲା ଏବଂ ପୁରସ୍କାର ଚୂଡ଼ାନ୍ତ ହୋଇଛି। ରେକର୍ଡ ହୋଇଥିବା ପ୍ରମାଣ ସହିତ ବିସ୍ତୃତ ଜମି ସୂଚୀ ନିମ୍ନରେ ସନ୍ଦର୍ଭ ପାଇଁ ପ୍ରଦାନ କରାଯାଇଛି।

**ଅନୁସୂଚୀ**

"ସାସନ-ସାରଲା ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ନିର୍ମାଣ" ସ୍ୱତନ୍ତ୍ର ରେଳ ପ୍ରକଳ୍ପ ପାଇଁ ପାବପାଲି ଗ୍ରାମ ପାଇଁ ଅଧିଗ୍ରହଣାଧୀନ ଜମିର ସଂକ୍ଷିପ୍ତ ବର୍ଣ୍ଣନା।

ଯେକୌଣସି ଦାବି / ପରାମର୍ଶ ଯଦି ଥାଏ, ତେବେ ତାହାର ସମାଧାନ ପାଇଁ ବ୍ୟକ୍ତିଗତ ଭାବରେ / ଏଜେଣ୍ଟଙ୍କ ଦ୍ୱାରା / ଆଇନଗତ ଅଭ୍ୟାସକାରୀଙ୍କ ଦ୍ୱାରା ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି। ପାବପାଲି ଗ୍ରାମ ପାଇଁ ଜମି ଏବଂ ସମୟର ବିବରଣୀ ନିମ୍ନରେ ଦିଆଯାଇଛି:

**ସକ୍ଷମ ପ୍ରାଧିକରଣଙ୍କ କାର୍ଯ୍ୟାଳୟର ସ୍ଥାନ**
**ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀଙ୍କ କାର୍ଯ୍ୟାଳୟ,**
**ତାଳଚେର-ସମ୍ବଲପୁର ରେଳ ସଂଯୋଗ ପ୍ରକଳ୍ପ**
**ସମ୍ବଲପୁର, ଓଡ଼ିଶା-୭୬୮୦୦୧**

**ମୌଜା- ପାବପାଲି (ରିପୋର୍ଟିଂ ତାରିଖ- 27/04/2026 ରୁ 02/05/2026 , ରବିବାର ଏବଂ ଛୁଟିଦିନ ବ୍ୟତୀତ ସମୟ-କାର୍ଯ୍ୟାଳୟ ସମୟ)**

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ କ୍ଷେତ୍ରଫଳ (ଏକର) | ଅଧିଗ୍ରହଣ ହୋଇଥିବା କ୍ଷେତ୍ର (ଏକର) | ଅଭିଲିଖିତ ପ୍ରଜାର ନାମ |
|---|---|---|---|---|---|
| 1 | 89 | 317 | 0.210 | 0.065 | ଶିବ ଶଙ୍କର ଅଗ୍ରୱାଲ, ଓମପ୍ରକାଶ ଅଗ୍ରୱାଲ, ରାଧେଶ୍ୟାମ ଅଗ୍ରୱାଲ, ଶୀତଳ ଅଗ୍ରୱାଲ, ନିର୍ମଳା ଖେମକା, ବିଶାଳ ବନସାଲ, ଗାୟତ୍ରୀ ଅଗ୍ରୱାଲ, ରାଜକୁମାର ବନସଲ ପି: ମଦନ ମୋହନ ଅଗ୍ରୱାଲ ଜା: ମାରବାଡି ବା: ନିଜଗାଁ |
| 2 | 141/136 | 319 | 0.400 | 0.195 | ଶିବ ଶଙ୍କର ଅଗ୍ରୱାଲ, ଓମପ୍ରକାଶ ଅଗ୍ରୱାଲ, ରାଧେଶ୍ୟାମ ଅଗ୍ରୱାଲ, ଶୀତଳ ଅଗ୍ରୱାଲ, ନିର୍ମଳା ଖେମକା, ବିଶାଳ ବନସାଲ, ଗାୟତ୍ରୀ ଅଗ୍ରୱାଲ, ରାଜକୁମାର ବନସଲ ପି: ମଦନ ମୋହନ ଅଗ୍ରୱାଲ ଜା: ମାରବାଡି ବା: ନିଜଗାଁ |
| 3 | 141/189 | 316 | 0.250 | 0.090 | କୈଳାଶ କୁମାର ଅଗ୍ରୱାଲ ପି: ରାମ ଚନ୍ଦ୍ର ଅଗ୍ରୱାଲ ଜା: ବଣିଆ ବା: ରାଣିଖିଣ୍ଡା |
| 4 | 141/196 | 315 | 0.720 | 0.225 | ସଙ୍ଗୀତା ଅଗ୍ରୱାଲ ସ୍ୱା :ଗୋପାଳ ଲାଲ ଅଗ୍ରୱାଲ ଜା: ବୈଶ୍ୟ ବା: ରେଲୱେ ଷ୍ଟେସନ ପାଖ, ଶାସନ |
| | | | ମୋଟ= | **0.575** | |

PR-27/CJ/26-27 Dy. CE/Con-II/SBP

**ଫାଳିକିଆ ବସ୍ତିରେ ଗୋଷ୍ଠୀ ସଂଘର୍ଷ: ୩ ଆହତ**

ଭୁବନେଶ୍ୱର, (ତ୍ରିନାଥ ମହାନ୍ତି):କ୍ୟାପିଟାଲ ଥାନା ଅଧୀନ ଫାଳିକିଆ ବସ୍ତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଦୁଇ ପକ୍ଷ ଆକ୍ରମଣ ଏବଂ ପ୍ରତି ଆକ୍ରମଣ କରିବା ଦ୍ୱାରା ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। କେଉଁ କାରଣ ପାଇଁ ଗଣ୍ଡଗୋଳ ହେଲା ସେନେଇ ପୋଲିସ ଖୋଳତାଡ଼ କରୁଛି। ଗଣ୍ଡଗୋଳ କରିଥିବା ଉଭୟ ପଟରୁ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବ୍ରହ୍ମାନନ୍ଦ



@ କାର୍ତ୍ତିକ



@ ଲିପୁ



@ ଶକ୍ତି



@ ସୂର୍ଯ୍ୟାର୍ଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୭ ଜିଲାରେ ବିବାହ କଲେ ୧ହଜାର ଦମ୍ପତି

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ଭୁବନେଶ୍ୱର, ୨୧।୪(ସୁନିତ୍ ମିଶ୍ର)

ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ଓଡ଼ିଶାର ୨୭ଟି ଜିଲାରେ ମଙ୍ଗଳବାର ଗୋଟିଏ ଦିନରେ ପ୍ରାୟ ୧ହଜାର ଦମ୍ପତିଙ୍କ ବିବାହ କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବର ସହ ସମ୍ପନ୍ନ ହୋଇଛି। ଏହା ଏକ ଐତିହାସିକ ସଫଳତା ବୋଲି ରାଜ୍ୟ ସରକାର କହିଛନ୍ତି।

ଏହି ପବିତ୍ର ଅବସରରେ ବାଲେଶ୍ୱରରେ ଜିଲା ପ୍ରଶାସନ ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକର ମିଳିତ ଆନୁକୁଲ୍ୟରେ ଆୟୋଜିତ ଜିଲାସ୍ତରୀୟ ସାମୁହିକ ବିବାହ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ୫୬ ନବଦମ୍ପତିଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବାଲେଶ୍ୱରର ଏହି ଗରିମାମୟ ମାଟିରେ ୫୦ରୁ ଅଧିକ ଦମ୍ପତିଙ୍କ ବିବାହ ବନ୍ଧନରେ ଆବଦ୍ଧ ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ସେ ସମାଜରୁ ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ଭଳି କୁସଂସ୍କାରକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବା ପାଇଁ ଅଭିଭାବକ ଓ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସହ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ସମେତ ସ୍ଥାନୀୟ ବିଧାୟକଗଣ ଏବଂ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ତଥା ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ କରିଛନ୍ତି।

ସୂଚନା ଯୋଗ୍ୟ, ଆର୍ଥିକ ଅଭାବ କିମ୍ବା ସାମାଜିକ ଚାପ ଯୋଗୁଁ କନ୍ୟାଙ୍କ ବିବାହ ପାଇଁ କଷ୍ଟ ସହୁଥିବା ପରିବାରକୁ ସହାୟତା ପ୍ରଦାନ କରିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ମୂଳ ଉଦ୍ଦେଶ୍ୟ। ଏହି ଯୋଜନା ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କ ପାଇଁ ମୋଟ ୬୦ହଜାର ଟଙ୍କାର ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଥିବାବେଳେ ଅବଶିଷ୍ଟ ୧୫ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ପାଇଁ ଖର୍ଚ୍ଚ କରାଯାଉଛି ।




ବାଲେଶ୍ୱରଠାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ କାର୍ଯ୍ୟକ୍ରମରେ ସାମିଲ ହୋଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ଦମ୍ପତିଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ଗ୍ରୀଡ୍‌କୋ ପାଳିଲା ୩୧ତମ ସ୍ଥାପନା ଦିବସ

## ଗ୍ରୀଡ୍‌କୋର ଅବଦାନ ରାଜ୍ୟ ବିଦ୍ୟୁତ୍ ବ୍ୟବସ୍ଥାରେ ମୁଖ୍ୟ ଭିତ୍ତିସ୍ତମ୍ଭ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୪
(ଅନୁରାଧା ମହାରଣା)

ଗ୍ରୀଡ୍‌କୋର ୩୧ତମ ସ୍ଥାପନା ଦିବସ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପାୱାର କମ୍ୟୁନିଟି ସେଣ୍ଟରରେ ପାଳନ କରାଯାଇଛି। ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଡା. ସତ୍ୟପ୍ରିୟ ରଥ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ୧୯୯୫ ମସିହାରୁ ସଂସ୍ଥାର ଆରମ୍ଭ ହୋଇଥିବା ଯାତ୍ରାକୁ ସ୍ମରଣ କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିବା ସହ ଗ୍ରୀଡ୍‌କୋର ଅବଦାନକୁ ରାଜ୍ୟ ବିଦ୍ୟୁତ୍ ବ୍ୟବସ୍ଥାର ଏକ ମୁଖ୍ୟ ଭିତ୍ତିସ୍ତମ୍ଭ ଭାବେ ପ୍ରଶଂସା କରିଥିଲେ। ସେ ଗ୍ରୀଡ୍‌କୋର ଭୂମିକାକୁ ଶକ୍ତି ସୁରକ୍ଷା ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ରାଜ୍ୟ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗ୍ରୀଡ୍‌କୋ ଅଧ୍ୟକ୍ଷ ବିଶାଲ ଦେବ ଉଦ୍‌ବୋଧନ ଦେଇ ଶକ୍ତି ବ୍ୟବସ୍ଥାର ସନ୍ତୁଳନ ରକ୍ଷା ସହିତ ଅକ୍ଷୟ ଶକ୍ତି ବିକାଶ ଦିଗରେ ଗ୍ରୀଡ୍‌କୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରୀଡ୍‌କୋ କେସ୍ ରିପୋଜିଟୋରି ସିଷ୍ଟମ୍ - ଜିସିଆର୍‌ଏସ୍ ସଫ୍ଟୱେର୍‌ର ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୭ଜଣ ଶ୍ରେଷ୍ଠ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଗ୍ରୀଡ୍‌କୋ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। କାର୍ଯ୍ୟକ୍ରମରେ ଓପିଟିସିଏଲ୍ ସିଏମ୍‌ଡି ଭାସ୍କର ଶର୍ମା, ଓପିଜିସିର ଏମ୍‌ଡି କେଦାର ରଞ୍ଜନ ପାଣ୍ଡୁ ଏବଂ ଶକ୍ତି କ୍ଷେତ୍ରରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ ଅନ୍ୟ ଅତିଥିବୃନ୍ଦ।

# ବଡ଼ମ୍ବାରେ ପୁଣି ମୃତ ହାତୀ ଠାବ

ବଡ଼ମ୍ବା, ୨୧।୪
(ମାୟାଧର ମଲ୍ଲିକ)

କଟକ ଜିଲା ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବଡ଼ମ୍ବା ଅଞ୍ଚଳରେ ହାତୀ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ବଡ଼ମ୍ବାସ୍ଥିତ ଗୁରୁଦିପାଳ ଜଙ୍ଗଲରୁ ମଙ୍ଗଳବାର ପୁଣି ଏକ ହାତୀର ମୃତଦେହ ଠାବ କରାଯାଇଛି। ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତାର ବୟସ ପ୍ରାୟ ୨୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପ୍ରାୟ ୮ରୁ ୯ ଦିନ ପୂର୍ବେ ତାର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଖବରପାଇ ବନ ବିଭାଗ ଅଧିକାରୀ ଏସିଏଫ ମନୋଜ କୁମାର ପାତ୍ର, ବଡ଼ମ୍ବା ରେଞ୍ଜର ପ୍ରଭାତ କୁମାର ରାଉତ,ସଦର ଓ ଗୋପପୁର ଫରେଷ୍ଟରଙ୍କ ସମେତ ବଡ଼ମ୍ବା ଓ ଗୋପପୁର ପ୍ରାଣୀ ଚିକିତ୍ସା ଅଧିକାରୀ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ମିଳିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସଦର ଫରେଷ୍ଟର ଶୁଭେନ୍ଦ୍ର କୁମାର ପ୍ରଧାନ କହିଛନ୍ତି। ନିକଟରେ ବଡ଼ମ୍ବାସ୍ଥିତ ଖରୋଡ ଜଙ୍ଗଲରେ ହାତୀ ମୃତ୍ୟୁ ଘଟିଥିବାବେଳେ ଏହାର ୧୦ ଦିନ ପରେ ପୁନର୍ବାର ହାତୀ ମୃତ୍ୟୁ ଘଟିବା ଚିନ୍ତାର କାରଣ ପାଲଟିଛି । ବଡ଼ମ୍ବା ଅଞ୍ଚଳରେ ବାରମ୍ବାର ହାତୀ ମୃତ୍ୟୁ ଘଟୁଥିବାବେଳେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

# 'ସଦାଶିବ ତ୍ରିପାଠୀଙ୍କ ଅବଦାନ ଅବିସ୍ମରଣୀୟ'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୧।୪(ସୌମ୍ୟରଞ୍ଜନ ରାଉତ)

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀ ଜଣେ ସତ୍ୟନିଷ୍ଠ ଓ ଆଦର୍ଶ ରାଜନେତା ଭାବେ ଓଡ଼ିଶାର ରାଜନୈତିକ ଇତିହାସରେ ଅମର ରହିବେ ବୋଲି ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ ଭୁବନେଶ୍ୱରର ମିଳିତ ସହଯୋଗରେ ମଙ୍ଗଳବାର ସୂଚନା ଭବନରେ ଆୟୋଜିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଯୋଗଦେଇ ଡ. ତ୍ରିପାଠୀଙ୍କ ଭଳି ନିଷ୍କଳଙ୍କ ଓ ନିର୍ମଳ ନେତୃତ୍ୱ ସମାଜ ପାଇଁ ସଦା ପ୍ରେରଣାଦାୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଯୋଗଦେଇ ଡ. ତ୍ରିପାଠୀଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ଅବଦାନ ଓ ରାଜନୈତିକ ଜୀବନର ପରିଚାଳନା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ ଭୋଇ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣିଙ୍କ ସମେତ ଅନ୍ୟ କର୍ମଚାରୀ ଏବଂ ଶବରୀ ସାଂସ୍କୃତିକ ସଂସଦର ସଦସ୍ୟ ଉପସ୍ଥିତ ଥିଲେ। ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦର ଉପସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସକାଳ ୮ଟାରେ କ୍ୟାପିଟାଲ ହସ୍ପିଟାଲ ଛକସ୍ଥିତ ସଦାଶିବଙ୍କ ପ୍ରତିମୂର୍ତ୍ତିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଶିଶୁଭବନ: ବଢ଼ିବ ପିଆଇସିୟୁ, ଏନ୍‌ଆଇସିୟୁ ଶଯ୍ୟାସଂଖ୍ୟା

କଟକ,୨୧।୪(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ(ଶିଶୁଭବନ)ରେ ଆଇସିୟୁ ଶଯ୍ୟା ପାଇଁ ଶିଶୁ ରୋଗୀ ଆଉ ହଟହଟା ହେବେନି। ଶିଶୁରୋଗୀଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇବା କ୍ଷେତ୍ରରେ ମେଡିକାଲ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଛନ୍ତି। ମେଡିକାଲରେ ପେଡିଆଟ୍ରିକ୍ ଇନ୍‌ଟେନ୍ସିଭ କେୟାର ୟୁନିଟ୍ (ପିଆଇସିୟୁ) ଓ ନିୟୋନାଟାଲ ଇନ୍‌ଟେନ୍ସିଭ କେୟାର ୟୁନିଟ୍ (ଏନ୍‌ଆଇସିୟୁ) ଶଯ୍ୟା ସଂଖ୍ୟା ବଢ଼ିବ। ପୂର୍ବରୁ ଆଇସିୟୁ ଥିବା କକ୍ଷକୁ ସଂଶୋଧନ ବା ମୋଡିଫାଏ କରାଯାଉଛି। ଏହାର କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଆସନ୍ତା ଦୁଇ ମାସ ମଧ୍ୟରେ ଏହାକୁ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏନେଇ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ଶିଶୁରୋଗୀ ଆଇସିୟୁ ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ିବନି କି ଅନ୍ୟତ୍ର ଯିବେନି। ଏହାକୁ ଲକ୍ଷ୍ୟ ରଖାଯାଇ ଏହି କାମ ଆରମ୍ଭ କରାଯାଇଛି, ପରେ ଅନ୍ୟାନ୍ୟ କାମ କରାଯିବା ନେଇ ସେ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ଶିଶୁଭବନର ନୂତନ କୋଠା କାର୍ଯ୍ୟକାରୀ ହେବା ପରେ ଶିଶୁଭବନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ କରାଯାଇଛି। ପୂର୍ବରୁ ଶିଶୁଭବନରେ ଥିବା ପିଆଇସିୟୁରେ ୧୨ଟି ଶଯ୍ୟା ଥିବାବେଳେ ଏନ୍‌ଆଇସିୟୁରେ ୯ଟି ଶଯ୍ୟା ରହିଥିଲା। ଏବେ ଉଭୟ ଆଇସିୟୁରେ ପ୍ରାୟ ୮ଟି ଶଯ୍ୟା ବୃଦ୍ଧି କରାଇବାକୁ ଲକ୍ଷ୍ୟ ରଖାଯାଇଛି। ଶଯ୍ୟା ବୃଦ୍ଧି ସହ ଏଠାରେ ଯନ୍ତ୍ରାଂଶ ପାଇଁ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍) ସହ ମେଡିକାଲ କର୍ତ୍ତୃପକ୍ଷ ଆଲୋଚନା କରିଛନ୍ତି। ଖୁବଶୀଘ୍ର ଏହାର ଯନ୍ତ୍ରାଂଶ ମେଡିକାଲକୁ ଯୋଗାଇ ଦେବାକୁ ଓଏସ୍‌ଏମ୍‌ସିଏଲ୍ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି।




୨୭୯୮ ନିୟମିତ ହାଇସ୍କୁଲ ଶିକ୍ଷକ (ଏସ୍‌ସି ଓ ଏସ୍‌ଟି ବ୍ୟାକ୍‌ଲଗ୍) ପଦବୀ ପୂରଣ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ ଦାବିରେ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକ ଆଶାୟୀ ସଂଘ (ଏସ୍‌ଏସ୍‌ଟିଏଏ) ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ–ମନୋରଞ୍ଜନ ମିଶ୍ର)


**NOTIFIED AREA COUNCIL, DIGAPAHANDI**
**GANJAM, ODISHA, PIN-761012**
Ph:06814-295053, E-mail:dgp_nac@yahoo.com
Letter No. 1515/DIGNAC Date:18.04.26
No.13001/265/2627 **E-Procurement Notice**

| 01 | BID IDENTIFICATION NO. | TENDER ID | PROJECT NAME | ESTIMATED COST (Without GST) |
|---|---|---|---|---|
| 02 | DIGNAC-09/2025-26 | 2026_ORULB_127591_2 | Renovation and Beautification of Bada Bandha, Digapahandi NAC, Ganjam District, Odisha | 3,29,48,350.00 |
| 03 | Procurement Officer- Publisher/ Officer Inviting the Tender/ Bids (OIT) | | Executive Officer, NAC Digapahandi | |
| 04 | NOS. OF WORKS | | 01 Nos. | |
| 05 | Date & Time of availability of BID in the portal | | From 11.00 hours of dtd.20.04.2026 to 17.30 hours of dtd.02.05.2026 | |
| 06 | Last date/time for receipt of bids in the portal (Submission of Technical Bids & Financial Bids) through online | | 17.30 Hours of 02.05.2026 | |
| 07 | PRE BID MEETING | | 11.30 AM Hrs of 27.04.2026 | |
| 08 | Last date /Time for receipt of Physical Documents through Speed Post/ Regd. Post N.B: However, submission of physical documents is not mandatory, it is only for Official purpose. The office will only accept the tender papers received through online | | 17.30 Hours of 04.05.2026 | |
| 09 | Date & Time of Opening of the Bids | | Technical Bid- 11.00 AM hours of Dtd.05.05.2026 Financial Bid to be intimated in the conference hall of NAC, Digapahandi (if any holiday, then the tender will open in next working day) | |

N.B.: Further more details can be seen in the DTCN available in the e-Procurement portal i.e. **https://tendersodisha.gov.in.**

**Sd./- Executive Officer,**
**NAC, Digapahandi, Ganjam**
OIPR-13001/13117/1/26-27/0004



**OFFICE OF THE MUNICIPAL COUNCIL UMERKOTE**
**NABARANGPUR (ODISHA), PIN-764073**
**E-mail- nac_umerkote@rediffmail.com**
**"e" PROCUREMENT NOTICE**
**Bid Identification No.01/UKT-MUN/2026-27**

**No.13001/264/2627:** Bid Documents consisting of Service Work, Estimated Cost, Cost of Tender Paper, EMD and Time of Completion and the set of term and condition of contract and other necessary documents can be seen www.tenderorissa.gov.in.

INVITATION TO TENDER AND INSTRUCTIONS CONTAINING TERMS AND CONDITIONS GOVERNING CONTRACT FOR CLEANING, SANITATION AND WASTE DISPOSAL SERVICES AT UMERKOTE MUNICIPALITY (Ward No.1 to 14).

| | |
|---|---|
| Name of the Service | Cleaning of drain, Sweeping of Street & Main Road, Garbage lifting, Bush Cutting, Sanitation and Waste Disposal Service at Umerkote Municipality Ward No. 1 to 14 |
| EMD @1% | Rs.2,54,585.16 |
| Agency | As per eligible criteria mentioned in DTCN. |
| Period of Contract | 01 (One) Year |
| Cost of Tender Document | Rs.10,000/- (Non-Refundable) |
| Download of Tender Document | Date 20.04.2026 to Dt.27.04.2026 upto 5.00 P.M. |
| Last date of receipt through online | Online: Date 27.04.2026 upto 5.00 P.M. |
| Date of Tender to be opened | Date 28.04.2026 at 11.00 A.M. |
| Date of Financial bid to be Opened | Date 29.04.2026 at 11.00 A.M. |
| Place of Opening of Tender | Municipality Office Umerkote |
| Officer Invited the Tender | Executive Officer, Umerkote Municipality |

The details of this tender also available at website www.nabarangpur.nic.in and www.tenderodisha.gov.in.

NOTE: 1. The Executive Officer, Municipal Council, Umerkote may at his/her discretion, extend this date by a fortnight and such extension shall be binding on tenderers.

**OIPR-13001/13180/1/26-27/0001**



**DIRECTORATE OF AGRICULTURE & FOOD PRODUCTION, ODISHA**

**CANCELLATION NOTICE**

**"SELECTION OF AGENCY FOR OPERATIONALIZATION OF IDENTIFIED STATIC SOIL TESTING LABORATORIES" UNDER ADMINISTRATIVE CONTROL OF DIRECTOR OF AGRICULTURE & FOOD PRODUCTION (ODISHA)**

No. 1001/20/2627: RFP No. 33719 Dated 23.09.2025: The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha has decided to cancel the RfP No. 33719 Dtd.23.09.2025 for "Selection of Agency for Operationalization of identified Static Soil Testing Laboratories" under the Administrative Control of Director of Agriculture and Food Production (Odisha) which was published in the official website such as **www.agrisnetodisha.ori.nic.in, agri.odisha.gov.in & tendersodisha.gov.in**.

**Sd./- Director of Agriculture & Food Production, Odisha**

OIPR-1001/1102/1/26-27/0002

**ଜେଏମ୍‌ଏମ୍ ସହ ମେଣ୍ଟ କରିବନି କଂଗ୍ରେସ**

ଭୁବନେଶ୍ୱର,(ରବିନାରାୟଣ ଜେନା):ରାଜ୍ୟରେ କଂଗ୍ରେସ କିଭଳି ସୁଦୃଢ଼ ହେବ ସେନେଇ ମଙ୍ଗଳବାର ପ୍ରଦେଶ ଆଦିବାସୀ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଗୁରୁତ୍ୱପୂର୍ଣ୍ଣ ୫ଟି ନିଷ୍ପତ୍ତି ମଧ୍ୟରେ ଆଗାମୀ ଦିନରେ ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଜିଲାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସହ କଂଗ୍ରେସ ମେଣ୍ଟ ନ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ପେଟ୍ରୋଲ ପମ୍ପରେ ମିଳୁନି ୫କେଜି ଗ୍ୟାସ୍ ସିଲିଣ୍ଡର

## ଗ୍ୟାସ୍ ଅଭାବରୁ ଗାଁମୁହାଁ ଛାତ୍ରୀଛାତ୍ର, କର୍ମଜୀବୀ

■ଯୋଗାଣ ମନ୍ତ୍ରୀଙ୍କ ଘୋଷଣା ପରେ ଟାଙ୍କିରେ ଜମୁଛି ଭିଡ଼

■ଗ୍ୟାସ୍ ରଖିବାକୁ ଲାଇସେନ୍ସ ନ ଥିବା କହୁଛନ୍ତି ପମ୍ପ କର୍ମଚାରୀ



ଭୁବନେଶ୍ୱର,୨୧।୪(ପ୍ରସନଜିତ୍ ସାହୁ)

ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ କାରଣରୁ ଭାରତରେ ରନ୍ଧନ ଗ୍ୟାସ୍‌ର ଅଭାବ ଦେଖାଦେଇଛି। ଏହାର ପ୍ରଭାବ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବିଶେଷଭାବେ ପରିଲକ୍ଷିତ ହେଉଛି। ୧୪କେଜି ଗ୍ୟାସ୍ ସିଲିଣ୍ଡର ବୁକିଂ ପରେ ବିଳମ୍ବ ସତ୍ତ୍ୱେ ମିଳିଯାଉଥିବାବେଳେ ୫କେଜି ଗ୍ୟାସ୍ ଟାଙ୍କି ମିଳିବାରେ ବହୁ ଅସୁବିଧା ହେଉଛି। ବିଶେଷକରି ଏହି ୫କିଲୋ ଗ୍ୟାସକୁ ଛାତ୍ରୀଛାତ୍ର ଏବଂ କର୍ମଜୀବୀ ବ୍ୟବହାର କରୁଥିବାରୁ ସେମାନେ ଏବେ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ୫କିଲୋ ଗ୍ୟାସ୍ ସମସ୍ତ ପେଟ୍ରାଲ ପମ୍ପରେ ଉପଲବ୍ଧ ହେବ ଏବଂ ଯେଉଁମାନଙ୍କ ଗ୍ୟାସ୍ କାର୍ଡ ନାହିଁ ସେମାନେ ଆଧାର କାର୍ଡ କିମ୍ବା ଆଇକାର୍ଡ ଦେଖାଇ ନେଇପାରିବେ ବୋଲି ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତ ୫ ତାରିଖରେ କହିଥିଲେ। ସରକାରଙ୍କ ଘୋଷଣା ପରେ ଛାତ୍ରୀଛାତ୍ର ଓ କର୍ମଜୀବୀ ପେଟ୍ରୋଲ ପମ୍ପରେ ୫ କେଜି ଗ୍ୟାସ୍ ସିଲିଣ୍ଡର ପାଇଁ ଯାଉଛନ୍ତି। ହେଲେ ସେଠାରୁ ନ ପାଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କାଁ ଭାଁ ଯେଉଁ କେତୋଟି ପେଟ୍ରୋଲ୍ ପମ୍ପରେ ଅଛି, ତାହା ଖୁବ କମ୍ ସଂଖ୍ୟକ ଉପଲବ୍ଧ ଥିବାରୁ ପ୍ରତିଦିନ ପେଟ୍ରୋଲ ଟାଙ୍କିରୁ ଯାଇ ଗ୍ରାହକଙ୍କୁ ଫେରିବାକୁ ପଡୁଛି। ଗ୍ୟାସ୍ କଳାବଜାରି ରୋକିବା ଓ ସହଜରେ ମିଳିବା ନେଇ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ୫କେଜି ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡରକୁ ନେଇ ବଡ ଘୋଷଣା କରାଯାଇଥିଲା। ଏପରି କି ନୂତନ ଗ୍ୟାସ ଟାଙ୍କିର ମୂଲ୍ୟ ୧୫୭୩ ଟଙ୍କା ହୋଇଥିବା ବେଳେ ଏହାକୁ ରିଫିଲ କରିବାକୁ ୬୨୯ ଟଙ୍କା ପଡିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଥିଲା। ଏହି ଗ୍ୟାସ୍ ନେବା ପାଇଁ କେବଳ ଆଇଡି ପ୍ରୁଫ ସହିତ ଗୋଟିଏ ପାସପୋର୍ଟ ସାଇଜ ଫଟୋର ଆବଶ୍ୟକତା ରହିଛି। ହେଲେ ଅନେକ ପେଟ୍ରୋଲ ପମ୍ପରେ ୫ କେଜି ବିଶିଷ୍ଟ ଗ୍ୟାସ ଟାଙ୍କି ଉପଲବ୍ଧ ହେଉ ନାହିଁ। ଏପରି କି ସେମାନଙ୍କ ପାଖରେ ଗ୍ୟାସ ରଖିବା ପାଇଁ କୌଣସି ଆଇନଗତ ପ୍ରମାଣ ପତ୍ର ନଥିବା ବିଭିନ୍ନ ପେଟ୍ରୋଲ ପମ୍ପର ମାଲିକ ତଥା କର୍ମଚାରୀମାନେ କହିଛନ୍ତି। ସେହିପରି କିଛି ପେଟ୍ରୋଲ ପମ୍ପରେ ଖୁବ୍ କମ୍ ମାତ୍ରାରେ ୫କେଜିବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଆସୁଥିବାରୁ ସମସ୍ତ ଗ୍ରାହକଙ୍କୁ ଯୋଗାଇବା ସମ୍ଭବ ହେଉ ନ ଥିବା ଜାଣିବାକୁ ମିଳିଛି।



“ସରକାର ଘୋଷଣା କରିଦେଲେ ହେବ ନାହିଁ। ପେଟ୍ରୋଲ ଟାଙ୍କିରେ ରନ୍ଧନ ଗ୍ୟାସ୍ ରଖିବା ପାଇଁ ଆମ ପାଖରେ କୌଣସି ଆଇନଗତ ପ୍ରମାଣପତ୍ର କିମ୍ବା ରଖିବା ପାଇଁ ଜାଗା ନହିଁ। ଆମ ପାଖରେ ଏବେ ସୁଦ୍ଧା କୌଣସି ୫ କେଜି ବିଶିଷ୍ଟ ଗ୍ୟାସ ଟାଙ୍କି ନାହିଁ। ହେଲେ ସରକାରଙ୍କ ଘୋଷଣା ପରଠୁ ପ୍ରତିଦିନ କିଛି ଲୋକ ଆସି ଗ୍ୟାସ୍ ନ ଥିବା କାରଣରୁ ଅସନ୍ତୋଷ ପ୍ରକାଶ କରି ଫେରୁଛନ୍ତି।

**- ହିମାଂଶୁ ରାୟ, ମ୍ୟାନେଜର, ରାଜଧାନୀ ସର୍ଭିସ ଷ୍ଟେଶନ, ମାଷ୍ଟର କ୍ୟାଣ୍ଟିନ**



“ଆମ ପେଟ୍ରୋଲ ପମ୍ପରେ ୩ ଥର କରି ମୋଟ ୪୪ ଟି ଟାଙ୍କି ବିକ୍ରି କରିଛୁ। ଏହି ୫ କେଜି ବିଶିଷ୍ଟ ଗ୍ୟାସ୍ ଟାଙ୍କି ନେବାକୁ ପ୍ରାୟତଃ ହଷ୍ଟେଲ ପିଲା ଆସୁଛନ୍ତି। ବର୍ତ୍ତମାନ ଆମ ପାଖରେ ସିଲିଣ୍ଡର ଗଚ୍ଛିତ ନ ଥିବାରୁ ଗ୍ରାହକ ସବୁଦିନ ଆସି ଫେରୁଛନ୍ତି। ସହରର ସବୁ ପେଟ୍ରୋଲ ପମ୍ପଗୁଡ଼ିକରେ ସରକାରଙ୍କ ନିୟମାନୁସରେ ଏହି ସିଲିଣ୍ଡର ଉପଲବ୍ଧ ହୋଇପାରିଲେ ବିଶେଷ ଭାବରେ ହଷ୍ଟେଲପିଲାଓଶ୍ରମିକଶ୍ରେଣୀରଲୋକମାନେଉପକୃତହୋଇପାରନ୍ତେ।

**- ହେମନ୍ତ ମହାପାତ୍ର, କନକ ଦୁର୍ଗା ଫିଲିଂ ଷ୍ଟେଶନ, ଜନପଥ**



“ପ୍ରାୟ ୨ ମାସ ହେବ ଗ୍ୟାସ୍ ସମସ୍ୟା ଯୋଗୁ ଆମେ ବଡ ହଇରାଣ ହେଉଛୁ। ହୋଟେଲରେ ଖାଦ୍ୟ ରେଟ୍ ବହୁତ ବଢ଼ିବା କାରଣରୁ ସେଠାରେ ଖାଇବା ସମ୍ଭବ ହେଉନାହିଁ। ବାହାରେ ଗ୍ୟାସ ଭର୍ତ୍ତି କରିବାକୁ ଲିଟର ପିଛା ୩ଶହ ଟଙ୍କା ଦେବାକୁ ପଡୁଛି। ୩ ଦିନ ହେବ ୫କେଜି ବିଶିଷ୍ଟ ଗ୍ୟାସ ପାଇଁ ପେଟ୍ରୋଲ ପମ୍ପ ଆସି ଫେରିବାକୁ ପଡୁଛି। ରୋଷେଇ କରିବାକୁ ଗ୍ୟାସ୍ ନ ଥିବାରୁ ବାଧ ହୋଇ ଗାଁକୁ ଫେରିଯିବୁ।

**- ମଙ୍ଗରାଜ ବାରିକ, କର୍ମଜୀବୀ**



“ସରକାରଙ୍କ ଘୋଷଣା ସତ୍ତ୍ୱେ ମଧ ସମସ୍ତ ପେଟ୍ରୋଲ୍ ପମ୍ପରେ ଏହି ସୁବିଧା ଯୋଗାଇବା ସମ୍ଭବ ନୁହେଁ। ମୁଖ୍ୟ କଥା ହେଲା ଯେଉଁ କମ୍ପାନୀମାନେ ଏହି ସିଲିଣ୍ଡର ଯୋଗାଇ ଦେଉଛନ୍ତି, ସେମାନେ ଏନେଇ ବିଜ୍ଞପ୍ତି ପ୍ରକାଶ କଲେ ସାଧାରଣ ଲୋକେ ସହରର ବିଭିନ୍ନ ପେଟ୍ରୋଲ ଟାଙ୍କିକୁଆସିଫେରିବାକୁପଡ଼ିବ ନହିଁ। ମୋ ଜାଣିବାରେ ସହରର କିଛି ଇଣ୍ଡିଆନ ଅଏଲ ଟାଙ୍କିରେ ଏହିସୁବିଧା ମିଳି ପାରିଛି। ହେଲେ ବିପିସିଏଲ୍ କିମ୍ବା ଏଚ୍‌ପିସିଏଲ୍ ଟାଙ୍କିରେ ଏପର୍ଯ୍ୟନ୍ତ ଏହି ସୁବିଧା ମିଳି ପାରିନାହିଁ। ବିଭାଗ ଏଥିପ୍ରତି ଯତ୍ନଶୀଳ ହେଲେ ସାଧାରଣ ଜନତା ଅସୁବିଧାରେ ପଡିବେନି।

**- ସଞ୍ଜୟ ଲାଠ, ସାଧାରଣ ସମ୍ପାଦକ, ଉତ୍କଳ ପେଟ୍ରୋଲିୟମ ଡିଲର୍ସ ଆସୋସିଏଶନ**



“ସରକାରଙ୍କ ଘୋଷଣା ପରେ ସୁବିଧାରେ ଗ୍ୟାସ୍ ପାଇଯିବି ଭାବି ଖୁସି ଥିଲି। ହେଲେ ପେଟ୍ରୋଲ ପମ୍ପରେ ୫ କେଜିବିଶିଷ୍ଟ ଗ୍ୟାସ୍ ଟାଙ୍କି ପାଇଁ ଯାଇ ଲାଇନ୍ ଦେଲେ ମଧ ଫେରିବାକୁ ପଡୁଛି। ଅସହ୍ୟ ଗରମରେ ଏକାଧିକ ଥର ଯାଇ ନିରାଶ ହୋଇ ଫେରିବାକୁ ପଡୁଛି। ଗ୍ୟାସ୍ ନ ଥିବାରୁ ରୋଷେଇ କରି ହେଉ ନାହିଁ। ଆଗକୁ ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ରହିଛି। କିନ୍ତୁ ଗ୍ୟାସ୍ ନ ଥିବାରୁ ବାଧ ହୋଇ ଗାଁକୁ ଫେରିଯିବି। ଯୋଗାଣ ବିଭାଗ ଘୋଷଣା ଅନୁସାରେ ସହରର ସମସ୍ତ ପେଟ୍ରୋଲ ଟାଙ୍କିରେ ୫ କେଜି ସିଲିଣ୍ଡର ଉପଲବ୍ଧ ହେଲେ ଛାତ୍ରୀଛାତ୍ର ସୁବିଧାରେ ଗ୍ୟାସ ପାଇପାରିବେ।

**- ଦେବେନ୍ଦ୍ର ସାମଲ, ଛାତ୍ର**





ଭରତପୁର ଶ୍ୟାମପୁର ଭୂଦାନ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପରେ ଥଇଥାନ ଦାବିରେ ବସ୍ତିବାସିନ୍ଦା ଏବଂ ଭାରତୀୟ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ-ମନୋରଞ୍ଜନ ମିଶ୍ର)

## ପରିମଳ କର୍ମଚାରୀଙ୍କ ପାଇଁ ବିଶ୍ରାମସ୍ଥଳ

ଭୁବନେଶ୍ୱର, ୨୧।୪ (ବନ୍ଦନା ସେଠୀ)

ସଫେଇ କର୍ମଚାରୀଙ୍କ ପାଇଁ ଦୁଇଟି ଆଟେଣ୍ଡେନ୍ସ କିଓସ୍କ ତଥା ବହୁମୁଖୀ ବିଶ୍ରାମସ୍ଥଳୀ ଉତ୍ସର୍ଗ କଲା ବିଏମ୍‌ସି। ଏକ ପାଇଲଟ ପ୍ରକଳ୍ପ ଭାବେ ବିଏମ୍‌ସିର ୱାର୍ଡ ନଂ. ୩୦ (ଦକ୍ଷିଣ-ପୂର୍ବ ଜୋନ) ଏବଂ ୱାର୍ଡ ନଂ. ୨୩ (ଦକ୍ଷିଣ-ପଶ୍ଚିମ ଜୋନ)ରେ ଏହିପରି ଦୁଇଟି ବହୁମୁଖୀ ବିଶ୍ରାମ ଶେଡ୍ ନିର୍ମାଣ କରାଯାଇଛି। ଏହି ସୁବିଧାଗୁଡ଼ିକ ଡ୍ୟୁଟି ସମୟରେ ସଫେଇ କର୍ମଚାରୀଙ୍କୁ ବିଶ୍ରାମ ସ୍ଥାନ ଓ ଆଶ୍ରୟ ପ୍ରଦାନ କରିବା ସହ ଉପସ୍ଥିତି କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହାକୁ ଏକ ମଡେଲ ଭାବେ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଅନ୍ୟାନ୍ୟ ୱାର୍ଡରେ ଏଭଳି ବହୁମୁଖୀ ବିଶ୍ରାମସ୍ଥଳ ନିର୍ମାଣ ହେବାର ଯୋଜନା ରହିଛି। ଏକକାଳୀନ ପ୍ରାୟ ୨୦ଜଣ କର୍ମଚାରୀ କିଓସ୍କରେ ବିଶ୍ରାମ ନେଇପାରିବେ। ଏହି ପଦକ୍ଷେପ ପରିମଳ କର୍ମଚାରୀଙ୍କ ମନୋବଳକୁ ବୃଦ୍ଧି କରିବ ଏବଂ ସେମାନଙ୍କ କଲ୍ୟାଣ ଓ ଉନ୍ନତ ସେବା ପ୍ରଦାନ ପ୍ରତି ବିଏମ୍‌ସିର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ୱାର୍ଡର ସଫେଇ କର୍ମଚାରୀମାନେ ପ୍ରତିଦିନ ସେମାନଙ୍କ ଉପସ୍ଥିତି ଏବଂ ସୁପରଭାଇଜରଙ୍କ ସହ ସମନ୍ୱୟ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସନ୍ତି। ତେଣୁ ସେମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନ ଜରୁରୀ ମନେକରି ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସମସ୍ତଙ୍କୁ ଏକାଠି କରିବା ସହ ମୌଳିକ ସୁବିଧା ଏବଂ ଯେକୌଣସି ଋତୁରେ ସୁରକ୍ଷା, ବିଶେଷକରି ଗ୍ରୀଷ୍ମଋତୁ ଓ ଗରମ ପରିସ୍ଥିତିରେ ସହାୟତା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଫାଇନାନ୍ସ ଓ ଟାକ୍ସେସନ ଅଧ୍ୟକ୍ଷ ତଥା ୱାର୍ଡ ନଂ. ୩୦ର କର୍ପୋରେଟର ରାଜକିଶୋର ଦାସ, ଶିଶୁରୋଗ ବିଶେଷଜ୍ଞ ଡା. ଅରବିନ୍ଦ ମହାନ୍ତି, ଅତିରିକ୍ତ କମିଶନର ରତ୍ନାକର ସାହୁ, ପରିମଳ ଡେପୁଟି କମିଶନର ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୱାର୍ଡ ନଂ. ୨୩ରେ ବହୁମୁଖୀ ବିଶ୍ରାମସ୍ଥଳୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର କିରଣବାଳା ମାଝୀ ଉପସ୍ଥିତ ଥିଲେ।

## ୨ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ସିପିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୪(ତ୍ରିନାଥ ମହାନ୍ତି)

ଡୁମୁଡୁମାସ୍ଥିତ ଏକ ଶିକ୍ଷାକେନ୍ଦ୍ରରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ମାଡ଼ ମାରି ଆଖି ନଷ୍ଟ କରିବା ଘଟଣାରେ ଆକ୍ସନ ଟେକେନ୍ ରିପୋର୍ଟ ମାଗିଛନ୍ତି ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)। ଦୁଇ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ କ'ଣ ନେଇଛନ୍ତି ତାହା ଜଣାଇବାକୁ ପୋଲିସ କମିଶନରଙ୍କୁ ଆୟୋଗ ରିପୋର୍ଟ ମାଗିଛନ୍ତି। ଏହି ଘଟଣାକୁ ନେଇ ୨୦୨୫ ସେପ୍ଟେମ୍ବର ୪ରେ ମାନବାଧିକାର କର୍ମୀ ଅନିଲ କୁମାର ମଲ୍ଲିକ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଭିତ୍ତିରେ ଆୟୋଗ ଏକ ମାମଲା କରି ଶୁଣାଣି କରୁଛନ୍ତି।

୨୦୨୫ ସେପ୍ଟେମ୍ବର ୨ରେ ଡୁମୁଡୁମାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୦ ବର୍ଷୀୟା ଚତୁର୍ଥ ଶ୍ରେଣୀ ଛାତ୍ରୀ ସିମାୟା ଫାତିମାଙ୍କୁ ତାଙ୍କ ଗଣିତ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ମାଡ଼ ମାରିଥିଲେ। ଫଳରେ ତାଙ୍କର ଗୋଟିଏ ଆଖି ଗୁରୁତର ଆଘାତ ହୋଇଥିଲା। ପରେ ସେ ସଂପୂର୍ଣ୍ଣଭାବେ ଦୃଷ୍ଟିଶକ୍ତି ହରାଇଥିଲେ। ପୀଡ଼ିତାଙ୍କର ଚିକିତ୍ସା କରାଯାଇଥିଲେ ମଧ୍ୟ ଆଖି ଠିକ୍ ହୋଇ ନ ଥିଲା। ଏଭଳି ମାଡ଼ ମାରିବା ଦ୍ୱାରା ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି ଏବଂ ଶିକ୍ଷା ଅଧିକାରର ଉଲ୍ଲଂଘନ ହୋଇଛି।

**ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ମାଡ଼ ମାରି ଆଖି ନଷ୍ଟ କରିବା ଘଟଣା**

ପିଲାଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ସ୍କୁଲ କର୍ତ୍ତୃପକ୍ଷ ବିଫଳ ହୋଇଥିବା ମାନବାଧିକାର କର୍ମୀ ମଲ୍ଲିକ ଅଭିଯୋଗ କରିଛନ୍ତି। ତୁରନ୍ତ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ ସହ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା, ସିମାୟାଙ୍କ ମାଗଣା ଚିକିତ୍ସା ଏବଂ ପୁନର୍ବାସ ସହାୟତା ବାବଦକୁ ୨୫ ଲକ୍ଷ ଟଙ୍କା ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ଏବଂ ଓଡ଼ିଶାରେ ଶାରୀରିକ ଦଣ୍ଡ ଉପରେ ନିଷେଧାଦେଶ ଲାଗୁ କରିବା ପାଇଁ ଅନିଲ ଦାବି କରିଛନ୍ତି।

## 'ଶ୍ରମିକ, କୃଷକଙ୍କ ଉପରେ ଶୋଷଣର ମାତ୍ରା ବଢ଼ିଛି'





ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୧।୪(ବନ୍ଦନା ସେଠୀ)

**ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ**

ମାର୍କ୍ସବାଦୀ ତତ୍ତ୍ୱବିତ୍, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଶ୍ରମିକ ନେତା କମ୍ରେଡ ଦିବାକର ନାୟକଙ୍କ ରାଜ୍ୟସ୍ତରୀୟ ପ୍ରଥମ ବାର୍ଷିକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦିବାକର ନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରି ସ୍ୱର୍ଗତ ନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମାରୋହରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ, ୨୦୦୦ ମସିହାରେ ଭାରତର ସମ୍ପଳର ମୋଟ ୧୨% ୧% ପୁଞ୍ଜିପତିଙ୍କଠାରେ ମହଜୁଦ ଥିଲାବେଳେ ଏବେ ଦେଶର ମୋଟ ସମ୍ପଳର ୪୬ ଭାଗ ୧% ପୁଞ୍ଜିପତିଙ୍କ ପାଖରେ ଠୁଳ ହୋଇଛି। ସେହିପରି ଦେଶରେ ଶ୍ରମିକ, କୃଷକଙ୍କ ଉପରେ ଶୋଷଣର ମାତ୍ରା ବହୁ ପରିମାଣରେ ବୃଦ୍ଧି ପାଇଛି ବୋଲି ସେ କହିଥିଲେ। ସିପିଆଇର ଅନ୍ୟତମ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା କହିଲେ, ମୋଦି ସରକାର ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରାଇ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ସହ ଦେଶ ଏକଚ୍ଛତ୍ରବାଦୀ ବ୍ୟବସ୍ଥା ଆଡ଼କୁ ଗତି କରୁଛି। ଏହି ଅବସରରେ 'ସ୍ମୃତିରେ ସଂଗ୍ରାମୀ ଦିବାକର ନାୟକ' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସିପିଆଇ(ଏମ୍) ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ସିପିଆଇ (ଏମ୍‌ଏଲ) ଲିବରେଶନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ପିସିସି ପ୍ରାକ୍ତନ ସଭାପତି ଜୟଦେବ ଜେନା, ସିପିଆଇର ପ୍ରାକ୍ତନ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡି, ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ ଓ ଜୟନ୍ତ ଦାସ ପ୍ରମୁଖ ଦିବାକର ନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।

## ପଟିଆ ଶିରିଡ଼ି ସାଇ ମନ୍ଦିର ପକ୍ଷରୁ ଜଳଛତ୍ର ଯାନର ଶୁଭାରମ୍ଭ

ଭୁବନେଶ୍ୱର,୨୧।୪(ବନ୍ଦନା ସେଠୀ)

ପଟିଆ ଶିରିଡ଼ି ସାଇ ମନ୍ଦିର ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ସହାୟତାରେ ମଙ୍ଗଳବାର ଭ୍ରାମ୍ୟମାଣ ଜଳଛତ୍ର ଯାନର ଶୁଭାରମ୍ଭ କରାଯାଇଛି। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ମନ୍ଦିର କାର୍ଯ୍ୟକର୍ତ୍ତାଙ୍କ ସହ ଅଞ୍ଚଳର ବହୁ ବରିଷ୍ଠ ମୁରବି ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ରୌଦ୍ରତାପରେ ଅସ୍ତବ୍ୟସ୍ତ ବାଟୋଇମାନଙ୍କୁ ଜଳପାନ କରାଇ ସେମାନଙ୍କର ତୃଷ୍ଣା ମେଣ୍ଟାଇବା ପାଇଁ ମନ୍ଦିର ପକ୍ଷରୁ କରାଯାଇଥିବା ଏଭଳି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆୟୋଜକ ତଥା ୱାର୍ଡ ନଂ. ୧ର କର୍ପୋରେଟର ମିହିର ରାଉତ, ବିଜେଡି ନେତା ସୁବାସ ପାତ୍ର, ସମାଜିକକର୍ମୀ ପ୍ରତାପ ରାଉତ, କଳାରାହାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ ନାଥଙ୍କ ସହ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରଭାବ କମିବା ଯାଏ ଏହି ସେବା ଜାରି ରହିବ ବୋଲି ମିହିର କହିଛନ୍ତି।



ଜଳଛତ୍ର ଯାନର ଶୁଭାରମ୍ଭ ଅବସରରେ ବିଧାୟକ ସୁଶାନ୍ତ କୁମାର ରାଉତ ଓ ଅନ୍ୟମାନେ।

## ଶକୁନ୍ତଳା ଚାତାରଙ୍କୁ 'ଭଗୀରଥ' ସମ୍ମାନ





ଅତିଥିମାନେ ଶକୁନ୍ତଳା ଚାତାରଙ୍କୁ ସମ୍ମାନିତ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୨୧।୪(ସୁବାସ ଚନ୍ଦ୍ର ପ୍ରଧାନ)

ଆଦିବାସୀପଲ୍ଲୀ କନ୍ଦଲେଇର ଶକୁନ୍ତଳା ଚାତାର ସରକାରୀ ସହାୟତାକୁ ଅପେକ୍ଷା ନ କରି ୬୦ଦିନର କଠିନ ପରିଶ୍ରମରେ ୪୦ଫୁଟ୍ ଗଭୀରର ଏକ କୂଅ ଖୋଳିଛନ୍ତି। ତାଙ୍କର ଏହି ନିସ୍ୱାର୍ଥପର ସେବା ପାଇଁ ଛତାବର ଆଦର୍ଶ ଗ୍ରାମପଞ୍ଚାୟତ ପକ୍ଷରୁ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶକୁନ୍ତଳାଙ୍କୁ 'ଭଗୀରଥ' ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ଏନ୍‌ଆଇସି ର ପୂର୍ବତନ ଡେପୁଟି ଡାଇରେକ୍ଟର ଜେନେରାଲ ସୁଶାନ୍ତ କୁମାର ମହାପାତ୍ର, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟର ଦର୍ଶନ ବିଭାଗର ପ୍ରାଧାପିକା ଡ. ମୃଣ୍ମୟୀ ରଥ, ନେହେରୁ ଯୁବକେନ୍ଦ୍ର ସଙ୍ଗଠନର କୁଳମଣି ମଲ୍ଲିକ, ମାଇଣ୍ଡ ଏମ୍‌ପାୱାରମେଣ୍ଟ ଫାଉଣ୍ଡେଶନର ପ୍ରତିଷ୍ଠାତା ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶକୁନ୍ତଳାଙ୍କୁ ଆଧୁନିକ ଯୁଗର 'ଜଳଯୋଦ୍ଧା' ଭାବେ ଅଭିହିତ କରିଥିଲେ। ତାଙ୍କର ଏହି ପ୍ରୟାସ ଆଗାମୀ ପିଢ଼ୀ ପାଇଁ ଏକ ବଡ଼ ଶିକ୍ଷା ଓ ଆଶାର କିରଣ ସାଜିଛି। ଅର୍ଥାଭାବ ଯୋଗୁ କୂଅଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଜାଣିବା ପରେ ସରପଞ୍ଚ ଡେଙ୍ଗ ପଞ୍ଚାୟତ ପକ୍ଷରୁ ଶକୁନ୍ତଳାଙ୍କୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ଠକ କମ୍ପାନୀକୁ ଅହେତୁକ ଅନୁକମ୍ପା: କଂଗ୍ରେସ

## ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଆଇଟି ମନ୍ତ୍ରୀ, ସଚିବଙ୍କ ବାସଭବନ ଘେରାଉ

ଭୁବନେଶ୍ୱର,୨୧।୪(ରବିନାରାୟଣ ଜେନା)

ଅସାଧୁ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇ ତାଙ୍କଠାରୁ ବହୁ କୋଟି ଲାଞ୍ଚ ନେବା ଅଭିଯୋଗରେ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ବିଭାଗୀୟ ପ୍ରମୁଖ ସଚିବ ବିଶାଳ ଦେବଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ପୋଲିସ ଯୁବକଂଗ୍ରେସ କର୍ମକର୍ତ୍ତାଙ୍କୁ ଅଟକାଇଥିଲା। ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ଥିତିକୁ ଧେଖି ପୋଲିସ କଂଗ୍ରେସ କର୍ମକର୍ତ୍ତାଙ୍କୁ ଗିରଫ କରି ପରେ ଛାଡି ଦେଇଥିଲା।

ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଥିଲେ, ଓଡ଼ିଶାର ୫,୩୭୦ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲରେ ଏଆଇ କ୍ଲାସ୍ ରୁମ୍ ପାଇଁ ଓକାକ୍ ମାଧ୍ୟମରେ ୧୦୦୦ କୋଟି ଟଙ୍କାର ଟେଣ୍ଡର ହୋଇଛି। ଏହାର କାର୍ଯ୍ୟାନ୍ୱୟନ ଓ ରକ୍ଷଣାବେକ୍ଷଣ ପାଇଁ ମଧ ୫ ବର୍ଷ ଅବଧି ରହିବ। ଯେଉଁ ପ୍ରାଇଭେଟ ଲିମିଟେଡ କମ୍ପାନୀକୁ କାର୍ଯ୍ୟଭାର ଦିଆଯିବାକୁ ନିଷ୍ପତ୍ତି ହୋଇଛି ତାହା ଏକ ଦୁର୍ନୀତିଗ୍ରସ୍ତ କମ୍ପାନୀ। ଓଡ଼ିଶା ହାଇକୋର୍ଟରେ ମଧ ଏହି ଟେଣ୍ଡର ପ୍ରକ୍ରିୟାକୁ ଦୁର୍ନୀତିପୂର୍ଣ୍ଣ ଦର୍ଶାଇ ମାମଲା ହୋଇଛି। ଓଡ଼ିଶାରେ ସରକାରୀ ସ୍କୁଲଗୁଡ଼ିକର ଚିତ୍ର ଅତି ବିକଳ। ଡ୍ରପ୍‌ଆଉଟ୍ ଦିନକୁ ଦିନ ବଢ଼ିଚାଲିଛି। ଗାଁଠାରୁ ସହର ପର୍ଯ୍ୟନ୍ତ ସରକାରୀ ସ୍କୁଲରେ ଛାତ୍ରୀଛାତ୍ରମାନେ ନାମ ଲେଖାଉ ନାହାନ୍ତି। ଆଇଏନ୍‌ପି ଟେକ୍ନୋଲୋଜିସ୍ ଲିମିଟେଡ ଆଦର୍ଶ ବିଦ୍ୟାଳୟ ସଂଗଠନରେ ୧୨୮ଟି କମ୍ପ୍ୟୁଟର ଲାବ୍ ସ୍ଥାପନ ପାଇଁ ଆଇଏନ୍‌ପି ଟେକ୍ନୋଲୋଜି ଲିମିଟେଡ ଓକାକ୍ ମାଧ୍ୟମରେ ୭୦ କୋଟି ଟଙ୍କାର ଟେଣ୍ଡର ହାତେଇଛି। ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ ହେଉ ଏବଂ ଉପରୋକ୍ତ ଟେଣ୍ଡରଗୁଡ଼ିକ ତୁରନ୍ତ ବାତିଲ କରିବାକୁ ସେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଲୋକ ଦାସ, ମହମ୍ମଦ ଗୁଲଫାମ, ଅଭିଜିତ ଜେନା, ବଟକୃଷ୍ଣ ରାଉତରାୟ, କାର୍ତ୍ତିକେଶ୍ୱର କାଣ୍ଡି ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## ଆକ୍ସନ ଟେକେନ୍ ରିପୋର୍ଟ ମାଗିଲେ ଆଇଟି ମନ୍ତ୍ରୀ

ଭୁବନେଶ୍ୱର,୨୧।୪(ରବିନାରାୟଣ ଜେନା)

କମ୍ପ୍ୟୁଟର କିଣାରେ ହୋଇଥିବା ଦୁର୍ନୀତି ଅଭିଯୋଗକୁ ନେଇ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳବାର ସ୍ପଷ୍ଟୀକରଣ ରଖିଛନ୍ତି। ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଏନେଇ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)କୁ ଆକ୍ସନ ଟେକେନ୍ ରିପୋର୍ଟ(ଏଟିଆର୍) ମଗାଯାଇଛି। ଭାଜପା ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦିଏ ନାହିଁ। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ। ଓକାକ୍ ଏକ ସ୍ୱୟଂଶାସିତ ଅନୁଷ୍ଠାନ। ଏହା ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ-୧୮୬୦ ଅନୁସାରେ ଗଠିତ, ଯେଉଁଥିରେ ଚେୟାରମ୍ୟାନ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସଚିବ ଅଛନ୍ତି। ଆଭାସୀ କ୍ଲାସ୍‌ରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣା ବିଷୟରେ ଅବଗତ ହେବା ପରେ ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ କହିଛନ୍ତି, ବିଭିନ୍ନ ବିଭାଗର ଆଇ.ଟି.

**କମ୍ପ୍ୟୁଟର କିଣାରେ ଦୁର୍ନୀତି ପ୍ରସଙ୍ଗ**

ସମ୍ବନ୍ଧିତ କାମ ଓକାକ୍ ଦ୍ୱାରା ସମ୍ପାଦିତ ହୋଇଥାଏ। ଏଥିରେ ହେଉଥିବା କାମକୁ ଓକାକ୍ ଚେୟାରମ୍ୟାନ ଅନୁମୋଦନ କରିଥାନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ସଂସ୍ଥାରେ କିପରି ସୁଧାର ଅଣାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିବି। ଏଥିରେ ଯେଉଁମାନେ ଦୋଷୀସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ବରୁଣେଇ ପୀଠରେ ୪୯ ଯୋଡ଼ା ବରକନ୍ୟାଙ୍କ ବିବାହ

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

- ମା' ବରୁଣେଇ, କରୁଣେଇଙ୍କ ଆଶୀର୍ବାଦ ନେଲେ
- ବିବାହ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ପ୍ରଦାନ



**ଖୋର୍ଦ୍ଧା,୨୧।୪(ପ୍ରଭାତ ପାଣିଗ୍ରାହୀ)**

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମା' ବରୁଣେଇଙ୍କ ପୀଠରେ ସାମୂହିକ ବିବାହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ୪୯ ବରକନ୍ୟାଙ୍କ ଯୋଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ନବଦମ୍ପତିଙ୍କୁ ରୁପାର ମଙ୍ଗଳସୂତ୍ର ଏବଂ ଗୋଡ଼ମୁଣ୍ଡିଆ ବଣ୍ଟନ କରି ଆଶୀର୍ବାଦ ପ୍ରଦାନ କରିଥିଲେ। ସେହିପରି ଜିଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ, ପୌରପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ଜିଲାପାଳ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଅବକାରୀ ଅଧୀକ୍ଷକ ସୁମିତ୍ରା ତ୍ରିପାଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସଦର ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ବିବାହୋତ୍ସବ ପରିଚାଳନା କରିଥିଲେ। ବିବାହୋତ୍ସବ ଆୟୋଜକ ସାମାଜିକ ଅନୁଷ୍ଠାନ ପିପୁଲ୍ସ ଫୋରମ ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୧୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ପରିଚାଳନାରେ ସହଯୋଗ କରିଥିଲେ।

ବିବାହ ନିମନ୍ତେ ୪୯ଟି ବେଦି ସହ ୪୯ଜଣ ବ୍ରାହ୍ମଣଙ୍କୁ ନିୟୋଜିତ କରାଯାଇଥିଲା। ବୈଦିକ ବ୍ରାହ୍ମଣଙ୍କ ମନ୍ତ୍ରୋଚ୍ଚାରଣ ସହ ତେଲିଙ୍ଗି ବାଜା, ଶଙ୍ଖ ତୂରୀରେ ପ୍ରକମ୍ପିତ ହୋଇଥିଲା ପରିବେଶ। ବିବାହ ସମ୍ପନ୍ନ ପରେ ନବଦମ୍ପତିଙ୍କୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ବିବାହ ରେଜିଷ୍ଟ୍ରି ସାର୍ଟିଫିକେଟ ପ୍ରଦାନ କରିଥିଲେ। ସେ କହିଥିଲେ, ଆଜିଠାରୁ ସାତଦିନ ମଧ୍ୟରେ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୪୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ପଇଠ କରାଯିବ। ଶେଷରେ ନବଦମ୍ପତି ମା' ବରୁଣେଇ ଓ କରୁଣେଇଙ୍କୁ ଦର୍ଶନ କରିଥିଲେ, ପରେ ଗୁରୁଜନମାନଙ୍କ ଆଶୀର୍ବାଦ ନେଇଥିଲେ।

ଏହା ହେଉଛି ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କ ବିବାହ ପାଇଁ ଏକ ସହାୟକ ଯୋଜନା। ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କୁ ମୋଟ ୬୦ ହଜାର ଟଙ୍କା ସହାୟତା ଦିଆଯାଇଥାଏ। ୪୫ ହଜାର ଟଙ୍କା ଆକାଉଣ୍ଟରେ ପୈଠ କରାଯିବା ସହ ୧୦ ହଜାର ଟଙ୍କା ତାଙ୍କ ବିବାହ ଉପହାର ଯଥା ଶାଢ଼ି, ଚୁଡ଼ି, ପାଉଁଜି ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପାଇଁ ବ୍ୟୟ କରାଯାଏ ଏବଂ ୫ ହଜାର ଟଙ୍କା ବିବାହ ମଣ୍ଡପ ସାଜସଜ୍ଜା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବ୍ୟବହାର ହୋଇଥାଏ। ଏହି ଯୋଜନାରେ ହିତାଧିକାରୀ ହେବାକୁ ହେଲେ କନ୍ୟାର ବୟସ ୧୮ରୁ ୩୫ ଓ ବରର ବୟସ ୨୧ରୁ ୩୫ ହେବା ଆବଶ୍ୟକ। ଉଭୟ ବରକନ୍ୟା ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଗୋଟିଏ ପରିବାରରୁ କେବଳ ଜଣେ ଝିଅ ଏହି ଯୋଜନାରେ ଲାଭ ପାଇପାରିବେ। ବିଧବା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଦିବ୍ୟାଙ୍ଗଙ୍କୁ ପ୍ରାଥମିକତା ଦିଆଯାଏ।

# ଟାଙ୍ଗୀ ଏନ୍ଏସି ପକ୍ଷରୁ ଖୋଲିଲା ଜଳଛତ୍ର




**ଟାଙ୍ଗୀ,୨୧।୪(ରଘୁନାଥ ସାହୁ)**

ଗ୍ରୀଷ୍ମ ପ୍ରବାହ ଦିନକୁଦିନ ବଢ଼ିବାରେ ଲାଗିଛି। ପୂର୍ବାହ୍ନ ୧୧ଟା ପରେ ରାସ୍ତାଘାଟ ବଜାର ଶୂନ୍ଶାନ ରହୁଥିବା ଦେଖିବାକୁ ମିଳୁଛି। ପଥିକଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଟାଙ୍ଗୀ ଏନ୍ଏସି ପକ୍ଷରୁ ଶାନ୍ତି ମାର୍କେଟ ଗୋଲେଇ ଛକଠାରେ ଜଳଛତ୍ର ଉଦ୍ଘାଟିତ ହୋଇଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୁମାନା ଜାଫ୍ରି ଜଳଛତ୍ର ଉଦ୍ଘାଟନ କରିବା ସହ ଉପସ୍ଥିତ ଲୋକଙ୍କୁ ଦହିପଣା ବଣ୍ଟନ କରିଥିଲେ। ସରପଞ୍ଚ କିଶୋର କୁମାର ବେହେରା, ଭାଜପା ନେତା ସୁରେନ୍ଦ୍ର ମହାପାତ୍ର, ସମବାୟ ସମିତି ସଭାପତି ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରାମଦ ବେପାରୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

**ବାଲୁଗାଁ/ଟାଙ୍ଗୀ,୨୧।୪ (ସଂଗ୍ରାମ ପାଇକରାୟ/ ରଘୁନାଥ ସାହୁ)**

ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଏକ ଚୋରାମଦ ବିକ୍ରି ମାମଲାର ବିଚାର କରି ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ମଙ୍ଗଳବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅଧୀନ ସାନକୁସୁମୀ ଗ୍ରାମର ନୀଳମଣି ବେହେରା(୫୮)। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି ।

ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୨ ପୂର୍ବାହ୍ନ ପ୍ରାୟ ୧୧ଟାରେ ବାଲୁଗାଁ ଅବକାରୀ ବିଭାଗ ଏଏସ୍ଆଇ ମୀନକେତନ ମାହାଳିକ ସଦଳବଳ ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱରସ୍ଥିତ ମାଛ ବଜାର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଜଣେ ବ୍ୟକ୍ତି ଏକ ଜରି ବ୍ୟାଗରେ କିଛି ସାମଗ୍ରୀ ରଖି ବସିଥିବା ବେଳେ ଅବକାରୀ କର୍ମଚାରୀ ସନ୍ଦେହ କରି ଉକ୍ତ ବ୍ୟାଗ ତଲାସିବାରେ ସେଥିରୁ ୪୦ଟି ଆସ୍କା ଫର୍ଟି ଦେଶୀମଦ ଜବତ କରିଥିଲେ। ବେଆଇନ ମଦ ବିକ୍ରି ଅଭିଯୋଗରେ ନୀଳମଣିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ କେସ ନଂ.୨(ଏ) ସି ସି ୧୨୮/୨୦୨୫ରେ ମାମଲା ବିଚାରାଧୀନ ଥିଲା। ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ମଙ୍ଗଳବାର ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦ୍ଦେବ ମାମଲା ପରିଚାଳନା କରିଥିଲେ।

# ୪୧କେଜି ଗଞ୍ଜେଇ ଜବତ, ୩ ଗିରଫ



ଜବତ ହୋଇଥିବା ଗଞ୍ଜେଇ ବସ୍ତା।

**ବୋଲଗଡ଼,୨୧।୪(ଦେବବ୍ରତ ହୋତା)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଉପକଣ୍ଠ ମା'ମଙ୍ଗଳା ମନ୍ଦିର ନିକଟରୁ ବୋଲଗଡ଼ ଥାନା ପୋଲିସ ଏକ କାର୍ରୁ ୪୧କେଜି ଗଞ୍ଜେଇ ଭର୍ତ୍ତି ଦୁଇଟି ବସ୍ତା ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଫୁଲବାଣୀ ସଦର ଥାନା ଅଞ୍ଚଳର ପଦ୍ମଚରଣ ଦିଗାଲ(୩୦) ଓ ରାକେଶ ପ୍ରଧାନ(୧୯) ଏବଂ ବୋଲଗଡ଼ ଥାନା ରୁଡ଼ା ଗ୍ରାମର ପ୍ରେମାନନ୍ଦ ସାହୁ (୩୨)। ଜବତ ଗଞ୍ଜେଇର ମୂଲ୍ୟ ୪ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ଗଞ୍ଜେଇ ଫୁଲବାଣୀରୁ ଭୁବନେଶ୍ୱରକୁ ଚାଲାଣ ହେଉଥିଲା ବୋଲି ଗିରଫ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି। ସୂଚନା ମୁତାବକ, ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବା ପରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏସ୍ଡିପିଓଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସୁକାନ୍ତ ଦଳେଇଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସୋମବାର ମଧ୍ୟାହ୍ନରେ ମା'ମଙ୍ଗଳା ମନ୍ଦିର ନିକଟରେ ନୟାଗଡ଼ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ (ନଂ.ଓଡି ୦୨ଏସି ୧୨୯୯)କୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରୁ ଗଞ୍ଜେଇ ଜବତ କରିବା ସହ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଏହି ଚଢ଼ାଉରେ ଥାନା ଅଧିକାରୀଙ୍କ ସମେତ ଏଏସ୍ଆଇ ଏମ୍.ଆର୍ ପ୍ରଧାନ, କନ୍ଷ୍ଟେବଳ ସରିଫ ଖାଁ, ସୁମନ୍ତ ଚମ୍ପତିରାୟ, ଦୀନବନ୍ଧୁ ପ୍ରଧାନ, ରମେଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ହାଡୁବନ୍ଧୁ ଦାସ ତଦନ୍ତ ଦାୟିତ୍ୱ ନେଇ ଥାନାରେ ଏକ ମାମଲା (ନଂ.୧୬୪/୨୬) ରୁଜୁକରି ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରଥିଲେ।

# ସାହି ବୁଲି ଭୋଗ ଖାଇଲେ ମା'ନାରାୟଣୀ

**ନିରାକାରପୁର,୨୧।୪(ମାନସ ଚନ୍ଦ୍ର ପଟ୍ଟନାୟକ)**



ପବିତ୍ର ଅକ୍ଷୟତୃତୀୟା ଅବସରରେ ଡିଆ ପଞ୍ଚାୟତ ଅନ୍ତର୍ଗତ ଭୋଇସାହି ଗ୍ରାମର ଇଷ୍ଟଦେବୀ ମା'ନାରାୟଣୀ ସାହି ପରିକ୍ରମା କରିଛନ୍ତି। ମା'ଙ୍କୁ ଏକ ସୁସଜ୍ଜିତ ବିମାନରେ ବିଜେକରିଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଘଣ୍ଟ, ଘଣ୍ଟି, ମୃଦଙ୍ଗ ଓ ତୂରୀର ଶବ୍ଦ ସାଙ୍ଗକୁ ହରିବୋଲ, ହୁଳହୁଳିରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅଧିବାସୀଙ୍କ ପକ୍ଷରୁ ଲିଆମୁଆଁ, ଉଖୁଡ଼ା, ଖଇ, ଚଣା, ଶାକର, କୋରା ସମେତ ବିଭିନ୍ନ ଫଳ ଆଦି ନୈବେଦ୍ୟ ଭୋଗ ଲାଗି ଅର୍ପଣ କରାଯାଇଥିଲା। ଗ୍ରାମର କୋଠପତି ମାନସ ଚନ୍ଦ୍ର ପଟ୍ଟନାୟକ, ମାଳୀ ସେବାୟତ କୃଷ୍ଣଚନ୍ଦ୍ର ମହାପାତ୍ର, ସଞ୍ଜୟ କୁମାର ମହାନ୍ତି, ଦୀପକ କୁମାର ମହାନ୍ତି, ଅଜୟ କୁମାର ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, ଅରୁଣକାନ୍ତ ମହାନ୍ତି, ଅଜିତ କୁମାର ମହାନ୍ତି, ଗୋଦାବରୀ ମହାନ୍ତିଙ୍କ ସମେତ କଳସ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ମହିଳା ଓ ଗ୍ରାମର ଛୋଟରୁ ବଡ଼ ପର୍ଯ୍ୟନ୍ତ ସାମିଲ ହୋଇଥିଲେ।

# ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

**ବେଗୁନିଆ,୨୧।୪(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ଥାନା ଅଞ୍ଚଳରେ ସୋମବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ସିମାପାଲ୍ଲୀ ଗ୍ରାମର ବଳରାମ ସାହୁ (୨୮)। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୬/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ଗଡ଼ମାଣତୀର-ଡାଳତୋଳା ରାସ୍ତାରେ ଦୁର୍ଘଟଣା ଘଟିଛି ବୋଲି ଖବରପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ପରେ ଦୁର୍ଘଟଣାଗ୍ରସ୍ତ ବାଇକ୍-ହାଇୱାକୁ ଜବତ କରି ଥାନାକୁ ଆଣିବା ସହ ବାଇକ୍ ଚାଳକ ବଳରାମଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ବୋଲି ପୋଲିସ କହିଛି।

# ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ: ଖେଳାଳି ନିଲାମ ପ୍ରକ୍ରିୟା ଶେଷ



ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା ଫ୍ରାଞ୍ଚାଇଜ ଦଳ ଏବଂ ଅନ୍ୟମାନେ।

**ବୋଲଗଡ଼,୨୧।୪(ଦେବବ୍ରତ ହୋତା)**

ବୋଲଗଡ଼ ହାଇସ୍କୁଲ ଖେଳପଡ଼ିଆରେ ଆସନ୍ତା ୨୬ ତାରିଖରୁ ବୋଲଗଡ଼ ପ୍ରିମିୟର ଲିଗ୍ (ବିପିଏଲ୍) କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବ। ମେ' ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୨୮ଟି ମ୍ୟାଚ ଖେଳାଯିବ। ଏଥିଲାଗି ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ବିପିଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟ କମିଟି ଆନୁକୂଲ୍ୟରେ ସ୍ଥାନୀୟ ଟାଉନ କ୍ଲବଠାରେ ଆୟୋଜିତ ନିଲାମ ପ୍ରକ୍ରିୟାରେ ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆବେଦନ କରିଥିବା ୧୪୦ ଖେଳାଳିଙ୍କ ମଧ୍ୟରୁ ୮ଟି ଫ୍ରାଞ୍ଚାଇଜ୍ ଦଳ ପାଇଁ ସେମାନଙ୍କ ମାଲିକମାନେ ଖେଳାଳି ଚୟନ କରି ନିଲାମ ମାଧ୍ୟମରେ ସେମାନଙ୍କୁ କ୍ରୟ କରିଥିଲେ। ୮ଟି ଟିମ୍ ପାଇଁ ପ୍ରତି ଦଳରେ ୧୬ଜଣ ଖେଳାଳି ହିସାବରେ ମୋଟ ୧୨୮ଜଣଙ୍କୁ କ୍ରୟ କରାଯାଇଛି। ପ୍ରତ୍ୟେକ ଖେଳାଳିଙ୍କ ବେସିକ ନିଲାମ ମୂଲ୍ୟ ୧୦୦ଟଙ୍କା ରହିଥିବା ବେଳେ ପିଚୁକୁଳିର ଅଲ୍ରାଉଣ୍ଡର କୁନାଙ୍କୁ ୩୮୦୦ ଟଙ୍କାରେ କିଣି ବି.ବି. ରକ୍ଷ୍ଟାର ନିଜ ଦଳରେ ସାମିଲ କରିଥିଲା। ଏହି ଟୁର୍ନାମେଣ୍ଟରେ ବି.ବି. ରକ୍ଷ୍ଟାର, ଫିଲ୍ଡ ଫାଇଟର, ରାନୀ ବ୍ଲାଷ୍ଟର, ଆର୍ମି ଇଲେଭେନ, ପାୱାର ହିଟର, ରାଇଜିଂ ଷ୍ଟାର, ଅନ୍ଷ୍ଟପେବୁଲ କିଙ୍ଗ ଓ ସ୍ମାଇଲ ଇଲେଭେନ ଆଦି ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ପରସ୍ପର ସହ ଦୁଇଥର ଲେଖାଏ ଖେଳିବେ। ପ୍ରତ୍ୟେକ ଦିନ ଦୁଇଟି ମ୍ୟାଚ୍ ଓ ପ୍ରତ୍ୟେକ ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ। ଲିଗ୍ ପର୍ଯ୍ୟାୟ ପରେ ପଏଣ୍ଟ ଟେବୁଲ ଶୀର୍ଷରେ ଥିବା ୪ଟି ଟିମ୍ ଏଲିମିନେଟର ମ୍ୟାଚ ମାଧ୍ୟମରେ ଖେଳି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଚାମ୍ପିୟନ ଦଳକୁ ୨୦ ହଜାର ଏବଂ ରନରଅପ୍ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ସହ ଉଭୟ ଦଳକୁ କପ୍ ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ସ୍କୁଟି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**ବୋଲଗଡ଼,୨୧।୪(ଦେବବ୍ରତ ହୋତା)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ଥାନା ଅଧୀନ ଟାଙ୍ଗୀସାହି ବଜାରଠାରେ ସୋମବାର ସ୍କୁଟି ଧକ୍କାରେ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁସୁପଲା ଗ୍ରାମର ଆନନ୍ଦ ଭୋଳଙ୍କ ପୁଅ ପପୁ(୧୪)। ସେ ଟାଙ୍ଗୀ ସାହିସ୍ଥିତ ରଘୁନାଥ ମଧୁସୂଦନ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଥିଲେ। ସୂଚନା ମୁତାବକ, ପଞ୍ଚାୟତ କାର୍ଯ୍ୟାଳୟରୁ ପପୁ ରାଶନ ସାମଗ୍ରୀ ଧରି ଗ୍ରାମକୁ ଫେରିବା ବେଳେ ବଜାର ରାସ୍ତାପାର୍ଶ୍ୱରେ ସାଇକେଲ ରଖି ଜଳଖିଆ ଦୋକାନକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ନୟାଗଡ଼ ପଟୁ ଆସୁଥିବା ଏକ ସ୍କୁଟି (ଓଡି୧୩ ପି ୯୫୮୩) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍କୁଟିଚାଳକ ବ୍ରହ୍ମଗିରି ଅଞ୍ଚଳର ହୋଇଥିବା ବେଳେ ସେ ମଧ୍ୟ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣାକୁ ନେଇ ବୋଲଗଡ଼ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଏକ ମାମଲା (ନଂ.୧୬୫/୨୬) ରୁଜୁ କରିବା ସହ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

# ଅଗ୍ନି ନିର୍ବାପକ ସପ୍ତାହ ପାଳିତ

**ବେଗୁନିଆ,୨୧।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଅଗ୍ନି ନିର୍ବାପକ ସୁରକ୍ଷା ସପ୍ତାହ ଗତ ୧୪ତାରିଖରୁ ଆରମ୍ଭ ହୋଇ ୨୦ରେ ଶେଷ ହୋଇଛି। ଅଗ୍ନିବୀର ମୁସ୍ତାକିମ ମହମ୍ମଦଙ୍କ ନେତୃତ୍ୱରେ ଦୁର୍ଯ୍ୟୋଧନ ସାହୁ, ଶଶିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଗ୍ୟାସ୍ ସିଲିଣ୍ଡର ଜନିତ ନିଆଁ ଲିଭାଇବା କୌଶଳ, ତୈଳଜନିତ ନିଆଁ, ଆକସ୍ମିକ ଦୈବଦୁର୍ବିପାକ, ଅଗ୍ନି ନିର୍ବାପକ ସିଲିଣ୍ଡର ବ୍ୟବହାର ଓ ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦେବା ସହ ସଚେତନତା ସୃଷ୍ଟି କରିଥିଲେ। ବେଗୁନିଆ, ବାଘମାରୀ, କଣ୍ଟାବାଡ଼ ଏବଂ ପୋଡ଼ାଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଚେତନତା ସୃଷ୍ଟି କରାଯାଇଥିଲା।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସଯାତ୍ରା



**ଟାଙ୍ଗୀ,୨୧।୪(ରଘୁନାଥ ସାହୁ)**

ଟାଙ୍ଗୀ ଏନ୍ଏସିର ଆରାଧ୍ୟ ବଳରାମ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଗୋଡ଼ିପାଟଣା ସାହିସ୍ଥିତ ଡିଗୀ ପୋଖରୀଠାରେ ସଂକଳ୍ପଧାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞପୀଠରେ ପହଞ୍ଚିଥିଲା। ପଣ୍ଡିତ ଶୁଭ୍ରାଂଶୁ ମିଶ୍ର ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। ସରପଞ୍ଚ କିଶୋର କୁମାର ବେହେରା, ଯଜ୍ଞ କମିଟି ସମ୍ପାଦକ ବିଜୟ ରାଉତ, ସଦସ୍ୟ ମହେଶ୍ୱର ପ୍ରଧାନ, ବସନ୍ତ ମହାନ୍ତି, ଗୌରାଙ୍ଗ ବେହେରା, ସନାତନ ବେହେରା, ଅଧିକାରୀ ସୁବୁଦ୍ଧି, ଗଙ୍ଗାଧର ସୁନ୍ଦରାୟ, ପ୍ରବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ପରିବେଶବିତ୍ ଦୁର୍ଯ୍ୟୋଧନଙ୍କ ଶ୍ରାଦ୍ଧବାର୍ଷିକୀ

**ଯାଁଳା,୨୧।୪(ବୁଲା ବାରିକ)**

ପରିବେଶବିତ୍ ଦୁର୍ଯ୍ୟୋଧନ ମଙ୍ଗରାଜଙ୍କ ୨୨ତମ ଶ୍ରାଦ୍ଧ ଦିବସ ସଭାପତି ମୁରଲୀଧର ଜେନାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସତ୍ୟବ୍ରତ ନାୟକ ବେଦ ପାଠ କରିଥିବା ବେଳେ ସୁଶ୍ରୀ ଶ୍ରେୟସୀ ମଙ୍ଗରାଜ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କାନନବାସୀ ସାମନ୍ତରାୟ ପୂଜ୍ୟପୂଜାର ଧାରା ଅବ୍ୟାହତ ରଖିବା ପାଇଁ ସୂଚନା ଦେଇଥିବା ବେଳେ ସାମ୍ବାଦିକ ମାନସ ରଞ୍ଜନ ଦାଶ ସ୍ୱର୍ଗତ ମଙ୍ଗରାଜଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ମଙ୍ଗରାଜ 'ଗୋପବନ୍ଧୁ ଓ ଓକିଲାତି' ପୁସ୍ତକ ଲୋକାର୍ପଣ କରିଥିଲେ। ସ୍ମୃତି ସଂସଦ ପକ୍ଷରୁ ଚଳିତବର୍ଷ ବିକ୍ରମ କେଶରୀ ମଙ୍ଗରାଜଙ୍କୁ 'ସୁନାପୁଅ ସମ୍ମାନ'ରେ ସମ୍ମାନିତ କରି ଅଙ୍ଗବସ୍ତ୍ର ଉପାୟନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ପ୍ରଣତି ସ୍ୱାଇଁ, ନିରୋଜ ମହାନ୍ତି, ଉତ୍କଳ ସେବା ଅନୁଷ୍ଠାନର ସମ୍ପାଦକ କାମିନୀକାନ୍ତ ଦାଶ, ପୂର୍ବତନ ସଭାପତି ନଳିନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବଜରଙ୍ଗୀ କ୍ରିକେଟ ଟିମ୍ ଚାମ୍ପିୟନ

**କୃଷ୍ଣପ୍ରସାଦ,୨୧।୪ (କୈଳାସ ଚନ୍ଦ୍ର ପଟ୍ଟନାୟକ)**




ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଳ ପଞ୍ଚାୟତର କହ୍ନେଇପୁର ମା' କଳାପାଟ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଅଷ୍ଟମ ବାର୍ଷିକ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ବଜରଙ୍ଗୀ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଜଗତେଶ୍ୱର କ୍ରିକେଟ ଟିମ୍ ସିଆଣ୍ଡି ଏବଂ ବଜରଙ୍ଗୀ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ବଜରଙ୍ଗୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫୨ରନ ସଂଗ୍ରହ କରିଥିଲା। ଜବାବରେ ସିଆଣ୍ଡି ଟିମ୍ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ଫଳରେ ବଜରଙ୍ଗୀ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଅମୂଲ୍ୟ କୁମାର ଦଳେଇ ଏବଂ ସଂଗ୍ରାମ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ରଞ୍ଜନ କୁମାର ଦଳେଇ ଧାରା ବିବରଣୀ ଏବଂ କଳିଙ୍ଗ ଦାସ ସ୍କୋରବୋର୍ଡରେ ସହଯୋଗ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କହ୍ନେଇପୁର ଗ୍ରାମ୍ୟ କମିଟି ସଭାପତି ଅଭିମନ୍ୟୁ ଦଳେଇ, ସମ୍ପାଦକ ଅଭୟ କୁମାର ଦଳେଇ, ଗ୍ରାମର ଅବସରପ୍ରାପ୍ତ ଆକାଶ ବାହିନୀ ଅଧିକାରୀ ସନ୍ନ୍ୟାସୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନରଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସଂଘ ସଭାପତି ପ୍ରମୋଦ କୁମାର ଦଳେଇ, ସୁରଥ ନାୟକ, ଭୀମସେନ ନାୟକଙ୍କ ସମେତ ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ୨୨ ଏପ୍ରିଲ, ୨୦୨୬

**ଟେଷ୍ଟ ପାଇଁ ଛଡା ଯାଉଥିବା ପାଣିକୁ ବ୍ୟବହାର କରନି**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକର ୧୫୮ଟି ଗ୍ରାମକୁ ମେଗାଜଳ ପ୍ରକଳ୍ପରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇବା ପାଇଁ ଗାଁ ଗାଁରେ ପାଇପ୍ ପକାଯାଇ ପରୀକ୍ଷା ପାଇଁ ଜଳ ଛଡ଼ାଯାଉଛି। କେତେକ ଗ୍ରାମରେ ଲୋକମାନେ ଉକ୍ତ ଜଳକୁ ପାଇପରୁ ସଂଗ୍ରହ କରୁଥିବାରୁ ଗ୍ରାମ୍ୟ ଜଳଯୋଗାଣ ପକ୍ଷରୁ ଲୋକମାନଙ୍କୁ ଉକ୍ତ ଜଳ ପାନୀୟ ରୂପେ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାରଣ ପାଇପ୍‌ରେ ବାଲି ଓ ମାଟି ରହିଥିବାରୁ ତାହା ପାନୀୟ ଅନୁପଯୋଗୀ, ଯଦି କୌଣସି ଲୋକ ପାନୀୟ ରୂପେ ବ୍ୟବହାର କରନ୍ତି ତେବେ ପାଣିକୁ ସିଝାଇ ସଫା କପଡ଼ାରେ ଛାଣି ପିଇବା ପାଇଁ ପାନୀୟ ଜଳଯୋଗାଣ ପକ୍ଷରୁ ସୂଚନା ଦିଆଯାଇଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୪।୨୦୨୬

| | |
|---|---|
| ୬,୨୬,୮୫୩ ଟଙ୍କା | |
| ସୁନା | ୯.୦୮୦ ଗ୍ରାମ୍ |
| ରୁପା | ୩୭୭.୮୦୦ ଗ୍ରାମ୍ |

# ବିବାହ କଲେ ୬୭ ବରକନ୍ୟା




ପୁରୀ ବଗଲା ଧର୍ମଶାଳା ଠାରେ ଗଣ ବିବାହରେ ସାମିଲ୍ ହୋଇଥିବା ବରକନ୍ୟା ଯୋଡ଼ିମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସମାରୋହ

ପୁରୀ୨୧।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସମାରୋହ ବଗଲା ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ୬୭ ବରକନ୍ୟା ବିବାହ ସୂତ୍ରରେ ଆବଦ୍ଧ ହୋଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଭିଡିଓ ବାର୍ତ୍ତା ମାଧ୍ୟମରେ ଯୋଗଦେଇ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଏକ ଐତିହାସିକ ଯୋଜନା ବୋଲି କହିଥିଲେ। ଅନେକ ଗରିବ ଓ ଅସହାୟ ପରିବାରରେ କନ୍ୟା ବିବାହ ଏକ କଷ୍ଟଦାୟକ ବ୍ୟାପାର ହୋଇଥାଏ। ଆର୍ଥିକ ଦୃଷ୍ଟିକୋଣରୁ ଅନେକ କନ୍ୟା ବିବାହରୁ ବଞ୍ଚିତ ହୋଇଥାନ୍ତି। କିନ୍ତୁ ସରକାରଙ୍କର ଏହି ମହତ୍ୱାକାଂକ୍ଷୀ ଯୋଜନା ସେମାନଙ୍କ ପାଇଁ ବରଦାନ ସଦୃଶ ହୋଇଛି ବୋଲି ସେ କହିବା ସହ ସମସ୍ତ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଯୋଜନା ମାଧ୍ୟମରେ ଆର୍ଥିକ ଦୁର୍ବଳ, ଗରିବ ଓ ଅସହାୟ ପରିବାର କେବଳ ଉପକୃତ ହେବେ ନାହିଁ ବରଂ ଏକ ନୂଆ ପରିବାର ଘର ଓ ପରିବାର ବସାଇବାର ସ୍ୱପ୍ନକୁ ସାକାର କରି ପାରିବେ। ବିବାହ ସ୍ୱର୍ଗରୁ ସ୍ଥିର ହୋଇଥାଏ ବୋଲି ପ୍ରବାଦ ରହିଛି। ତାହାକୁ ସାମୂହିକ ବିବାହ ମାଧ୍ୟମରେ ଆୟୋଜନ କରିବାର ପରିକଳ୍ପନା ବହୁତ ସୁନ୍ଦର ଓ ହୃଦୟସ୍ପର୍ଶୀ ବୋଲି କହିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ବିବାହ ମଣ୍ଡପର ସମସ୍ତ ନବଦମ୍ପତିଙ୍କୁ ପୁଷ୍ପ, ଅକ୍ଷତ ଇତ୍ୟାଦି ବିଞ୍ଚି ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ନବ ଦମ୍ପତିଙ୍କୁ ବିବାହ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ସରକାରଙ୍କ ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ନବଦମ୍ପତିଙ୍କ ପାଇଁ ୬୦ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିରୁ ୪୫ ହଜାର ଟଙ୍କା ଦମ୍ପତିଙ୍କ ଆକାଉଣ୍ଟକୁ ଯିବ। ଅନ୍ୟ ୧୫ ହଜାର ଟଙ୍କାରେ ବିବାହ ମଣ୍ଡପ ଠାରୁ ଆରମ୍ଭ କରି ବିବାହର ସମସ୍ତ ବ୍ୟବସ୍ଥା, ଭୋଜି ଆୟୋଜନ ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ଏଜେନ୍ସି କରିବେ। ସମାରୋହରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଦେଇଥିଲେ। ପତିତା ଉଦ୍ଧାର ସମିତି ଏହାର ଆୟୋଜନ ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ।

# ରଥ ନିର୍ମାଣ ଆରମ୍ଭ

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ସହ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ଶୁଭାରମ୍ଭ ପରମ୍ପରା ମତେ ସମ୍ପନ୍ନ ହୋଇଛି। ସୋମବାର ରଥ କାଠ ଅନୁକୂଳ ହେବା ପରେ ମଙ୍ଗଳବାର ଠାରୁ ରଥ ସଂହିତା ଅନୁଯାୟୀ, ଶ୍ରୀନଅର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତିନି ରଥର କରତୀ ସେବକମାନେ ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ତିନିରଥ ପାଇଁ ଉର୍ଦ୍ଧିଷ୍ଟ ଫାଶୀ କାଠକୁ ମାପ ପ୍ରକାରେ ଗଡ଼ କରି ତାଳଧ୍ୱଜ ଚାଳି, ଦର୍ପଦଳନ ଚାଳି, ଏବଂ ନନ୍ଦିଘୋଷ ଚାଳିକୁ ଦୁଇଟି ଲେଖାଏଁ ତୁମ୍ବ କରି ଯୋଗାଇଥିଲେ। ତିନି ରଥର ମହାରଣାମାନେ ଗଡ଼ ତୁମ୍ବ କାଠରେ ଘେର ମାପ ଚିହ୍ନ ଦେବାପରେ ୩ ରଥର ମହାରଣା ସେବକମାନେ ତୁମ୍ବ ନିର୍ମାଣ କରିଥିଲେ। ରଥ ନିର୍ମାଣର ପ୍ରଥମ ଦିନରେ ତିନିରଥ ମହାରଣା ସେବକ ୧୦ ଜଣ, ୬ ଜଣ ଭୋଇ ସେବକ, କରତୀ ସେବକ ୪ ଜଣ, କମାର ସେବକ ୩ ଜଣ ଏବଂ ରଥଖଳା ସହାୟକ ଜଣେ ଉପସ୍ଥିତ ଥିଲେ। ନିର୍ମାଣର ପ୍ରଥମ ଦିନରେ ମୋଟ ୨୪ ଜଣ ସେବକ ଓ କାରିଗର ନିୟୋଜିତ ହୋଇଥିଲେ।

# ଦଶାବତାର ମୂର୍ତ୍ତି ପୁନଃସ୍ଥାପନ ପାଇଁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନ ଲୋଡ଼ିଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରୁ ଅପସାରଣ କରାଯାଇଥିବା ଦଶାବତାର ମୂର୍ତ୍ତି ପୁନଃ ଅବସ୍ଥାପନ କରାଯିବା ପ୍ରସ୍ତାବ ଉପରେ ମୁକ୍ତିମଣ୍ଡପ ସ୍ଥାୟୀ ସଭାପତି ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ୨୦୧୨ ମସିହାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାଙ୍କ ଦ୍ୱାରା ସିଂହଦ୍ୱାର ଗୁମୁଟ ଓ ପାର୍ଶ୍ୱବର୍ତ୍ତୀ ପୁରାତନ ନିର୍ମାଣ କାର୍ଯ୍ୟର ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯାଇଥିବା ବେଳେ ଦଶାବତାର ମୂର୍ତ୍ତି ଅପସାରଣ କରାଯାଇଥିଲା। ପୂର୍ବରୁ ଦଶାବତାର ମୂର୍ତ୍ତି ଚୂନ ପ୍ରଲେପରେ ତିଆରି ହୋଇଥିଲା। ତେବେ ଦଶାବତାର ମୂର୍ତ୍ତି ନବମ ଅବତାର ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଙ୍କ ଅବସ୍ଥିତି ରହିଥିଲା ଯାହାକି ସେତେବେଳେ ମତଭେଦ ସୃଷ୍ଟି କରିଥିଲା। ଉକ୍ତ ମୂର୍ତ୍ତି ପୁନଃ ଅବସ୍ଥାପନ ନିମନ୍ତେ ଗତ ୧୭.୧.୨୦୨୬ରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା କରାଯାଇ ଏ ସମ୍ପର୍କରେ ଶ୍ରୀମଦ୍ ଜଗଦଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିବାକୁ ପରିଚାଳନା କମିଟି ନିଷ୍ପତ୍ତି ନିଆଯାଇଥିଲା। ପରମ୍ପରାନୁଯାୟୀ, ଶ୍ରୀମନ୍ଦିର ଧାର୍ମିକ ପ୍ରସଙ୍ଗ ଉପରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସ୍ଥାୟୀ ଅଧ୍ୟକ୍ଷ ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅନୁରୋଧ କରିଛନ୍ତି। ପ୍ରଶାସନର କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ମୂର୍ତ୍ତି ପୁନଃସ୍ଥାପନ ହେବା ନେଇ ଆଶା ସଞ୍ଚାର ହୋଇଛି।

## ସଂକ୍ଷେପରେ

### ପୁରୀବାସୀଙ୍କୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି, ୨୧ ଦିନରେ ପଦଯାତ୍ରା

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପାଇଁ ସଚେତନତା ପଦଯାତ୍ରା ୨୧ ଦିନରେ ପହଞ୍ଚିଛି। ସଚେତନତା ପଦଯାତ୍ରା ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇ ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ରାଜେଶ ମିଶ୍ର, ହରିଶଙ୍କର ମିଶ୍ର, ବିଜୟ ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ବେହେରା, ବିଦ୍ୟୁଲତା ଆଚାର୍ଯ୍ୟ, ଲିନୁ ନାୟକ, ହରପ୍ରିୟା ତ୍ରିପାଠୀ, ମୀନାକ୍ଷୀ ଦାସ, ମମତା ଦାସ ଓ ବନିତା ଦୀକ୍ଷିତ ପ୍ରମୁଖ ଭାଗ ନେଇଥିଲେ। ଏକତାବଦ୍ଧ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଅଧିକ ଶକ୍ତିଶାଳୀ କରିଥିଲା। ପଦଯାତ୍ରାର ସଂଯୋଜନା କରିଥିଲେ ଆବାହକ ସ୍ୱାଧୀନ କୁମାର ପଣ୍ଡା।

### ସାଡେଙ୍ଗାରେ ମା' ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ମହୋତ୍ସବ

ଅସ୍ତରଙ୍ଗ,୨୧।୪ (ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ସାଡ଼େଙ୍ଗା ଗ୍ରାମରେ ମା' ଚଣ୍ଡୀମାତାଙ୍କ ଦ୍ୱିତୀୟ ବାର୍ଷିକ ମହୋତ୍ସବ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବର ପ୍ରଥମ ଦିନରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହିତ ପୂଜାର ଶୁଭାରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ଦିନଗୁଡ଼ିକରେ ଅଧିବାସ ଓ ବିଭିନ୍ନ ପାରମ୍ପରିକ ଧାର୍ମିକ ବିଧିବିଧାନ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜିତ ଭବ୍ୟ କଳସ ଯାତ୍ରା ସହରର ମୁଖ୍ୟ ଆକର୍ଷଣ ସାଜିଥିଲା, ଯେଉଁଥିରେ ଶତାଧିକ ଭକ୍ତ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀମାନେ ଯୋଗଦେଇ ନିଜର ଭକ୍ତିପୂର୍ଣ୍ଣ ସଙ୍ଗୀତ ମାଧ୍ୟମରେ ଶ୍ରୋତାମାନଙ୍କୁ ବିଭୋର କରିଥିଲେ। ମହୋତ୍ସବର ଅନ୍ତିମ ଦିନରେ ବିଶେଷ ପୂଜାର୍ଚ୍ଚନା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶେଷରେ ଶତାଧିକ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ସାଡ଼େଙ୍ଗାର 'ଚଣ୍ଡୀମାତା ଯୁବକ ସଂଘ'ର ସଦସ୍ୟ ଏବଂ ସମସ୍ତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି।

# ଗୁରୁ ପୂଜ୍ୟ ଶଙ୍କରାଚାର୍ଯ୍ୟ ମହାଭାଗଙ୍କ ୨୫୩୩ତମ ଜୟନ୍ତୀ



ଭଗବାନ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ବୈଶାଖ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଙ୍ଗଳବାର ଅବସରରେ ପୁରୀ ଗୋବର୍ଦ୍ଧନ ପୀଠ ପରିସରରେ ଶିବାବତାର ଭଗବତପାଦ ଆଦ୍ୟ ଗୁରୁପୂଜ୍ୟ ଶଙ୍କରାଚାର୍ଯ୍ୟ ମହାଭାଗଙ୍କ ୨୫୩୩ତମ ଜୟନ୍ତୀ ଅନୁଷ୍ଠିତ ହୋଇଛି। ମଠର ରୀତିନୀତି ଅନୁଯାୟୀ, ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳନ କରାଯାଇଛି। ପ୍ରଥମେ ବରୁଣ ପୂଜା, ସଙ୍କଳ୍ପ, ମାତୃପୂଜା, ବସୋଧାରା, ନାନ୍ଦିଶ୍ରାଦ୍ଧ, ଗ୍ରହପୂଜନ, ବର୍ଷନୀ କଳସ ପୂଜନ, ପୁରୁଷସୂକ୍ତ, ହୋମ, ପୀଠଦେବତା ହୋମ, ପୂର୍ଣ୍ଣାହୁତି, ଆଦିଶଙ୍କରଙ୍କ ମହାଭିଷେକ, ବେଶ, ମହତୀ ଭୋଗ ଅର୍ପଣ, ଆରତି, ପୁଷ୍ପାଞ୍ଜଳି ଇତ୍ୟାଦି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଅପରାହ୍ନରେ ଚଳନ୍ତି ପ୍ରତିମାଙ୍କ ବିମାନ ବିଜେ ଓ ନଗର ପରିକ୍ରମାରେ ବହୁ ସାଧୁ ସନ୍ଥ, ମହନ୍ତ ଓ ଭକ୍ତବୃନ୍ଦ ଗମନ କରିଥିଲେ। ଏହି ଶୋଭାଯାତ୍ରା ମଠ ଠାରୁ ବାହାରି ବାଲି ସାହି ଦେଇ ସିଂହଦ୍ୱାର ସମ୍ମୁଖ ଯାଇଥିଲା। ସେଠାରୁ ଦୋଳମଣ୍ଡପ ସାହି, କୁଣ୍ଢେଇବେଣ୍ଟ ସାହି, ମରୀଚିକୋଟ ଛକ, ଦୋଳବେଦୀ, ମଣିକର୍ଣିକା ସାହି, ହରଚଣ୍ଡୀ ସାହି, ଗଉଡ଼ବାଡ଼ ସାହି, ସ୍ୱର୍ଗଦ୍ୱାର ଆଳତୀ ତଟ ଓ କାଞ୍ଚି ମଠ ଠାରୁ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ପ୍ରତିସାହିର ଭକ୍ତବୃନ୍ଦ ନିଜ ନିଜ ଘର ଆଗରେ କଳସୀ ଓ ପ୍ରଦୀପ ପ୍ରଦାନ କରି ନୈବେଦ୍ୟ ଅର୍ପଣ କରି ପନ୍ତି ଭୋଗ କରିଥିଲେ । ବିଭିନ୍ନ ସାହିର ମୁରବି ଓ ଭକ୍ତବୃନ୍ଦ ପରିକ୍ରମା ଶୋଭାଯାତ୍ରାରେ ଥିବା ପଥଚାରୀ ମାନଙ୍କୁ ଜଳ ମିଷ୍ଟାନ୍ନ ଓ ବିଭିନ୍ନ ପ୍ରକାରର ସର୍ବତ ପ୍ରଦାନ କରିଥିବାରୁ ଦେଖିବାକୁ ମିଳିଥିଲା। ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## କାକଟପୁରରେ ଜୟଦେବ ସଂକୀର୍ତ୍ତନ ପଦଯାତ୍ରୀ ଦଳ

ଅସ୍ତରଙ୍ଗ,୨୧।୪(ମମତା ଜେନା)

କବି ଜୟଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅକ୍ଷୟତୃତୀୟାଠାରୁ କେନ୍ଦୁଲିରୁ ବାହାରିଥିବା ସଂକୀର୍ତ୍ତନ ପଦଯାତ୍ରୀ ଦଳ ମା' ମଙ୍ଗଳାଙ୍କ ପୀଠ କାକଟପୁରରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ଦେଉଳିମଠରେ ବିଶ୍ରାମ କରିଛନ୍ତି। ବୁଧବାର ପଦଯାତ୍ରୀ ଦଳ କୋଣାର୍କ ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। କବି ଜୟଦେବ ଜଗନ୍ନାଥ ସଂସ୍କୃତିର ପ୍ରାଣକେନ୍ଦ୍ର ଭାବେ ବିବେଚନା କରାଯାଇଥିଲେ ମଧ୍ୟ ଗତ ୨ବର୍ଷ ହେବ ଜୟଦେବ ଜୟନ୍ତୀରେ ସରକାରଙ୍କ ବୈମାତୃକ ମନୋଭାବ କାର୍ଯ୍ୟକ୍ରମରେ ବେଶ୍ ବାରି ହୋଇପଡୁଛି। ଅକ୍ଷୟତୃତୀୟାଠାରୁ କବି ଜୟଦେବଙ୍କ ଜୟନ୍ତୀକୁ ସାରା ଓଡ଼ିଶାରେ ପରିଚିତ କରିବା ପାଇଁ ପୂର୍ବ ସରକାର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ସରକାରୀସ୍ତରରେ ଏହାକୁ ଧୁମଧାମ୍‌ରେ ପାଳନ କରାଯାଉଥିଲା। ମାତ୍ର ବର୍ତ୍ତମାନର ସରକାରଙ୍କ ସମୟରେ ସଂକୀର୍ତ୍ତନ ଯାତ୍ରୀ ଦଳକୁ କୌଣସି ସରକାରୀ କ୍ଷେତ୍ରରେ ପ୍ରୋତ୍ସାହନ ଅଭାବରୁ ସେମାନଙ୍କୁ ଆଦର ଅଭ୍ୟର୍ଥନା ଦିଆଯାଉ ନାହିଁ। ଫଳରେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳିଛି। ଜୟଦେବ ଜୟନ୍ତୀକୁ ଲୋକାଭିମୁଖୀ କରିବା ପାଇଁ ପୃଷ୍ଠପୋଷକ ଦାୟିତ୍ୱ ନେଇଥିବା ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ତ୍ରିଲୋଚନ ମିଶ୍ର ଏହି ଅବ୍ୟବସ୍ଥାକୁ ଦେଖି ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି।

# କାହାଣୀରେ 'ପୁରୀରୁ ପୃଥିବୀ'




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ପୁରୀ,୨୧।୪(ଅଜିତ୍ କୁମାର ମହାନ୍ତି)

ଉତ୍କର୍ଷ କଳାର ରାଜ୍ୟ ଉତ୍କଳରେ ପ୍ରତି ଗାଁ, ପ୍ରତି ପର୍ବ, ପ୍ରତି ପରମ୍ପରା ପଛରେ କୌଣସି ନା କୌଣସି କାହାଣୀ ଲୁଚି ରହିଛି। ସମାଜକୁ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବା ଏହି କାହାଣୀକୁ ଓଡ଼ିଶା ହିତରେ ସୀମିତ ନ ରଖି ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଅଣ୍ଟା ଭିଡ଼ିଛି ପୁରୀ ସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ସମ୍ପର୍କ' ଏବଂ ଦିଲ୍ଲୀ ସ୍ଥିତ ସଂଗଠନ 'ପ୍ଲୁକ୍'। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ 'ସମ୍ପର୍କ' ସହଯୋଗରେ ପୁରୀସ୍ଥିତ ୟୁଥ୍ ହଷ୍ଟେଲ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଉଦ୍‌ଘାଟନ କରି ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା 'ପୁରୀରୁ ପୃଥିବୀ' ପରିପ୍ରେକ୍ଷୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମକରଣର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ 'ଏପରି କାହାଣୀ ମାଧ୍ୟମରେ ଆମର ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ସହ କଳାତ୍ମକ ଉତ୍ପାଦର ପ୍ରଚାର ପ୍ରସାର କରିହେବ ବୋଲି ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଏହି କାହାଣୀ କଥନ କଳା ମାଧ୍ୟମରେ ସୁପ୍ତ ପ୍ରତିଭାର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ତର୍ଜାତୀୟ ବାଲୁକା କଳା ଶିଳ୍ପୀ ମାନସ ସାହୁ ସାମାଜିକ ଗଣମାଧ୍ୟମ ଜରିଆରେ ଅଳ୍ପସମୟ ମଧ୍ୟରେ ଏପରି କାର୍ଯ୍ୟକ୍ରମ ଦ୍ୱାରା ଲୁକ୍କାୟିତ ପ୍ରତିଭାକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପନ କରିବା ସମ୍ଭବ ବୋଲି କହିଥିଲେ। କୃଷ୍ଣଚନ୍ଦ୍ର ମହାନ୍ତି ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ଲୁକ୍‌ର ପ୍ରତିନିଧି ଅଭିଷେକ ରାଜ ଏବଂ ପ୍ରଶିକ୍ଷକ ନାଜିଆ ଜି ସୁନ୍ଦର ଦୃଶ୍ୟ ଶ୍ରାବ୍ୟ ଉପକରଣ ମାଧ୍ୟମରେ ବିଭିନ୍ନ ସ୍ଥାନରୁ ଆସିଥିବା କବି, ଉଦ୍ୟାନବିତ୍, ପଟ୍ଟଚିତ୍ର ଶିଳ୍ପୀ, ମହିଳା ଶିଳ୍ପ ଉଦ୍ୟୋଗୀ, ଚିତ୍ରକର, ସଂସ୍କୃତି ପ୍ରେମୀ, ସ୍ୱେଚ୍ଛାସେବୀଙ୍କୁ ଏହି କର୍ମଶାଳାରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଭବିଷ୍ୟତରେ ଅଧିକରୁ ଅଧିକ କାର୍ଯ୍ୟକ୍ରମ କରିବା ପାଇଁ ପ୍ଲୁକ୍‌ର ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ।

# ସୂର୍ଯ୍ୟ ମନ୍ଦିର ବୁଲିଲେ ୪ ରାଜ୍ୟର ବାଚସ୍ପତି

କୋଣାର୍କ,୨୧।୪(ଜ୍ୟୋତିରାଜ ମହାନ୍ତି)

ପୁରୀରେ ଆୟୋଜିତ ବାଚସ୍ପତି ସମ୍ମିଳନୀରେ ଯୋଗ ଦେଇଥିବା ମହାରାଷ୍ଟ୍ରର ବାଚସ୍ପତି ରାହୁଲ ସୁରେଶ ନରୱେକର, କର୍ନାଟକର ବାଚସ୍ପତି ୟୁ ଟି ଖଡ଼ରେ ଫରିଦ ଓ ନାଗାଲାଣ୍ଡ ସମେତ ବିଭିନ୍ନ ରାଜ୍ୟର ସଚିବମାନେ ମଙ୍ଗଳବାର ସନ୍ଧ୍ୟାରେ ଓଡ଼ିଶା ବାଚସ୍ପତି ସୁରମା ପାଢୀଙ୍କ ନେତୃତ୍ୱରେ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତି ଓ ଆତିଥେୟତାରେ ବାଚସ୍ପତି ମାନେ ବେଶ ଭାବବିହ୍ୱଳ ହୋଇଛନ୍ତି। ବାଚସ୍ପତିମାନଙ୍କୁ ସ୍ଥାନୀୟ ଗାଇଡ୍ ସୂର୍ଯ୍ୟମନ୍ଦିର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଅବଗତ କରାଇଥିଲେ। ପରେ ସେମାନେ ଆଇଓସିଏଲ୍‌ର ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। କୋଣାର୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବାଚସ୍ପତି ଓ ସେମାନଙ୍କ ସହ ବିଭିନ୍ନ ରାଜ୍ୟର ବରିଷ୍ଠ ଅଧିକାରୀଙ୍କୁ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



୪ ରାଜ୍ୟର ବାଚସ୍ପତିଙ୍କୁ ସରକାରୀ ଗାଇଡ଼ ସୂର୍ଯ୍ୟମନ୍ଦିରର ଐତିହ୍ୟ ସମ୍ପର୍କରେ ବୁଝାଉଛନ୍ତି ।

# ବ୍ଲକ ଅଧ୍ୟକ୍ଷାଙ୍କୁ ମିଳୁନି ସରକାରୀ ଗାଡ଼ି

ଗୋପ,୨୧।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କୁ ବ୍ଲକ ପକ୍ଷରୁ ସରକାରୀ ଗାଡ଼ି ନ ମିଳିବା ଫଳରେ ଅଧ୍ୟକ୍ଷା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ମତେ ରାଜନୈତିକ ଚାପ ଯୋଗୁ ଦୀର୍ଘ ୨ବର୍ଷ ହେବ ଜାଣିଶୁଣି ଗାଡ଼ି ଦିଆଯାଉ ନ ଥିବା କହିଛନ୍ତି।

ପ୍ରକାଶ ଯେ, ସରକାରୀ ନିୟମ ଅନୁସାରେ ବ୍ଲକ ଅଧ୍ୟକ୍ଷାଙ୍କୁ ସପ୍ତାହରେ ୪ ଦିନ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିବା ପାଇଁ ବ୍ଲକ ପକ୍ଷରୁ ସରକାରୀ ଖର୍ଚ୍ଚରେ ଗାଡ଼ି ଯୋଗାଇ ଦିଆଯିବାର ନିୟମ ରହିଛି। ମାତ୍ର ଏହି ବ୍ଲକରେ ତାର ବ୍ୟତିକ୍ରମ ଦେଖାଦେଇଛି। ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏବେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ କାର୍ଯ୍ୟ କରାଯାଉଥିବା ବେଳେ ଅଧ୍ୟକ୍ଷା ଏହି ସବୁ କାର୍ଯ୍ୟ ଦେଖିପାରୁ ନ ଥିବା ବେଳେ ଅଭିଯୋଗ କରିଛନ୍ତି। ପୂର୍ବରୁ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କୁ ବ୍ଲକ ପକ୍ଷରୁ ସମସ୍ତ କ୍ଷେତ୍ରରେ ସରକାରୀ ଗାଡ଼ି ଯୋଗାଇ ଦିଆଯାଉଥିବା ବେଳେ ଏବେ କିନ୍ତୁ ଦୁଇ ବର୍ଷ ହେଲା କାହିଁକି ଓ କ'ଣ ପାଇଁ ଗାଡ଼ି ଦେଉନାହାନ୍ତି ତାହା ମଧ୍ୟ ମତେ ବିସ୍ମୟ କରିଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ବ୍ଲକ ଅଫିସ ଭିତରେ ଏକ ଫଳକ ଉଦ୍‌ଘାଟନ ସମୟରେ ମୋ ନାଁ ଫଳକରେ ନ ଥିବା ଯୋଗୁ ମୁଁ ଫଳକ ଭାଙ୍ଗିବା ପରଠାରୁ ଏପରି କରାଯାଉଥିବା ସେ କହିଛନ୍ତି। ଏହି ଗାଡ଼ି ନ ଦେବା ସମ୍ପର୍କରେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ସମସ୍ତ ଜିଲା ପ୍ରଶାସନିକ ଅଧିକାରୀ ଓ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ ମତେ ଗାଡ଼ି ମିଳି ନାହିଁ। ମୁଁ ଜଣେ ମହିଳା ଅଧ୍ୟକ୍ଷା ହୋଇଥିବାରୁ ପ୍ରତ୍ୟେକ ଦିନ ସାଧାରଣ ଲୋକଙ୍କ ସେବା କରିବା ପାଇଁ ସରକାରଙ୍କ ମୁଖ୍ୟମନ୍ତ୍ରୀ ବସ୍ ଯୋଗେ ଗାଁରୁ ବ୍ଲକକୁ ଯା' ଆସ କରୁଛି। ତୁରନ୍ତ ସରକାର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୃଷ୍ଟିଦେବାକୁ ଦାବି ମଧ୍ୟ କରିଛନ୍ତି। ଏ ସମ୍ପର୍କରେ ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ କହିଛନ୍ତି, ମୁଁ କେବେ ବି ଅଧ୍ୟକ୍ଷାଙ୍କୁ ଗାଡ଼ି ନେବା ପାଇଁ ମନା କରିନାହିଁ। ବ୍ଲକ ଗାଡ଼ିଟି ବ୍ଲକରେ ରହିଛି। ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ଆବଶ୍ୟକତା ଥିବା ବେଳେ ନେଇପାରିବେ ବୋଲି କହିଛନ୍ତି।




ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ମୁଖ୍ୟମନ୍ତ୍ରୀ ବସ୍ ଯୋଗେ ଘରକୁ ଫେରୁଛନ୍ତି।

**ବନଦୁର୍ଗାଙ୍କ ପୀଠରେ ଯଜ୍ଞ ଉଦ୍‌ଯାପିତ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ ଦହିଗାଁସ୍ଥିତ ଗ୍ରାମର ବନଦୁର୍ଗାଙ୍କ ପୀଠରେ ପ୍ରଥମ ବାର୍ଷିକ ଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବ ୩ ଦିନ ଧରି ଚାଲିଥିଲା। ପ୍ରଥମ ଦିବସ ଶନିବାର କଳସ ଶୋଭାଯାତ୍ରା ହୋଇଥିବା ବେଳେ ୨୦ ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦହିଗାଁ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ସାହାଯ୍ୟ ଆଳରେ ବିଧବାଙ୍କୁ ଶୋଷଣ, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୨୧।୪(ମାନସ ସାମଲ)

ସାହାଯ୍ୟ ଆଳରେ ବିଧବାଙ୍କୁ ଶୋଷଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଯୁବକ ହେଲେ ଯାଜପୁର ଜିଲା ବରୀ ଥାନା ଅଧୀନ ଛତିଆ ଗ୍ରାମର ବୁଲୁ ସାମଲ (୩୦)। ସୂଚନା ମୁତାବକ, ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଗ୍ରାମର ଜଣେ ମହିଳାଙ୍କ ସ୍ୱାମୀ ୨୦୧୭ରେ ମୃତ୍ୟୁ ପରେ ଅଭାବ ଅନଟନରେ ୩ ଝିଅ ଏବଂ ପୁଅକୁ ଚଳାଇବା କଷ୍ଟକର ହୋଇପଡ଼ିଥିଲା। ଏ ନେଇ ସେ ଏକ ଟିଭି କାର୍ଯ୍ୟକ୍ରମ ମାଧ୍ୟମରେ ସାହାଯ୍ୟ ପାଇଥିଲେ। ତାଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ସ୍ଥାନରୁ ଲୋକମାନେ ଆସିଥିଲେ। ସେହିପରି ବୁଲୁ ମଧ୍ୟ ସହଯୋଗର ହାତ ବଢ଼ାଇବ ବୋଲି ତାଙ୍କ ସହିତ ପରିଚିତ ହୋଇଥିଲେ। କିନ୍ତୁ ମାର୍ଚ୍ଚ ୨୦୨୪ଠାରୁ ସେ ତାଙ୍କ ସହିତ ଜବରଦସ୍ତ ଶାରୀରିକ ସମ୍ପର୍କ କରିବା ସହ ସେହି ସମୟର ଭିଡିଓ ଉତ୍ତୋଳନ କରି ରଖିଥିଲେ। ପରେ ତାଙ୍କୁ ବ୍ଲାକମେଲ କରିଥିଲେ। ବିଧବା ମହିଳାଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୭/୨୬)ରୁଜୁ କରିଥିଲା।

### ଭାଜପା ୱାର୍ଡ କାର୍ଯ୍ୟାଳୟ ଉଦ୍‌ଘାଟିତ

କଟକ,୨୧।୪(କାର୍ତ୍ତିକ ସାହୁ)

ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ୱାର୍ଡ ନମ୍ବର ୨୮ସ୍ଥିତ ତଳ ତେଲେଙ୍ଗା ବଜାରଠାରେ ଭାଜପା ୱାର୍ଡ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଅଲକା ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ଭାଜପା ଜିଲା ସଭାପତି ସୁକାନ୍ତ କୁମାର ବିଶ୍ୱାଳ ୱାର୍ଡ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମିରେଖା ଦାସ, ଭାଜପା ନେତା ସନ୍ତୋଷ କୁମାର ମହାନ୍ତି, ୨୨ ଡିଗଭାଗ ଅଧିକାରୀ ସୁରେଶ କୁମାର ସାହୁ, ମଣ୍ଡଳ ସଭାପତି ମିଳନ ରାଉତରାୟ, ଜିଲା ଉପସଭାପତିବିଶ୍ୱ ରଞ୍ଜନ ମିଶ୍ର, ପୂର୍ବତନ ଜିଲା ସମ୍ପାଦକ ସୁବାସ ମହାନ୍ତି, ମଣ୍ଡଳ ପ୍ରଭାରୀ ରତନ ମହାନ୍ତି, କୃଷ୍ଣ ମହାପାତ୍ର, ବାସୁଦେବ ବେହେରା, ୱାର୍ଡ ପ୍ରମୁଖ ପୂର୍ଣ୍ଣମା ସିହ୍ନା, ଯୋଗେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

### ଧୀରେନ୍ଦ୍ର ନାଥ ଦାସ ପାଇବେ ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ

କଟକ,୨୧।୪(କାର୍ତ୍ତିକ ସାହୁ)

ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ଚଳିତବର୍ଷ ସମ୍ମାନଜନକ 'ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ' ଉତ୍କଳମଣି



ଗୋପବନ୍ଧୁ ଦାସଙ୍କ ଦାୟାଦ ପୁସ୍ତକକାର ତଥା ପରିବେଶବିତ ଧୀରେନ୍ଦ୍ର ନାଥ ଦାସଙ୍କୁ ପ୍ରଦାନ କରାଯିବ। ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ପ୍ରଦେଶ କଂଗ୍ରେସର ପ୍ରତିଷ୍ଠାତା ସମ୍ପାଦକ ଭାଗୀରଥି ମହାପାତ୍ରଙ୍କ ୧୩୪ତମ ଜନ୍ମ ବାର୍ଷିକୀ ଅବସରରେ ଦାସଙ୍କୁ ସମ୍ମାନିତ କରାଯିବ। ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ କଟକର ଐତିହାସିକ ପୀଠ ସ୍ୱରାଜ ଆଶ୍ରମଠାରେ ଉକ୍ତ ସ୍ମୃତି ସମାରୋହ ଆୟୋଜିତ ହେବ ବୋଲି ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ୧୯୮୩ ବ୍ୟାଚର ଶ୍ରଦ୍ଧାଞ୍ଜଳି ସଭା

ଚୌଦ୍ୱାର,୨୧।୪(ଆଶୁତୋଷ ଦାସ)

ଚୌଦ୍ୱାର ମ୍ୟୁନିସିପାଲ ହାଇସ୍କୁଲର ୧୯୮୩ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପୁରାତନ ଛାତ୍ରୀ ସ୍ନିଗ୍ଧା ମହାନ୍ତିଙ୍କ ଅକାଳ ମୃତ୍ୟୁରେ ଦୁଃଖ ପ୍ରକାଶ କରି ତାଙ୍କର ସହପାଠୀମାନେ ଓଟିଏମ ନିକଟସ୍ଥ ମନ୍ଦିର ପରିସରରେ ଏକତ୍ର ହୋଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ବିଗତ ଦିନର ସ୍ମୃତିଚାରଣ କରିଥିଲେ। ସଭାରେ ଶ୍ରମିକ ନେତା ଦୀପକ କୁମାର ବାରିକ୍, ଡ. ପ୍ରଫୁଲ୍ଲ କୁମାର ସାହୁ, ଡ. ବିଲକେଶ ପରବିନ, ଲକ୍ଷ୍ମୀପ୍ରୀୟା ସାହୁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପୁରାତନ ଛାତ୍ରୀ ସ୍ନିଗ୍ଧା ମହାନ୍ତିଙ୍କ ବିୟୋଗରେ ମ୍ୟୁନିସିପାଲ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ଅଶୋକ କୁମାର ନାୟକ, ସମ୍ପାଦକ ଅଶୋକ କୁମାର ପରିଡା ଓ କର୍ମକର୍ତ୍ତାମାନେ ଶୋକପ୍ରକାଶ କରିଛନ୍ତି।

# ବିବାହ ବନ୍ଧନରେ ବାନ୍ଧିହେଲେ ୬୫ ଯୋଡ଼ା ବରକନ୍ୟା

କଟକ,୨୧।୪(କାର୍ତ୍ତିକ ସାହୁ)



ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଅନୁଷ୍ଠିତ ସମୂହ ବିବାହ କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ଉପସ୍ଥିତ ବରବଧୂ।

**ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ**

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମାଜର ବାଲ୍ୟବିବାହ, ଯୌତୁକ ପ୍ରଥା ଆଦି ବିରୋଧରେ ଏକ ସାମାଜିକ ସନ୍ଦେଶ। କନ୍ୟାମାନଙ୍କୁ ସମ୍ମାନଜନକ ଜୀବନ ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଏକ ଦୃଢ଼ ପଦକ୍ଷେପ। କଟକ ବାରବାଟୀ ପ୍ୟାଲେସଠାରେ ମଙ୍ଗଳବାର ଆୟୋଜିତ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଜିଲାସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ନବଦମ୍ପତିଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିବା ସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ବିବାହ ଉତ୍ସବ କରିବା ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ମତପ୍ରକାଶ କରିଛନ୍ତି। ଏହି ଯୋଜନା ଅଧୀନରେ ୧୮- ୩୫ ବର୍ଷର ଝିଅ ଏବଂ ୨୧- ୩୫ ବର୍ଷ ପୁଅମାନଙ୍କ ଉଭୟ ଆଇନଗତ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ କରାଯାଇଛି। ଯୋଗ୍ୟା କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଯେଉଁଥିରୁ ୪୫ ହଜାର ଟଙ୍କା ସିଧାସଳଖ ନଗଦ ହସ୍ତାନ୍ତର ମାଧ୍ୟମରେ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଇଛି। ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଏହି ସମୂହ ବିବାହ କାର୍ଯ୍ୟକ୍ରମରେ ୬୫ ଯୋଡ଼ା ବରବଧୂ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ମୁସଲିମ, ଜଣେ ଖ୍ରୀଷ୍ଟିୟାନ, ଜଣେ ବିଧବା ମହିଳା ଅନ୍ତର୍ଭୁକ୍ତ ଥିବା ବେଳେ ପୂର୍ବରୁ ବାଲ୍ୟ ବିବାହରୁ ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ଆଇନସମ୍ମତ ବୟସ ୧୮ବର୍ଷ ପୂରଣ ପରେ ବିବାହ କରାଯାଇଛି। ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର ବରକନ୍ୟା ରହିଥିଲେ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଜିଲା ଓ ବ୍ଲକସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହେଉଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇ ପ୍ରଶାସନିକ ସ୍ତରରେ ତତ୍ପରତାର ସହିତ ଆଗାମୀ ଦିନରେ ଏହି ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସମୂହ ପ୍ରୟାସ କରାଯିବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମର ତଦାରଖ ଓ ପରିଚାଳନା କରିବା ସହ ଏହି ଯୋଜନା ମାଧ୍ୟମରେ ଆମ ଜିଲାର ଅନେକ କନ୍ୟା ଲାଭ ପାଇପାରୁଛନ୍ତି ବୋଲି କହିଛନ୍ତି। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କନ୍ୟା ଓ ବରପକ୍ଷର ମାତା, ପିତା, ବନ୍ଧୁ ପରିଜନଙ୍କ ସହ ବହୁ ସଂଖ୍ୟାରେ ମହିଳା ଓ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ।

# ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖିଲେ ଜିଲାପାଳ

କଟକ ସଦର,୨୧।୪(ସୁଶାନ୍ତ କୁମାର ଜେନା)

**ପରମହଂସ ନାଥ ଦେବ ମନ୍ଦିରରୁ ପଥର ଖସିବା ପ୍ରସଙ୍ଗ**

କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରାଚୀନ ଶୈବ ପୀଠ ପରମହଂସ ନାଥ ଦେବଙ୍କ ମନ୍ଦିର ଦଧିନଉତିରୁ ରବିବାର ରାତିରେ ବଜ୍ରପାତ ଯୋଗୁ ପଥର ଖସି ତଳେ ପଡ଼ିଥିଲା। ଏହି ଘଟଣା ପରେ ମନ୍ଦିରର ସୁରକ୍ଷା ପାଇଁ ବିଶେଷଜ୍ଞ ପଠାଇ ଯାଞ୍ଚ କରିବା ପାଇଁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀକ୍ଷକଙ୍କୁ ମଙ୍ଗଳବାର ପତ୍ର ଲେଖିଛନ୍ତି। ଏହାଛଡା କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ମଧ୍ୟ ଅନ୍ୟ ଏକ ପତ୍ର ଲେଖି ମନ୍ଦିରର ସମସ୍ତ ପ୍ରାଚୀନ ଶିଳାକୁ ପରୀକ୍ଷା କରିବା ପାଇଁ ଅନୁରୋଧ କରିଛନ୍ତି। ଏବେଠାରୁ ମନ୍ଦିର ସୁରକ୍ଷା କଥା ଚିନ୍ତା ନ କଲେ ଆଗକୁ ବଡ଼ ବିପତ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ମନ୍ଦିରର ଅନ୍ୟତମ ଟ୍ରଷ୍ଟି ବିକ୍ରମ ରାଉତ ଓ ସନ୍ତୋଷ ରଥ ୨ ଦିନ ହେବ ବିଡିଓ, ଉପଜିଲାପାଳ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବା ପାଇଁ ଉଭୟ ନିଜ ଆଡୁ ଉଦ୍ୟମ ଆରମ୍ଭ କରିଛନ୍ତି।

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ଜଗତପୁର ଗୋଲେଇଛକ ଠାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଅବସରରେ ଉପସ୍ଥିତ ଅତିଥି।

ମଙ୍ଗୁଳି-ଜଗତପୁର,୨୧।୪(ମାନସ ସାମଲ)

ଜଗତପୁର କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଗତପୁର ଗୋଲେଇଛକ ଠାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ବୟୋଜ୍ୟେଷ୍ଠ ମୁରବି ତଥା ଜଗତପୁର ଶାନ୍ତି କମିଟି ସଭାପତି ନିରଞ୍ଜନ ବିଶ୍ୱାଳ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ କଟକ ନଗର କଂଗ୍ରେସ ସଭାପତି ସାନ୍ତାୟନ ମିଶ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଭୂୟାଁ, ସମ୍ମାନିତ ଅତିଥି ଭାବେ ସିଏମ୍‌ସି ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝି, ବରେଣ୍ୟ ଅତିଥି ଭାବରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ଓ ବିଶିଷ୍ଟ ଅତିଥି ଭାବରେ କଟକ ସହରର ପୂର୍ବତନ ଉପନଗରପାଳ ପୁଷ୍ପା ସାମଲ ଏବଂ ଓଡ଼ିଶା ଶିଳ୍ପ ସଂଘ ସଭାପତି ଅବନୀ କାନୁନଗୋ ଯୋଗଦେଇ ଜାନକୀ ବଲ୍ଲଭଙ୍କ ଅବଦାନ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମୁରବି, ସାହିତ୍ୟିକ, ସାମ୍ବାଦିକ, ବୁଦ୍ଧିଜୀବୀ ଯୋଗଦେଇ ଜାନକୀ ବଲ୍ଲଭଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ୱାର୍ଡ କଂଗ୍ରେସ ସଭାପତି ରଶ୍ମିକାନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଡ଼ି ହେଉ 'ୱାନ୍ ନେଶନ୍ ୱାନ୍ ରାଶନ୍' ବ୍ୟବସ୍ଥା

କଟକ,୨୧।୪(କୁମାରଶ୍ରୀ)



ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଟକ ରିଟେଲ ଡିଲର୍ସ ସଂଘ ସଦସ୍ୟ।

**ଅନ୍ନପୂର୍ଣ୍ଣା ଯୋଜନା**
- ଦାବି ଉଠାଇଲା କଟକ ରିଟେଲ ଡିଲର୍ସ ସଂଘ
- ଯୋଗାଣ ଅଧିକାରୀଙ୍କୁ ୫ ଦଫା ଦାବିପତ୍ର

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୱାନ୍ ନେଶନ୍ ୱାନ୍ ରାଶନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଓ ପରିବହନ ଠିକାଦାରମାନଙ୍କ ଶୋଷଣରୁ ଖୁଚୁରା ବିକ୍ରେତାମାନଙ୍କୁ ରକ୍ଷା କରିବା ଦାବିରେ କଟକ ରିଟେଲ ଡିଲର୍ସ ଆସୋସିଏଶନ୍ ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସଭାପତି ସୟଦ ଏକ୍ରାମ ହୁସେନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯୋଗାଣ ଅଧିକାରୀଙ୍କୁ ଭେଟି ବିଭିନ୍ନ ଦାବି ଜଣାଇଥିଲେ। ଦାବି ମୁତାବକ, ରାଜ୍ୟର ପଡିକାର୍ଡଧାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଘୋଷଣା ହୋଇଛି। ଯେଉଁଥିରେ ପଡିକାର୍ଡଧାରୀମାନଙ୍କୁ ଅଧିକ ୫ କେଜି ଚାଉଳ ପ୍ରଦାନ କରାଯିବ। ହେଲେ ଏହି ବ୍ୟବସ୍ଥାରେ ପ୍ରଚଳିତ ହୋଇ ଆସୁଥିବା ୱାନ୍ ନେଶନ୍ ୱାନ୍ ରାଶନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ପାରିବନାହିଁ। ଫଳରେ ବାହାରୁ ଆସି କଟକ ମହାନଗର ଅଞ୍ଚଳରେ ରହୁଥିବା ଏବଂ ସୁଚାରୁରୂପେ ସାମଗ୍ରୀ ପାଉଥିବା ପଡିକାର୍ଡଧାରୀମାନେ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ନେଇ ପଡିକାର୍ଡଧାରୀ ଓ ଖୁଚୁରା ବିକ୍ରେତାମାନଙ୍କ ମଧ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ବର୍ତ୍ତମାନ କଟକ ମହାନଗର ଅଞ୍ଚଳରେ ଖୁଚୁରା ବିକ୍ରେତାମାନଙ୍କୁ ସାମଗ୍ରୀ ପହଞ୍ଚାଇବା ପାଇଁ ଯୋଗାଣ ନିଗମ ପୂର୍ବ ବ୍ୟବସ୍ଥାରେ ପରିବର୍ତ୍ତନ କରିଛନ୍ତି। ୩ ଜଣଙ୍କ ବଦଳରେ ମାତ୍ର ୨ଜଣଙ୍କୁ ନିଯୁକ୍ତ ହୋଇଛନ୍ତି। ଯେଉଁମାନେ କି ନିଗମ ଅଞ୍ଚଳର ଖୁଚୁରା ବିକ୍ରେତାଙ୍କୁ ଠିକଣା ସମୟରେ ସାମଗ୍ରୀ ପହଞ୍ଚାଇ ପାରୁନାହାନ୍ତି ଓ ସାମଗ୍ରୀ ପହଞ୍ଚାଇବାରେ କୃତ୍ରିମ ସମସ୍ୟା ସୃଷ୍ଟି ହେଉଛି। ଖୁଚୁରା ବିକ୍ରେତାଙ୍କୁ ହଇରାଣ କରିବା ସହ ବିନା ଓଜନ ମାପରେ ଧାର୍ଯ୍ୟ ଓଜନଠାରୁ କମ୍ ପରିମାଣ ସାମଗ୍ରୀ ଦେଇ କରି ଖୁଚୁରା ବିକ୍ରେତାମାନଙ୍କୁ ଶୋଷଣ କରାଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ବାରମ୍ବାର ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ଉପସଭାପତି ତାପସ ମହାନ୍ତି, ପୀତବାସ ଜେଠୀ, ସହସମ୍ପାଦକ ବିଜୟ କୁମାର ସାହୁ, ବିନୟ ବୈଶାଖ, ପ୍ରେମ କୁମାର ସେନ, ଚନ୍ଦ୍ରମଣି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

ଖୁଣ୍ଟୁଣୀ,୨୧।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ତୈଳିକ ବୈଶ୍ୟ ସମାଜ ଶ୍ରୀରାମ ଯୁବକ ସଂଘ ପକ୍ଷରୁ ଶୀତଳ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଆଠଗଡ଼ ତୈଳିକ ବୈଶ୍ୟ ସମାଜ ୯ ସାହିର କାର୍ଯ୍ୟକାରୀ ସଭାପତି କୈଳାଶ ଚନ୍ଦ୍ର ସାହୁ, ଖୁଣ୍ଟୁଣୀ ବନାଞ୍ଚଳ ଏସିଏଫ୍ ନୀଳମାଧବ ସାହୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଖୁଣ୍ଟୁଣୀ ଶାନ୍ତି ବଜାରଠାରେ ଜାତୀୟ ରାଜପଥରେ ଯାଉଥିବା ଶହ ଶହ ପଥଚାରୀ ଓ ତୃଷାର୍ତ୍ତ ଗାଈ ଗୋରୁ, ପକ୍ଷୀମାନଙ୍କୁ ମଧ୍ୟ ଜଳଛତ୍ର କେନ୍ଦ୍ରରେ ଶୀତଳ ସୁମଧୁର ଜଳ ପ୍ରଦାନ କରାଯିବ ବୋଲି ଯୁବକ ସଂଘ ପକ୍ଷରୁ ଉପଦେଷ୍ଟା ପ୍ରଭାକର ସାହୁ ସୂଚନା ଦେଇଛନ୍ତି। ଆୟୋଜିତ ଉତ୍ସବରେ ୯ ସାହି ବୈଶ୍ୟ ସମାଜ ପକ୍ଷରୁ ମଳୟ ସାହୁ, ମନୋରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ନାରାୟଣ ସାହୁ, ଚନ୍ଦ୍ରମଣି ସାହୁ, ହୃଦାନନ୍ଦ ସାହୁ, ଗଦାଧର ସାହୁ, ମୀନକେତନ ସାହୁ ଓ ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ପ୍ରଫୁଲ୍ଲ ସାହୁ, ଶିଶିର କୁମାର ମିଶ୍ର, ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ସମିତିସଭ୍ୟ ଗଗନ ବିହାରୀ ପରିଡା, ଜ୍ୟୋତି ଅଗରବତି ମାଲିକ, ନରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଶ୍ରୀରାମ ଯୁବକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କ ଏଭଳି ଲୋକାଭିମୁଖୀ କାର୍ଯ୍ୟର ପ୍ରଶଂସା କରିଥିଲେ। ଶେଷରେ ଉପସ୍ଥିତ ଥିବା ଶତାଧିକ ଲୋକଙ୍କୁ ଶୀତଳ ସ୍ୱାଦିଷ୍ଟ ଜଳ ପ୍ରଦାନ କରାଯାଇଥିଲା।

# ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ମାଲ୍ୟାର୍ପଣ



କଟକ,୨୧।୪(କାର୍ତ୍ତିକ ସାହୁ)

ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ଜଗତପୁର ଗୋଲେଇ ଛକରେ ମଙ୍ଗଳବାର ଉଦ୍‌ଘାଟିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋଙ୍କ ନେତୃତ୍ୱରେ ବହୁ ଶିଳ୍ପଦ୍ୟୋଗୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଘର ସଭାପତି ରାଜେଶ କାନୁନ୍‌ଗୋ, ଉପସଭାପତି ବିନୋଦ ଭୂତ, ସମ୍ପାଦକ ଦେବେନ୍ଦ୍ର ଶର୍ମା, ରୁଦ୍ର ନାରାୟଣ ଆଚାର୍ଯ୍ୟ, ଅଜୟ ପଣ୍ଡା, ରମା ବଲ୍ଲଭ ନାୟକ, ପ୍ରଶାନ୍ତ ମହାପାତ୍ର, ଭବାନୀ ପଣ୍ଡିତ, କିଶୋର ମହାନ୍ତି, ସଞ୍ଜୟ ପଟ୍ଟନାୟକ, ବିପିନ ଦଣ୍ଡପାଟ, ଅଶୋକ ସାହୁ, ନିଖିଲ ଭୂତ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ଚାରଣ ଗୋଷ୍ଠୀର ବାର୍ଷିକ ଉତ୍ସବ

କଟକ,୨୧।୪(କାର୍ତ୍ତିକ ସାହୁ)

ଶ୍ରୀ ଜଗନ୍ନାଥ ଚାରଣ ଗୋଷ୍ଠୀର ଷଷ୍ଠ ବାର୍ଷିକ ଉତ୍ସବ ଶତାବ୍ଦୀ ଭବନଠାରେ ପାଳିତ ହୋଇଯାଇଛି। ସନ୍ଥ ଦରଶନ ବିଦ୍ୟାର୍ଥୀ କବିନ୍ଦ୍ର ମହାରାଜ ଉତ୍ସବ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଆଧ୍ୟାତ୍ମିକ ପତ୍ରିକା 'ଆମ ଜଗତ ନାଥ'ର ବିଷୁବ ସଂଖ୍ୟା ଓ ଭାଗୀରଥି ପାଣିଗ୍ରାହୀଙ୍କ ସମ୍ପାଦିତ ଶ୍ରୀ ମନ୍ଦିର ଆରତି ପୁସ୍ତକ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ବର୍ଗରୁ ଭଲ କାମ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମନୋରଞ୍ଜନ ଶତପଥୀ ବେଦ ପାଠ କରିଥିଲେ। ମୁଖ୍ୟ ବକ୍ତା ଦର୍ଶନ ବିଦ୍ୟାର୍ଥୀ ସନାତନୀ ହିନ୍ଦୁ ଧର୍ମକୁ ଘରେ ଘରେ ଆପଣେଇବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଡା. ରମେଶ ଦାସ, ସମ୍ମାନିତ ଅତିଥି ସୁଯୋଗ୍ୟ ମିଶ୍ର ବକ୍ତବ୍ୟରେ ଗୀତାକୁ ସମସ୍ତେ ବ୍ରତ କରିବା ନିମନ୍ତେ ଅନୁରୋଧ କରିଥିଲେ। ଉପଦେଷ୍ଟା ଆରତି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଡ. ଗୋପାଳ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। ଆଇନ ପରାମର୍ଶଦାତା ସିଦ୍ଧାର୍ଥ ଶଙ୍କର ସାମନ୍ତରାୟ ବିବରଣୀ ପାଠ କରିଥିଲେ। ପତ୍ରିକା ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଉଦ୍‌ଯାପିତ

ଖୁଣ୍ଟୁଣୀ,୨୧।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ମଣ୍ଡଳ ଅଧୀନ ରାଧାକିଶୋରପୁରଠାରେ ଚାଲିଥିବା ଭାଜପାର ଦୁଇଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଖୁଣ୍ଟୁଣୀ ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀ (ରିଙ୍କୁ)ଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଗ୍ରାମୀଣ ଜିଲା ପ୍ରଭାରୀ କିଶୋର ପଣ୍ଡା ଓ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଭୟ କୁମାର ବାରିକ, ପୂର୍ବତନ ମଣ୍ଡଳ ସଭାପତି ଉମେଶ ସାମଲ, ମଣ୍ଡଳର ଜିଲା ପ୍ରତିନିଧି ପବିତ୍ର ଆଚାର୍ଯ୍ୟ, ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ସୁରେଶ କୁମାର ମିଶ୍ର ଓ ୧୨ଟି ପଞ୍ଚାୟତର ୧୫୦ ଶହରୁ ଉର୍ଦ୍ଧ୍ୱ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ସରକାରଙ୍କ ସଫଳତା ଏବଂ କାର୍ଯ୍ୟାନୁଷ୍ଠାନ, ଦଳର ନୀତିଆଦର୍ଶ ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଦିବସରେ ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀ (ରିଙ୍କୁ) କଟକ ଜିଲା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟ, ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ମହାନ୍ତି, ଜିଲା ସମ୍ପାଦକ ଉମାକାନ୍ତ ସେଠି, ଜିଲା ସମ୍ପାଦକ ତାପସ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।




ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଅଧ୍ୟାପକ ଅଭାବ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଚୌଦ୍ୱାର,୨୧।୪(ଆଶୁତୋଷ ଦାସ)




**ଚୌଦ୍ୱାର କଲେଜ**

**ମେ' ୩୧ରେ ଅବସର ଗ୍ରହଣ କରିବେ ଅଧ୍ୟକ୍ଷା, ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା, ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ**

ଚୌଦ୍ୱାର କଲେଜରେ ଶିକ୍ଷକ ଅଭାବ ବର୍ତ୍ତମାନ ଗୁରୁତର ହେବାକୁ ବସିଲାଣି। ବିଭିନ୍ନ ବିଭାଗରେ ବହୁ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବାରୁ ୨୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏହି ଶିକ୍ଷାନୁଷ୍ଠାନରେ ପାଠପଢା ପ୍ରଭାବିତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। କଲେଜରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ସାଙ୍ଗକୁ ଆସନ୍ତା ମେ' ୩୧ରେ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ଓ ବର୍ତ୍ତମାନର ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. ଦୀପକ କୁମାର ମହାନ୍ତି ଅବସର ଗ୍ରହଣ କରିବାକୁ ଯାଉଥିବାରୁ ଫିଜିକ୍ସ ଓ ଜୁଲୋଜି ବିଭାଗରେ ଶିକ୍ଷକ ସଂଖ୍ୟା ଶୂନ୍ୟ ହେବାର ସ୍ଥିତି ଉପୁଜିବା ସହିତ ଏବେ କଲେଜରେ ଶିକ୍ଷାଦାନ ବ୍ୟବସ୍ଥା ବେଡି ଉପରେ କୋରଡା ସଦୃଶ ହେବାକୁ ବସିଲାଣି। ଏଥି ସହିତ ଏଜୁକେଶନ, ଇତିହାସ, ସଂସ୍କୃତ, ଇଂଲିଶ, ଅର୍ଥନୀତି ଓ ରସାୟନ ବିଜ୍ଞାନ ବିଭାଗରେ ମଧ୍ୟ ଅଧ୍ୟାପକଙ୍କ ଅଭାବ ରହିଛି। ଫଳସ୍ୱରୂପ ନିୟମିତ ପାଠପଢାରେ ଘୋର ବ୍ୟାଘାତ ସୃଷ୍ଟି ହେବା ସହିତ ପ୍ରାୟୋଗିକ ଶ୍ରେଣୀ ପରିଚାଳନାରେ ମଧ୍ୟ ଅଚଳାବସ୍ଥା ସୃଷ୍ଟି ହେଉଛି। ଅଧ୍ୟାପକ ଅଭାବରୁ ବିଭିନ୍ନ ବିଭାଗରେ ବହୁ ସମୟରେ କ୍ଲାସ୍ ହେଉ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ନିରାଶ ହୋଇ ଫେରୁଥିବା ଜଣାପଡ଼ିଛି। ନୂତନ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ହେଲେ ଏହି ସଙ୍କଟ ଆହୁରି ଗମ୍ଭୀର ହେବାର ଆଶଙ୍କା ଦେଖାଦେଲାଣି। ବର୍ତ୍ତମାନ ସ୍ଥିତିରେ କଲେଜର ଶିକ୍ଷା ବିଭାଗରେ ୨ଜଣ, ଇତିହାସରେ ୨ଜଣ, ସଂସ୍କୃତରେ ୨ଜଣ, ଅର୍ଥନୀତିରେ ୨ଜଣ, ଇଂଲିଶରେ ଜଣେ, ପଦାର୍ଥ ବିଜ୍ଞାନ ଡେମନଷ୍ଟ୍ରେଟର ୨ଜଣ, କେମେଷ୍ଟ୍ରି ଡେମନଷ୍ଟ୍ରେଟର ଜଣେ, ଜୁଲୋଜି ଡେମନଷ୍ଟ୍ରେଟର ବିଭାଗରେ ଗୋଟିଏ ପଦବୀ ଖାଲି ରହିଛି। ଶିକ୍ଷାମଣ୍ଡଳୀ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତାନୁସାରେ ଯଦି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ କଲେଜର ଏହି ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଛାତ୍ରୀଛାତ୍ରଙ୍କ ଶିକ୍ଷାଜୀବନ ଗୁରୁତର ଭାବେ ପ୍ରଭାବିତ ହେବ। ଯଥାଶୀଘ୍ର ସରକାର ହସ୍ତକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ନେଇ କଲେଜର ଅଧ୍ୟକ୍ଷା ଓ କଲେଜ ପକ୍ଷରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଏଥିସହ ଅନୁମୋଦିତ ଖାଲି ପଦବୀଗୁଡିକୁ ଶୀଘ୍ର ପୂରଣ କରିବା ସହ ବଦଳି ଆଧାରରେ ଅଧ୍ୟାପକ ଓ ଡେମନଷ୍ଟ୍ରେଟର ନିଯୁକ୍ତି ପାଇଁ ଆବେଦନ କରାଯାଇଥିବା ଅଧ୍ୟକ୍ଷା ରାଉତରାୟ ସୂଚନା ଦେଇଛନ୍ତି।



ବିଏସ୍‌ଇ ସେନ୍‌ସେକ୍ସ
୭୯,୨୭୩ (+୭୫୩)



୧ ଡଲାର = ୯୩.୪୮ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୯୭.୮୫ ଡଲାର

# ପଶ୍ଚିମ ଏସିଆ ଯୁଦ୍ଧ ସାମଗ୍ରିକ ଅର୍ଥନୀତି ପାଇଁ ବିପଦ: ନୀତି ଆୟୋଗ

ନୂଆଦିଲ୍ଲୀ, ୨୧।୪

ଇରାନ୍-ଆମେରିକା ଯୁଦ୍ଧକୁ ନେଇ ଏବେ ବୈଶ୍ୱିକ ଅର୍ଥନୀତିର ଗତି ଦୁର୍ବଳ ହେବାରେ ଲାଗିଛି। ଯାହାକୁ ନେଇ ବିଶ୍ୱବ୍ୟାଙ୍କ ସମେତ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ଏବଂ ଏସୀୟ ଉନ୍ନୟନ ବ୍ୟାଙ୍କ ଭଳି ବହୁ ଅନ୍ତର୍ଜାତୀୟ ସ୍ତରର ପୁଞ୍ଜିଲଗାଣକାରୀ ସଂସ୍ଥା ଚିନ୍ତାବ୍ୟକ୍ତ କରିଛନ୍ତି। ବେଳକୁ ବେଳ ଯୁଦ୍ଧ ସ୍ଥିତି ଜଟିଳ ହେବାକୁ ଲାଗିଥିବାବେଳେ ବିଶେଷକରି ପ୍ରଗତିଶୀଳ ରାଷ୍ଟ୍ରଗୁଡିକର ଅର୍ଥନୀତି ପାଇଁ ବିପଦ ସୃଷ୍ଟି ହୋଇଛି। ଏହିକ୍ରମରେ ଭାରତ ଭଳି ଏକ ବର୍ଦ୍ଧିତ ଅର୍ଥନୀତି ମଧ୍ୟ ବିପଦମୁହାଁ ହୋଇଛି ବୋଲି ନୀତି ଆୟୋଗ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ସାମ୍ପ୍ରତିକ ସ୍ଥିତିରେ ଭାରତର ଚଳନ୍ତି ଜମା ନିଅଣ୍ଟ ସ୍ଥିତି ଖରାପ ହେବାକୁ ଲାଗିଥିବାବେଳେ ସାମଗ୍ରିକ ଅର୍ଥନୀତି ପାଇଁ ପ୍ରତିକୂଳ ପରିସ୍ଥିତି ଉତ୍ପନ୍ନ କରିବ ବୋଲି କୁହାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ବାଣିଜ୍ୟିକ ସ୍ଥିତି ରିପୋର୍ଟକୁ ଦୃଷ୍ଟିରେ ରଖି ନୀତି ଆୟୋଗ ପକ୍ଷରୁ



କୁହାଯାଇଛି, ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଭାରତର ରପ୍ତାନି କାରବାର ବିଶେଷ ଭାବେ ପ୍ରଭାବିତ ହୋଇଛି। ମୁଖ୍ୟତଃ ଉପସାଗରୀୟ ଦେଶଗୁଡିକ ସହ ହେଉଥିବା କାରବାର ସର୍ବାଧିକ ଭାବେ ହ୍ରାସ ପାଇଥିବାରୁ ବାଣିଜ୍ୟିକ ନିଅଣ୍ଟ ସ୍ଥିତିରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡ଼ିଛି। ଉପସାଗରୀୟ ଦେଶଗୁଡିକ ସହ ମୁକ୍ତ ବାଣିଜ୍ୟ କାରବାର ପାଇଁ ଇଣ୍ଡୋ-ଗଲ୍ଫ କୋଅପରେଶନ କାଉନ୍‌ସିଲ ମାଧ୍ୟମରେ ଯେଉଁ ବୁଝାମଣା ଆରମ୍ଭ ହୋଇଥିଲା ତାହା ମଧ୍ୟ ପ୍ରଭାବିତ ହୋଇଛି।

# ଡିଜିଟାଲ ପ୍ଲାଟ୍‌ଫର୍ମ ରୋଗୀଙ୍କ ଯାତାୟାତ ସମସ୍ୟା ଦୂରକରୁଛି

**ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର ଭାବରେ ଡା. ଆଲୋକ ଶ୍ରୀବାସ୍ତବ ନେତୃତ୍ୱ ନେଉଛନ୍ତି। ଡା. ଶ୍ରୀବାସ୍ତବ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରୁ ପୋଷ୍ଟ ଗ୍ରାଜୁଏଟ୍ ମାଷ୍ଟର୍ସ ଇନ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ ସମାପ୍ତ କରିଛନ୍ତି। ଆମେରିକାର ୟୁନିଭର୍ସିଟି ଅଫ୍ ଉଟାହ ସ୍କୁଲ ଅଫ୍ ମେଡିସିନରେ ଆଡଭାନ୍ସଡ୍ ଟ୍ରମା ଲାଇଫ୍ ସପୋର୍ଟର ଫ୍ୟାକଲ୍ଟି ଭାବରେ କାର୍ଯ୍ୟ କରିଥିଲେ। ଅପରେଶନ୍ସ, ମେଡିକାଲ ଷ୍ଟ୍ରାଟେଜି, ମର୍ଜର ଓ ଆକ୍ୱିଜିଶନ, କ୍ୱାଲିଟି ଆସ୍ୟୁରାନ୍ସ ଏବଂ କ୍ଲିନିକାଲ ଏକ୍ସଲେନ୍ସ କ୍ଷେତ୍ରରେ ତାଙ୍କର ବିଶେଷ ଦକ୍ଷତା ରହିଛି। ଡା. ଶ୍ରୀବାସ୍ତବଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**




ଡା. ଆଲୋକ ଶ୍ରୀବାସ୍ତବ

**ପ୍ର- ଆପୋଲୋ ହସ୍ପିଟାଲ୍ସ ୧୯୮୩ ମସିହାରେ ଗୋଟିଏ ହସ୍ପିଟାଲରୁ ଆରମ୍ଭକରି ବର୍ତ୍ତମାନ ଏସିଆ ସାରା ୭୩ଟି ହସ୍ପିଟାଲର ଏକ ବିସ୍ତୃତ ନେଟ୍‌ୱର୍କକୁ କିପରି ସଫଳତାର ସହ ବିସ୍ତାର କରିପାରିଲା?**

ଉ- ଆପୋଲୋ ହସ୍ପିଟାଲ୍ସ କ୍ଲିନିକାଲ ଏବଂ ସର୍ଭିସ୍ ଏକ୍ସଲେନ୍ସ ମାଧ୍ୟମରେ ରୋଗୀଙ୍କ ବିଶ୍ୱାସ ଜିତିବା ଉପରେ ଧ୍ୟାନଦେଇ ଆସିଛି। ଆମେ ଦେଶରେ ସବୁଠାରୁ ଆଧୁନିକ ଟେକ୍ନୋଲୋଜି ଏବଂ କ୍ଲିନିକାଲ ସ୍ପେଶାଲିଟିରେ ଅନ୍ତର୍ଜାତୀୟ ମାନ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଉଛୁ। ଏହା ସହିତ ଏକ ଶକ୍ତିଶାଳୀ କ୍ଲିନିକାଲ ଟାଲେଣ୍ଟ ବେସ୍ ମାଧ୍ୟମରେ ଉତ୍କର୍ଷ ପ୍ରଦାନ କରୁଛୁ, ଯାହା ପୂରା ବ୍ୟବସାୟର ମୂଳ।

**ପ୍ର- ଆପୋଲୋ କେଉଁ ବ୍ୟବସାୟିକ ରଣନୀତି ମାଧ୍ୟମରେ ଭାରତର ପ୍ରାଇଭେଟ୍ ହେଲ୍‌ଥକେୟାର କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିପାରିଲା?**

ଉ- ଆପୋଲୋର ସମସ୍ତ ୭୩ଟି ହସ୍ପିଟାଲରେ ଏକା ପ୍ରକାର ଗୁଣବତ୍ତା ବଜାୟ ରଖି କ୍ଲିନିକାଲ୍ ଏବଂ ସର୍ଭିସ୍ ଏକ୍ସଲେନ୍ସ ନିଶ୍ଚିତ କରୁଛୁ। ଆମେ ଅନ୍ତର୍ଜାତୀୟ ମାନଙ୍କ ସହିତ କ୍ଲିନିକାଲ ଆଉଟ୍‌କମ୍ ତୁଳନା କରି ଆପୋଲୋ କ୍ଲିନିକାଲ୍ ଏକ୍ସଲେନ୍ସ ପ୍ରୋଗ୍ରାମ୍ ଚଳାଉଛୁ, ଯାହା ଦେଶରେ ଏକ ଅନନ୍ୟ କାର୍ଯ୍ୟକ୍ରମ। ଦ୍ୱିତୀୟତଃ, ଆମେ ଏପରି ଟେକ୍ନୋଲୋଜିରେ ବହୁ ନିବେଶ କରୁଛୁ ଯାହା ରୋଗୀଙ୍କ ହସ୍ପିଟାଲ ରହଣି ସମୟ କମ୍ କରେ। ଏହା ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ହ୍ରାସ କରେ। ବିଶେଷକରି, ଆପୋଲୋ ଟାଲେଣ୍ଟ, ବେଷ୍ଟ-ଇନ୍-କ୍ଲାସ୍ ଇକ୍ୱିପମେଣ୍ଟ ଏବଂ ଉନ୍ନତ ଟୁଲ୍ସର ଅନନ୍ୟ ମିଶ୍ରଣ ମାଧ୍ୟମରେ ଦେଶରେ ନେତୃତ୍ୱ ନେଇଛି

**ପ୍ର- ଆପୋଲୋ ୨୪/୭ ପ୍ଲାଟ୍‌ଫର୍ମ ତଥା ଆପୋଲୋର ଡିଜିଟାଲ ଟ୍ରାନ୍ସଫର୍ମେଶନ ସମ୍ପର୍କରେ କ'ଣ କହିବେ?**

ଉ- ଆପୋଲୋ ୨୪/୭ ହେଉଛି ଭାରତର ସର୍ବବୃହତ୍ତମ ମଲ୍ଟି-ଚ୍ୟାନେଲ ଡିଜିଟାଲ ହେଲ୍‌ଥକେୟାର ପ୍ଲାଟ୍‌ଫର୍ମ। ଏହାର ଲକ୍ଷ୍ୟ ହେଉଛି ହେଲ୍‌ଥକେୟାରରୁ ସମସ୍ତ ଫ୍ଲେକ୍ସିବିଲିଟି ବାଧା ଦୂରକରିବା। ଏହି ପ୍ଲାଟ୍‌ଫର୍ମ ରୋଗୀଙ୍କୁ ଅନ୍‌ଲାଇନ ସେବା ପ୍ରଦାନକରି ଯାତାୟାତ ସମସ୍ୟା ଦୂର କରିଛି ଏବଂ ଆପୋଲୋ ଗ୍ରୁପ୍‌ର ମୂଳଲକ୍ଷ୍ୟ ଅନୁଯାୟୀ ଉନ୍ନତ ହେଲ୍‌ଥକେୟାରକୁ ସବୁଠାରୁ ସହଜ ଉପଲବ୍ଧ କରାଇଛି।

**ପ୍ର- ଆପୋଲୋ ପ୍ରିମିୟମ ହେଲ୍‌ଥକେୟାର ଏବଂ ସୁଲଭ ମୂଲ୍ୟର ସେବା ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ କେଉଁ ଚ୍ୟାଲେଞ୍ଜ ସମ୍ମୁଖୀନ ହେଉଛି?**

ଉ- ଉନ୍ନତ ହେଲ୍‌ଥକେୟାର ଏକ ପ୍ରିମିୟମ ମୂଲ୍ୟରେ ଆସେ, ବିଶେଷକରି ଯେତେବେଳେ ରୋଗୀ ନିଜ ପକେଟ୍‌ରୁ ଖର୍ଚ୍ଚ କରନ୍ତି। ପ୍ରତିଯୋଗିତାମୂଳକ ବଜାରରେ ସୁଲଭତା ଏକ ବଡ଼ ଚ୍ୟାଲେଞ୍ଜ। ଆମେ ସ୍ୱଦେଶୀ ଉପକରଣ ବ୍ୟବହାରକରି ଚିକିତ୍ସା ଖର୍ଚ୍ଚ କମାଇବାକୁ ଚେଷ୍ଟା କରୁଛୁ, କିନ୍ତୁ କେତେକ ସ୍ପେଶାଲିଟିରେ ଉଚ୍ଚ ମୂଲ୍ୟର ଔଷଧ ଏବଂ ଉଚ୍ଚ ମୂଲ୍ୟର ଇକ୍ୱିପମେଣ୍ଟ ନିବେଶ ହେତୁ ଖର୍ଚ୍ଚ କମାଇବା କଷ୍ଟକର ହୋଇଥାଏ। ଜଟିଳ ପ୍ରକ୍ରିୟାରେ ଖର୍ଚ୍ଚ ହ୍ରାସ ସମ୍ଭବ ହୁଏ ନାହିଁ।

**ପ୍ର- ଏକ ଉଦ୍ୟୋଗୀ ଭାବରେ ଆପଣ ଚିକିତ୍ସାକ୍ଷେତ୍ରକୁ ବ୍ୟବସାୟ ପାଇଁ କାହିଁକି ବାଛିଲେ? ଉଦ୍ୟୋଗୀମାନଙ୍କୁ ଆପଣ କେଉଁ ପରାମର୍ଶ ଦେବେ?**

ଉ- ଚିକିତ୍ସା କ୍ଷେତ୍ରରେ ଯାହାକୁ ଆପଣ ଗୁରୁତ୍ୱ ଦେଇଛନ୍ତି, ତାହାକୁ ବାଛନ୍ତୁ। ସେଥିରେ ୩ବର୍ଷ ବା ୧୦ ବର୍ଷ ପର୍ଯ୍ୟନ୍ତ ନିରନ୍ତର ନିବେଶ କରନ୍ତୁ। ଏପରି କରିବା ଦ୍ୱାରା ଆପଣ ସେହି କ୍ଷେତ୍ରରେ ଉତ୍କର୍ଷ ଲାଭ କରିବେ ଏବଂ ବଜାରରେ ନିଜର ସେବା ପାଇଁ ପରିଚିତ ହେବେ।

# ରେନୋ ଗ୍ରୁପ୍‌ର ଫ୍ୟୁଚର ରେଡି ଇଣ୍ଡିଆ ଯୋଜନା

ଭୁବନେଶ୍ୱର,୨୧।୪
(ଅନୁରାଧା ମହାରଣା)

ରେନୋ ଗ୍ରୁପ୍ ପକ୍ଷରୁ ଏହାର ଫ୍ୟୁଚର ରେଡି ଇଣ୍ଡିଆ ଯୋଜନା ଉନ୍ମୋଚନ କରାଯାଇଛି। ଏହା ମାଧ୍ୟମରେ ୨୦୩୦ ସୁଦ୍ଧା କମ୍ପାନୀ ଏହାର ସର୍ବବୃହତ୍ ଉତ୍ପାଦ ନବୀକରଣ ଚକ୍ରରେ ପ୍ରବେଶକରି ୭ଟି ଭିନ୍ନ ଭିନ୍ନ ଶକ୍ତିର ମଡେଲକୁ ବିସ୍ତାର କରିବ। ୨୦୨୬ ଜାନୁଆରୀରେ ଉନ୍ମୋଚିତ ନୂଆ ରେନୋ ଡଷ୍ଟର ସମେତ ଏହା ଆଉ ଚାରିଟି ଯାନ ଆଣିବ। ଫଳରେ ୨୦୩୦ ସୁଦ୍ଧା ସାତଟି ଉତ୍ପାଦ ହୋଇପାରିବ। ସମସ୍ତ ଉତ୍ପାଦକୁ ଏହା ସ୍ଥାନୀୟ ବଜାର ଆବଶ୍ୟକତା ଅନୁସାରେ ପରବର୍ତ୍ତୀ ପିଢ଼ିର ଡିଜିଟାଲ ଓ ଇଲେକ୍ଟ୍ରୋନିକ୍ସ ଢାଞ୍ଚା ବ୍ୟବହାର କରି ପ୍ରସ୍ତୁତ କରିବ। କମ୍ପାନୀ ପକ୍ଷରୁ ବ୍ରିଜ୍‌ର କନ୍‌ସେପ୍ଟକୁ ମଧ୍ୟ ଉପସ୍ଥାପନ କରାଯାଇଛି ଯାହା ହେଉଛି କମ୍ପାକ୍ଟ ଏସ୍‌ୟୁଭିର ଏକ ବି-ସେଗ୍‌ମେଣ୍ଟ। କମ୍ପାନୀର ୭ଟି ଯାନ ଏହାର ଆର୍‌ଜିଇପି ଓ ଆର୍‌ଜିଏମ୍‌ପି ପ୍ଲାଟ୍‌ଫର୍ମରେ ରହିବ।




ରେନୋ ଗ୍ରୁପ୍‌ର ସିଇଓ ଫାଙ୍କୋଇସ ପ୍ରୋଭୋଷ୍ଟ କହିଛନ୍ତି, 'ଆମର ନୂଆ ଦୂରଦୃଷ୍ଟି ଫ୍ୟୁଚର ରେଡି ସହ ରେନୋ ଗ୍ରୁପ୍ ଏକ ଉଚ୍ଚ ସମ୍ଭାବନା, ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ସୃଷ୍ଟିକରି ଅନ୍ତର୍ଜାତୀୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି। ଭାରତରେ ରେନୋ ଗ୍ରୁପ୍‌ର ସିଇଓ ଷ୍ଟେଫାନି ଡେବଲାଇଜ କହିଛନ୍ତି, '୨୦୩୦ ସୁଦ୍ଧା ଭାରତରେ ଆମେ ୭ଟି ମଡେଲର ପୋର୍ଟଫୋଲିଓ ପ୍ରଦାନ କରିବୁ ଯେଉଁଥିରେ ଛୋଟ କାର୍‌ଠାରୁ ଆରମ୍ଭକରି ବୃହତ୍ ଏସ୍‌ୟୁଭି ଆଦି ରହିବ ଏବଂ ଇଲେକ୍ଟ୍ରିଫାଏଡ୍ ପାୱାର ଟ୍ରେନର ଏକ ପୂର୍ଣ୍ଣାଙ୍ଗ ବର୍ଗମାଳା ରହିବ।

# ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର, ୨୧।୪



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ସଞ୍ଜୀବ ରଞ୍ଜନ ସହାୟ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସଞ୍ଜୀବ ରଞ୍ଜନ ପୂର୍ବରୁ ୟୁବିଆଇର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କର୍ପୋରେଟ୍ କମ୍ୟୁନିକେଶନ ବିଭାଗରେ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଫେଡେରାଲ ବ୍ୟାଙ୍କରେ ନିଜର କ୍ୟାରିୟର ଆରମ୍ଭ କରିଥିବା ସଞ୍ଜୀବ ରଞ୍ଜନ ଉକ୍ତ ବ୍ୟାଙ୍କରେ ୫ ବର୍ଷ କାର୍ଯ୍ୟ କରିବା ପରେ ୨୦୦୯ରେ ୟୁବିଆଇରେ ବରିଷ୍ଠ ଅଧିକାରୀ ଭାବେ ଯୋଗଦେଇଥିଲେ। ସେ ଉତ୍ତରପ୍ରଦେଶ ସମେତ ପଞ୍ଜାବ, ପଶ୍ଚିମବଙ୍ଗ, ତାମିଲନାଡୁ,ମହାରାଷ୍ଟ୍ର, ରାଜସ୍ଥାନ, ଦିଲ୍ଲୀ-ଏନସିଆର୍ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ଦୃଢ଼ ଅଭିଜ୍ଞତା ହାସଲ କରିଛନ୍ତି।

# ଗମ୍ଭୀର ହୋଇପାରେ ତୈଳ ସଙ୍କଟ

ନୂଆଦିଲ୍ଲୀ, ୨୧।୪

## ପରିବହନ ଖର୍ଚ୍ଚ ୩ ଗୁଣ, ବୀମା ୩ % ବୃଦ୍ଧି



ହର୍ମୁଜ୍ ପ୍ରଣାଳୀରେ ତୈଳ ପରିବହନ ନେଇ ଇରାନ୍ ଏବଂ ଆମେରିକା ମଧ୍ୟରେ ଲାଗି ରହିଥିବା ବିବାଦର ଏବେ ମଧ୍ୟ ସମାଧାନ ହୋଇପାରି ନାହିଁ। ବରଂ ପୂର୍ବ ତୁଳନାରେ ସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି। ହର୍ମୁଜ୍ ପ୍ରଣାଳୀ ଦେଇ ପୂର୍ବରୁ ଇରାନ ଜାହାଜ ଚଳାଚଳ ଉପରେ ରୋକ୍ ଲଗାଇଥିଲାବେଳେ ଏବେ ଆମେରିକା ଇରାନ୍ ଜାହାଜକୁ ଅନୁମତି ନ ଦେବା ସ୍ଥିତିକୁ ଜଟିଳ କରିଦେଇଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ସ୍ତରରେ ତୈଳବାହୀ ଜାହାଜ ପରିବହନ ମୂଲ୍ୟ ଏବଂ ବୀମା ଖର୍ଚ୍ଚ ବୃଦ୍ଧି ହେବା ଘଟଣା ତୈଳ ସଙ୍କଟକୁ ଆହୁରି ଗମ୍ଭୀର କରିଦେବ ବୋଲି ଆଶଙ୍କା ଉପୁଜିଛି। ହର୍ମୁଜ୍ ନିକଟରେ ଶହ ଶହ ତୈଳ ଭର୍ତ୍ତି ଜାହାଜ ଅପେକ୍ଷାକରି ରହିଥିଲାବେଳେ ଇରାନ-ଆମେରିକା ବିବାଦ ପାଇଁ ଉକ୍ତ ଜାହାଜଗୁଡିକ ପାଇଁ ସୁରକ୍ଷା ଚିନ୍ତା ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ଜାହାଜ ଚଳାଚଳ କ୍ଷେତ୍ରରେ ଏବେ ପରିବହନ ଏବଂ ବୀମା ଖର୍ଚ୍ଚକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଥିବା ଦେଖାଯାଇଛି। ପୂର୍ବରୁ ବ୍ୟାରେଲ ପିଛା ପରିବହନ ଖର୍ଚ୍ଚ ୪.୬୦ ଡଲାର ରହିଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ଏହା ୩ ଗୁଣ ବୃଦ୍ଧି ପାଇ ୧୫ ଡଲାରରେ ପହଞ୍ଚିଛି। ସେହିପରି ଯୁଦ୍ଧ ଭୟକୁ ନେଇ ଜାହାଜ ବୀମା ଖର୍ଚ୍ଚ ମଧ୍ୟ ପ୍ରଚଳିତ ମୂଲ୍ୟଠାରୁ ୩ ପ୍ରତିଶତ ଅଧିକ ହୋଇଛି। ଜାହାଜ ଚଳାଚଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ତର୍ଜାତୀୟ ଏଜେନ୍ସି 'ରାଇଷ୍ଟାଡ୍ ଏନର୍ଜି' ଅନୁସାରେ ମଧ୍ୟପ୍ରାଚ୍ୟ-ଚାଇନା ରୁଟ୍‌ରେ ବର୍ତ୍ତମାନ 'ଭେରି ଲାର୍ଜ କ୍ରୁଡ୍ କ୍ୟାରିୟର( ଭିଏଲ୍‌ସିସି)' ଭଳି ଜାହାଜର ଦୈନିକ ଭଡ଼ା ମୂଲ୍ୟ ୭ ଲକ୍ଷ ଡଲାରକୁ ବୃଦ୍ଧି ପାଇଛି। ସେହିପରି ୟୁଏସ୍ ଗଲ୍ଫ-ଚାଇନା ରୁଟ୍‌ରେ ଜାନୁଆରୀରେ ପ୍ରତି ବ୍ୟାରେଲ ପିଛା ପରିବହନ ମୂଲ୍ୟ ୪.୬୦ ଡଲାର ରହିଥିଲାବେଳେ ଏବେ ଏହା ୧୫ ଡଲାରକୁ ବୃଦ୍ଧି ପାଇଛି। କେବଳ ପରିବହନ ନୁହେଁ, ଯୁଦ୍ଧ ବିପଦକୁ ଦୃଷ୍ଟିରେ ରଖି ଜାହାଜ ବୀମା ଦେୟରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ବର୍ତ୍ତମାନ ୧୩୦ରୁ ୧୫୦ ନିୟୁତ ଟ୍ୟାଙ୍କର ପାଇଁ ସିଙ୍ଗଲ ଭଏଜ୍ ଇନ୍‌ସ୍ୟୁରାନ୍ସ ଦେୟ ୧.୩ ରୁ ୩ ନିୟୁତ ଡଲାର ରହିଛି। ଏହାଛଡ଼ା ଅଧିକରୁ ଅଧିକ ପରିମାଣର ଇନ୍ଧନ ନେଇ ଇରାନ ଉପକୂଳ ଦେଇ ଯାତାୟାତ କରୁଥିବା ଜାହାଜଗୁଡିକ ପାଇଁ ୨୦୦ରୁ ୩୦୦ ପ୍ରତିଶତ ଏବଂ ସ୍ଥଳ ବିଶେଷରେ ୧୦୦୦ ଗୁଣ ଅଧିକ ବୀମା ଦେୟ ଲାଗୁ କରାଯାଉଥିବା କୁହାଯାଇଛି। ଏଭଳି ସ୍ଥଳେ ଭାରତର ତୈଳ ଏବଂ ଗ୍ୟାସ୍ ଆମଦାନୀ ଖର୍ଚ୍ଚ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇବ ବୋଲି କୁହାଯାଉଥିଲାବେଳେ ଏହାକୁ ନେଇ ଘରୋଇ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଘଟିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଯୁଦ୍ଧ ପୂର୍ବରୁ ଭାରତର ପ୍ରତି ବ୍ୟାରେଲ ପିଛା ତୈଳ ଆମଦାନୀ ଖର୍ଚ୍ଚ ୬୯ ଡଲାର ରହିଥିଲାବେଳେ ମାର୍ଚ୍ଚରେ ଏହା ୧୧୩ ଡଲାରରେ ପହଞ୍ଚିଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ଏହା ଆହୁରି ବୃଦ୍ଧି ଘଟିବ ଏବଂ କ୍ଷତି ସହି ନ ପାରି ତୈଳ କମ୍ପାନୀ ମୂଲ୍ୟ ବୃଦ୍ଧି କରିବାକୁ ବାଧ୍ୟ ହେବେ। ଇରାନ୍-ଆମେରିକା ଯୁଦ୍ଧ ଆରମ୍ଭ ହେବା ପରେ ଉପସାଗରୀୟ ଦେଶଗୁଡ଼ିକରୁ ଭାରତର ଇନ୍ଧନ ଆମଦାନୀ ୬୦ ପ୍ରତିଶତ କମିଛି। ବର୍ତ୍ତମାନ ଆବଶ୍ୟକ ତୁଳନାରେ କମ୍ ଆମଦାନୀ ହେବା ଏବଂ ପରିବହନ ଓ ବୀମା ଖର୍ଚ୍ଚ ମାତ୍ରାଧିକ ବୃଦ୍ଧି ଘଟିବା ଆଗାମୀ ଦିନରେ ତୈଳ ସଙ୍କଟକୁ ଆହୁରି ଗମ୍ଭୀର କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ବେଦାନ୍ତର ଗ୍ରାମ୍ୟ ଭିତ୍ତିଭୂମି ସୁରକ୍ଷା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୧।୪

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଗ୍ରାମ୍ୟ ଭିତ୍ତିଭୂମି ସୁରକ୍ଷା କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ୩୨୫ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଏହି ଆଲୋକ ବ୍ୟବସ୍ଥା ଦ୍ୱାରା ୨ ଜିଲାର ବିଭିନ୍ନ ଅଞ୍ଚଳରେ ସାଧାରଣ ଯାତାୟାତ ଲାଗି ସୁବିଧା ମିଳିବା ସହ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସୌରଶକ୍ତି ଚାଳିତ ଏହି ଆଲୋକ ବ୍ୟବସ୍ଥା ବାର୍ଷିକ ୨୮,୪୭୯ କିଲୋୱାଟ୍ କ୍ଲିନ୍ ଏନର୍ଜି ଉତ୍ପନ୍ନ କରିବ। ଏହାଦ୍ୱାରା ହାରାହାରି ଭାବେ ପ୍ରତିବର୍ଷ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ ୨୪ ଟନ୍ ହ୍ରାସ ପାଇବ ବୋଲି କୁହାଯାଇଛି। ପ୍ରାୟ ବର୍ଷକ ତଳେ ଉପରୋକ୍ତ ଦୁଇଟି ଜିଲାର ଜାମକାନି, ଗିରିସିମା, ଝାରପାଲାମ, ହେମଗିର, ବିଲେଇମୁଣ୍ଡା, ଘୋଗରପଲ୍ଲୀ, ରେଙ୍ଗଲପାଣି, ବନଜାରି ଲିଆଖାଇ ଭଳି ଅନେକ ଗ୍ରାମରେ ଏହି ଆଲୋକୀକରଣ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସେଗୁଡିକୁ ଚାଲୁ କରାଯାଇଥିବା ବେଦାନ୍ତ ଆଲୁମିନିୟମ ପକ୍ଷରୁ କୁହାଯାଇଛି। କମ୍ପାନୀ ପକ୍ଷରୁ ଏଗୁଡିକର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।



# 'ଜିକେ ଟିଏମ୍‌ଟି'ର ଓଡ଼ିଶା ବଜାର ପ୍ରବେଶ

ଭୁବନେଶ୍ୱର,୨୧।୪
(ଅନୁରାଧା ମହାରଣା)

ଛତିଶଗଡ଼ ରାୟପୁରର ପ୍ରତିଷ୍ଠିତ ଷ୍ଟିଲ୍ କମ୍ପାନୀ 'ରିଅଲ୍ ଇସ୍ପାତ ଆଣ୍ଡ ପାୱାର ଲିମିଟେଡ୍'ର ଟିଏମ୍‌ଟି ବାର୍ ଓଡ଼ିଶା ବଜାର ପ୍ରବେଶ କରିଛି। 'ଜିକେ ଟିଏମ୍‌ଟି' ବ୍ରାଣ୍ଡ ନାମରେ ପ୍ରସ୍ତୁତ କରୁଥିବା ଏହି ଉନ୍ନତ ମାନର ଟିଏମ୍‌ଟି ବାର୍ ଓଡ଼ିଶାରେ ଏହାର ବ୍ୟବସାୟ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏ ନେଇ ରବିବାର କମ୍ପାନୀ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିକେ ଟିଏମ୍‌ଟିର ସେଲ୍‌ସ ମୁଖ୍ୟ ସଞ୍ଜୟ ମିଶ୍ର ସୂଚନା ଦେଇ କହିଛନ୍ତି, ୧୯୯୯ ମସିହାରୁ ଆରମ୍ଭ ହୋଇଥିବା ଜିକେ ଟିଏମ୍‌ଟି ଛତିଶଗଡ଼ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଏବେ ଓଡ଼ିଶାରେ ବଢୁଥିବା ଉନ୍ନତ ମାନର ଷ୍ଟିଲ୍ ଚାହିଦାକୁ ନଜରରେ ରଖି ଏହାର ବ୍ୟବସାୟ ବୃଦ୍ଧି କରିବାକୁ ଉଦ୍ୟମ କରୁଛି। ଟିଏମ୍‌ଟି ବାର୍ ସହ ସ୍ପଞ୍ଜ ଆଇରନ, ୱେୟାର ରଡ୍, ଏଚ୍ ୱେୟାର, ବାଇଣ୍ଡିଂ ୱେୟାର, ଜିଆଇ ଫ୍ଲେୟାର ଏବଂ ବାର୍‌ବେର୍ଡ ଓ୍ୟାର୍ ଭଳି ଉତ୍ପାଦର ଗୁଣବତ୍ତାକୁ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି। ତେଣୁ କମ୍ପାନୀ ପକ୍ଷରୁ କନ୍‌ଷ୍ଟ୍ରକଶନ କର୍ପୋରେଟ୍ ଡିଷ୍ଟ୍ରିବ୍ୟୁଟର ସଂସ୍ଥାକୁ ଓଡ଼ିଶାରେ ଡିଷ୍ଟ୍ରିବ୍ୟୁଶନ ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଡିଷ୍ଟ୍ରିବ୍ୟୁଟର ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସତ୍ୟଜିତ୍ ମିଶ୍ର କହିଥିଲେ, ଓଡ଼ିଶାରେ ଅନ୍ୟ କମ୍ପାନୀର ଉତ୍ପାଦ ସହ ଜିକେ ଟିଏମ୍‌ଟି ସମକକ୍ଷ ହୋଇ ବ୍ୟବସାୟ କରିବ। କନ୍‌ଷ୍ଟ୍ରକଶନ କର୍ପୋରେଟ୍ ଡିଷ୍ଟ୍ରିବ୍ୟୁଟର ସଂସ୍ଥାର ମୁଖ୍ୟ ବିତ୍ତ ଅଧିକାରୀ ପ୍ରମୋଦ କୁମାର ନାୟକ ଏବଂ ଗଗନ ବିହାରୀ ମିଶ୍ର ଉପସ୍ଥିତ ଥିବା ବେଳେ କନ୍‌ଷ୍ଟ୍ରକଶନ କର୍ପୋରେଟ୍ ପ୍ରଶାସନିକ ମହାପ୍ରବନ୍ଧକ ନିହାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଓଡ଼ିଶା ଜଳବିଦ୍ୟୁତ୍ ନିଗମର ୩୧ତମ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର,୨୧।୪
(ଅନୁରାଧା ମହାରଣା)

ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି)ର ୩୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଆଇଏମ୍‌ଏମ୍‌ଟି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ ଏବଂ ଓଡ଼ିଶା ଜଳବିଦ୍ୟୁତ୍ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିତ୍ତ ନିର୍ଦ୍ଦେଶକ ପ୍ରଣବ କୁମାର ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ, ସଞ୍ଚାଳନ ନିର୍ଦ୍ଦେଶକ ଅମିୟ କୁମାର ମହାନ୍ତି ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ଲୋଚନ ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଓଏଚ୍‌ପିସିର ଥିମ୍ ସଙ୍ଗୀତର ଉନ୍ମୋଚନ କରାଯିବା ସହ ନବୀକୃତ ଆଧିକାରିକ ୱେବ୍‌ସାଇଟର ଶୁଭାରମ୍ଭ ହୋଇଥିଲା। ଅନ୍‌ଲାଇନ ଇ-ବରୁଣର ପ୍ରକାଶନ ଓ ଓସ୍‌ୱାଶ୍ ୨.୦ ର ଶୁଭାରମ୍ଭ କରାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଓଏଚ୍‌ପିସିର ବିଭିନ୍ନ ୟୁନିଟ୍‌କୁ ସମ୍ମାନିତ କରାଯାଇଥିଲା। ରେଙ୍ଗାଲି ଜଳବିଦ୍ୟୁତ୍ ପ୍ରକଳ୍ପ, ରେଙ୍ଗାଲି ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁନିଟ୍ ଭାବେ ପୁରସ୍କୃତ ହୋଇଥିଲାବେଳେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁନିଟ୍ ଭାବରେ ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ, ମୁଖିଗୁଡ଼ାକୁ ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ହାଉସ କିପିଙ୍ଗ୍ ୟୁନିଟ୍ ଭାବେ ବୁର୍ଲାର ହୀରାକୁଦ ଜଳବିଦ୍ୟୁତ୍ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲ। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ପ୍ରତିଷ୍ଠା ଦିବସ ଅବସରରେ ଭାରତୀୟ ରେଡ୍‌କ୍ରସ୍ ସମିତି ସହଯୋଗରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା।

# ସୋରୋ ଷ୍ଟେଶନରେ ୨ୟ ଫୁଟ୍ ଓଭର ବ୍ରିଜ୍

କୋଲକାତା, ୨୧।୪

ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ସୋରୋ ଷ୍ଟେଶନରେ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ଅମୃତ ଭାରତ ଷ୍ଟେଶନ ଯୋଜନାରେ ବହୁ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହା ମଧ୍ୟରେ ଉକ୍ତ ଷ୍ଟେଶନରେ ଦ୍ୱିତୀୟ ଫୁଟ୍ ଓଭର ବ୍ରିଜ୍‌ର କାର୍ଯ୍ୟ ମଧ୍ୟ ଚାଲୁ ରହିଛି ବୋଲି ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଫୁଟ୍ ଓଭର ବ୍ରିଜ୍‌ର ସ୍ପାନ-୧ କାର୍ଯ୍ୟ ଶେଷ ହେବା ସହ ସ୍ପାନ-୨ ଓ ୩ କାର୍ଯ୍ୟ ଚାଲୁ ରହିଥିବା କୁହାଯାଇଛି। ଏହି ଫୁଟ୍ ଓଭର ବ୍ରିଜ୍ ପ୍ଲାଟ୍‌ଫର୍ମ ୧କୁ ୫ ସହ ସଂଯୋଗ କରୁଥିବାରୁ ଅନ୍ୟ ଯେକୌଣସି ପ୍ଲାଟ୍‌ଫର୍ମକୁ ଯିବା ଲାଗି ଯାତ୍ରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

# ୟୁକୋ ବ୍ୟାଙ୍କ ବାଲେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ

ବାଲେଶ୍ୱର, ୨୧।୪

ୟୁକୋ ବ୍ୟାଙ୍କ ବାଲେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ପ୍ରବନ୍ଧକ ଭାବେ ନୀତେଶ କୁମାର ମହାନ୍ତି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହାପୂର୍ବରୁ ନୀତେଶ ଚଣ୍ଡିଗଡ଼ ମିଡ୍ କର୍ପୋରେଟ୍ ଶାଖାରେ ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ୧୭ ବର୍ଷର ଅଭିଜ୍ଞତା ରହିଛି। ବାଲେଶ୍ୱର ଅଞ୍ଚଳ ଅଧୀନରେ ୬୪ଟି ଶାଖା ରହିଥିଲାବେଳେ ରିଟେଲ,ଏମ୍‌ଏସ୍‌ଏମ୍‌ଇ ଏବଂ କୃଷି ଆଦି କ୍ଷେତ୍ରରେ ଅଗ୍ରିମ ଅଭିବୃଦ୍ଧି ସହ ଉତ୍ତମ ଗ୍ରାହକ ସେବା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ବିଶେଷକରି ଋଣ ପ୍ରଦାନ ଏଟିଏମ୍ ସେବା ଏବଂ ମୋବାଇଲ ପ୍ଲାଟ୍‌ଫର୍ମ ଭଳି ଡିଜିଟାଲ ଉତ୍ପାଦକୁ ଗ୍ରାହକାଭିମୁଖୀ କରିବାକୁ ସେ ଅଗ୍ରାଧିକାର ଦେବେ ବୋଲି କହିଛନ୍ତି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଚେତନତା ଜରୁରୀ

**ପ୍ରତିବର୍ଷ ଏପ୍ରିଲ ୨୨କୁ ଧରିତ୍ରୀ ଦିବସ ଭାବେ ପାଳନ କରାଯାଉଛି। ପରିବେଶର ସୁରକ୍ଷା ଦିଗରେ ସଚେତନତା ବୃଦ୍ଧିକରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ୧୯୭୦ ଏପ୍ରିଲ ୨୨ରେ ପ୍ରଥମକରି ଆମେରିକାର ସିନେଟର ଗେଲୋର୍ଡ ନେଲ୍‌ସନ ପ୍ରଥମ ଧରିତ୍ରୀ ଦିବସର ଡାକରା ଦେଇଥିଲେ। ପରେ ୨୦୧୯ରେ ମିଳିତ ଜାତିସଂଘ ଏପ୍ରିଲ ୨୨କୁ 'ଅନ୍ତର୍ଜାତୀୟ ମାତୃ ପୃଥିବୀ ଦିବସ' ଭାବେ ସରକାରୀ ମାନ୍ୟତା ପ୍ରଦାନ କରିଥିଲେ। ଏହି ଦିବସ ଅବସରରେ ପୃଥିବୀର ପରିବେଶ, ବାୟୁ, ଜଳ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନିଆଯାଏ। ଏଥିସହ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ ୱାର୍ମିଂ ବିଷୟରେ ସଚେତନତା ସୃଷ୍ଟି କରାଯାଏ। ତେବେ ପରିବେଶ ସୁରକ୍ଷା ସମ୍ପର୍କିତ ବିଷୟରେ ଏମାନେ ଯାହା କୁହନ୍ତି....**

## ଜଳବାୟୁ ପରିବର୍ତ୍ତନ ପାଇଁ ବିପର୍ଯ୍ୟୟ ବଢୁଛି



ପୃଥିବୀରେ ଗଛଲତାଠାରୁ ଆରମ୍ଭକରି ଜୀବଜନ୍ତୁ, ଅନେକ ପ୍ରାଣୀ ଏବଂ ମନୁଷ୍ୟ ବସବାସ କରୁଛନ୍ତି। ଜୀବଜନ୍ତୁମାନେ ଯଥାରୀତି ସେମାନଙ୍କ ଜୀବନ ଅତିବାହିତ କରୁଥିବାବେଳେ ମନୁଷ୍ୟ ନିଜର ବୁଦ୍ଧି କୌଶଳ ବଳରେ ଅନେକ ସମୟରେ ପ୍ରକୃତିକୁ ନଷ୍ଟକରିବାରେ ଲାଗିଛି। ଫଳରେ ଅପ୍ରାକୃତିକ ଜଳବାୟୁ ପରିବର୍ତ୍ତନ ପାଇଁ ଅନେକ ବିପର୍ଯ୍ୟୟ ଦେଖାଦେଉଛି। ପ୍ରକୃତି ହିଁ ଆମ ପାଇଁ ଅମୂଲ୍ୟ ସମ୍ପଦ। ତେଣୁ ଏହାର ସୁରକ୍ଷା ପାଇଁ ଆମେ ସମସ୍ତେ ଆଗେଇଆସିବା ଆବଶ୍ୟକ।

- ଡ. ବିଶ୍ୱଜିତ୍ ପଣ୍ଡା, ସମ୍ପାଦକ 'ବିକାଶ ସାଥୀ'

## ସାମୂହିକ ଉଦ୍ୟମ ଲୋଡ଼ା



ସମଗ୍ର ପୃଥିବୀର ସୁରକ୍ଷା କେବଳ ଜଣେ ଚାହିଁଲେ ହେବ ନାହିଁ। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ଇଚ୍ଛାଶକ୍ତି ରହିବା ସହ ସଂଘବଦ୍ଧ ଉଦ୍ୟମ ହେବା ଆବଶ୍ୟକ। ପ୍ରକୃତିର ସୁରକ୍ଷାଠାରୁ ଆରମ୍ଭକରି ଜଳ ସଂରକ୍ଷଣ, ଜଙ୍ଗଲ ସଂରକ୍ଷଣ, ବନ୍ୟପ୍ରାଣୀ ସୁରକ୍ଷା ଆଦି ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରିବା ଆବଶ୍ୟକ। ଦୈନନ୍ଦିନ ଜୀବନରେ ଆମେ ପରିବେଶ ପ୍ରତି ଯଥେଷ୍ଟ ଯତ୍ନବାନ୍ ହେବା ଦରକାର। ଫଳରେ ଏହି ଦିବସର ଯଥାର୍ଥତା ପ୍ରତିପାଦିତ ହୋଇପାରିବ।

- ତ୍ରିଲୋଚନ ସାହୁ, ପରିବେଶବିତ୍

–ରିପୋର୍ଟ: ବନ୍ଦନା ସେଠୀ

**ପ୍ରଦୂଷିତ ପରିବେଶ ଯୋଗୁ ପୃଥିବୀରୁ ଅନେକ ପ୍ରଜାତିର ଜଳଜୀବ ଓ ବୃକ୍ଷଲତା ଲୋପପାଇ ଚାଲିଛି। ଫସଲ ହେଉ ନାହିଁ। ଖରା ଦିନେ ପ୍ରଚଣ୍ଡ ଖରା ଅଂଶୁଘାତର କାରଣ ହେଉଛି। ଆମର ଅବିବେକୀ କାର୍ଯ୍ୟକଳାପ ଦ୍ୱାରା ଜଳବାୟୁର ପରିବର୍ତ୍ତନ ହେବା ସହିତ ବୃଷ୍ଟି ଅନିୟମିତ ହେଉଛି। ତେଣୁ ଧରିତ୍ରୀ ସମ୍ପର୍କରେ ସମସ୍ତେ ଭାବିବାର ବେଳ ଆସିଛି।**

# ଆମର କ୍ଷମତା, ଆମ ଗ୍ରହ





ପାଣି, ପବନ, ଗଛଲତା, ନଦୀ,ସମୁଦ୍ର, ପ୍ରାଣୀ ଓ ପାହାଡ଼ ପର୍ବତକୁ ନେଇ ଗଠିତ ଆମର ସୁନ୍ଦର ସବୁଜଗ୍ରହ। ସେହି ଗ୍ରହର ପାଣି, ପବନ ଆମକୁ ବଞ୍ଚେଇ ରଖିଛି। ଗଛଲତା ଖାଦ୍ୟ ଦେଉଛି। ମାଟିପଥର ବାସସ୍ଥାନ ଦେଇଛି। ଖଣିଜଦ୍ରବ୍ୟ ଆମକୁ ଉନ୍ନତ କରିଛି। ମାଆ ସାଜି ସେ ଆମକୁ କୋଳରେ ଧରି ରଖିଛି ବୋଲି ଆମେ ସେହି ଗ୍ରହକୁ 'ଧରିତ୍ରୀ' ଆଖ୍ୟା ଦେଇଛୁ। ଶିଳ୍ପବିପ୍ଳବ ଓ ସହରୀକରଣ ସକାଶେ ଆଜି ପୃଥିବୀର ବାୟୁ-ପାଣି-ମାଟି-ଆକାଶ(ବା-ପା-ମା-ଆ) ମୁମୂର୍ଷୁ ଅବସ୍ଥାରେ ରହିଛି। ପୃଥିବୀ ବାସୋପଯୋଗୀ ହୋଇ ରହିନାହିଁ। ତେଣୁ ପୃଥିବୀ ମାଆକୁ ସବୁଜ, ସୁନ୍ଦର ଓ ବାସୋପଯୋଗୀ କରି ରଖିବାର ପ୍ରୟାସ ଆରମ୍ଭ ହୋଇଛି। ଏହାର ପରିବେଶକୁ ସୁରକ୍ଷିତ ରଖିବା ପାଇଁ ୧୯୭୦ରୁ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ଏପ୍ରିଲ ୨୨କୁ 'ଧରିତ୍ରୀ ଦିବସ' ରୂପରେ ପାଳନ କରାଯାଉଛି। ଏବର୍ଷର ବାର୍ତ୍ତା ରହିଛି – 'ଆମ କ୍ଷମତା, ଆମ ଗ୍ରହ'। ଏହି ସନ୍ଦେଶ ମାଧ୍ୟମରେ ଜନସାଧାରଣଙ୍କୁ ଜଳବାୟୁ ପରିବର୍ତ୍ତନ, ଅଣପାରମ୍ପରିକ ଶକ୍ତିର ଗୁରୁତ୍ୱ, ପରିବେଶ ପ୍ରତି ଆମର ବ୍ୟକ୍ତିଗତ କର୍ତ୍ତବ୍ୟ ଓ ପରିବେଶକୁ ରକ୍ଷା ଉଦ୍ଦେଶ୍ୟରେ ଆମର ସାମୂହିକ କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇପାରିବ।

ପ୍ରକୃତି ଆମର ଲୋଭକୁ ପୂରଣ କରିପାରିବ ନାହିଁ। ଆମେ ଲୋଭକୁ ଚରିତାର୍ଥ କରିବାକୁ ଯାଇ ପରିବେଶକୁ ଧ୍ୱଂସ କରିଚାଲିଛୁ। ଅନ୍ୟ ପ୍ରାଣୀ ଓ ଭବିଷ୍ୟତ ପିଢ଼ିଙ୍କର କଥା ଚିନ୍ତା ନ କରି ପ୍ରକୃତିକୁ ଶୋଷଣ କରିଚାଲିଛୁ। ଜଙ୍ଗଲ କାଟି ଚାଷଜମି ଓ ସହର ସୃଷ୍ଟି କରିଛୁ। ବିକାଶ ନାମରେ ମାଳ ମାଳ କଳକାରଖାନା ଓ ବିଦ୍ୟୁତ୍-ଉତ୍ପାଦନ କେନ୍ଦ୍ର ଗଢ଼ିଉଠିଛି। ଯାନବାହନର ସଂଖ୍ୟା ବୃଦ୍ଧି ପାଉଛି। ଗାଡ଼ିମୋଟର ଓ କଳକାରଖାନାରୁ ନିର୍ଗତ ଧୂଆଁ, ପାଉଁଶ ଓ ଆବର୍ଜନା ଆମର ଜଳ, ସ୍ଥଳ ଓ ଆକାଶକୁ ପ୍ରଦୂଷିତ କରୁଛି। ବାୟୁରେ ଅଙ୍ଗାରକାମ୍ଳ ବଢ଼ିଚାଲିଛି। ପ୍ରଦୂଷିତ ପରିବେଶରେ ପୃଥିବୀରୁ ଅନେକ ପ୍ରଜାତିର ଜଳଜୀବ ଓ ବୃକ୍ଷଲତା ଲୋପପାଉଛି। ଫସଲ ହେଉ ନାହିଁ। ଖରା ଦିନେ ପ୍ରଚଣ୍ଡ ଖରା ଅଂଶୁଘାତର କାରଣ ହେଉଛି। ଆମର ଅବିବେକୀ କାର୍ଯ୍ୟକଳାପ ଦ୍ୱାରା ଜଳବାୟୁର ପରିବର୍ତ୍ତନ ହେବା ସହିତ ବୃଷ୍ଟି ଅନିୟମିତ ହେଉଛି। ତେଣୁ ଧରିତ୍ରୀ ସମ୍ପର୍କରେ ସମସ୍ତେ ଭାବିବାର ବେଳ ଆସିଛି।

ଯେଉଁ କୋଇଲା, ପେଟ୍ରୋଲ୍ ଓ ଡିଜେଲ୍ ମଣିଷକୁ ସୁଖ ଦେଇଥିଲା, ତାହା ସରିବାକୁ ଯାଉଛି। ତେଣୁ ନୂତନ ଶକ୍ତିଉତ୍ସର ସନ୍ଧାନ ଜରୁରୀ ହୋଇପଡିଛି। ସୁସ୍ଥ ପରିବେଶ ପାଇଁ ସୌରଶକ୍ତି, ପବନଶକ୍ତି ଓ ଜୁଆରଶକ୍ତି ଭଳି ନିର୍ମଳ ଶକ୍ତିଉତ୍ସର ଆବଶ୍ୟକତା ରହିଛି। ଏହି ଦିଗରେ ଆମର ବ୍ୟକ୍ତିଗତ ଉଦ୍ୟମ ସହିତ ସାମୂହିକ ଉଦ୍ୟମ ଆବଶ୍ୟକ। ଇ-ବାଇକ୍ ବ୍ୟବହାର, ଘରେ ଘରେ ସୌରଚୁଲା ଓ ସୋଲାର ହିଟର ଯୋଜନା ସ୍ୱାଗତଯୋଗ୍ୟ। ଅକ୍ଷୟ ଶକ୍ତି ଆମ ଭବିଷ୍ୟତର ରୂପରେଖ ନିର୍ଦ୍ଧାରଣ କରିବ। ପରିବେଶକୁ ରକ୍ଷା ଦିଗରେ ସରକାର ସଚେତନ କରିବା ପୂର୍ବରୁ ଆମେ ସଚେତନ ହେବା ଜରୁରୀ। ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ମନା କରିବା, ନିଜର ବ୍ୟକ୍ତିଗତ କାର ବାଇକ୍ ବଦଳରେ ବସ୍-ଟ୍ରେନ୍ ବ୍ୟବହାର କରିବା, ନିଜର ସ୍କୁଲ କଲେଜକୁ ଅଙ୍ଗାରକମୁକ୍ତ ରଖିବା, ନିଜ ଗାଆଁ-ସହରର ପରିବେଶକୁ ସୁସ୍ଥ ରଖିବା, ଆବର୍ଜନା କମ୍ କରିବା, ଏପରି କି ଘରୁ ବାହାରିଲା ବେଳେ ସୁଇଚ୍ ବନ୍ଦ କରିବା ଭଳି ସମସ୍ତ ଛୋଟବଡ ଦିଗ ପ୍ରତି ସଚେତନ ହେବା ଦରକାର। ନିର୍ବାଚନ ସମୟରେ ଯୁବବର୍ଗ ଯେମିତି ଉତ୍ସାହ ପ୍ରଦର୍ଶନ କରନ୍ତି, ପରିବେଶକୁ ସୁସ୍ଥ ରଖିବା କାର୍ଯ୍ୟରେ ସେହି ଉତ୍ସାହ ଆବଶ୍ୟକ। ତେବେ ଯାଇ 'ଧରିତ୍ରୀ ଦିବସ' ପାଳନ ସଫଳ ହେବ।

ଆମ ଉନ୍ନତିର ଧାରା ନିରନ୍ତରଧର୍ମୀ ଚିରନ୍ତନ ନୁହେଁ। ତେଣୁ ପରିବେଶ ନଷ୍ଟ ହେଉଛି। ଆଜି ସିନା ପ୍ରକୃତି ଆମର ଲାଳସାକୁ ପୂରଣ କରିପାରୁଛି, କିନ୍ତୁ କାଲି ମୁମୂର୍ଷୁ ପରିବେଶ ଆମର ଛୋଟ ଆବଶ୍ୟକତାକୁ ମଧ୍ୟ ପୂରଣ କରିପାରିବ ନାହିଁ। ଆଜି କେବଳ ଗୋଟିଏ ଦିନ କାଗଜପତ୍ରରେ 'ଧରିତ୍ରୀ ଦିବସ' ପାଳନ କରିଦେଲେ ହେବ ନାହିଁ। ପୃଥିବୀ ଗ୍ରହ ପ୍ରତି ଆମର ବ୍ୟକ୍ତିଗତ ତଥା ସାଂଗଠନିକ ଦାୟିତ୍ୱ ଓ କାର୍ଯ୍ୟ ବିଷୟରେ ସମସ୍ତେ ହୃଦୟଙ୍ଗମ କରିବାର ସମୟ ଆସିଛି। ଶକ୍ତି ସଙ୍କଟ ବିଷୟରେ ଜାଣିବା, ଆମ କ୍ଷମତାର ସୁବ୍ୟବହାର ପୂର୍ବକ ଧରିତ୍ରୀକୁ ସୁସ୍ଥ ରଖିବା। ଆଜି ଯୁବପିଢ଼ି ସୋସିଆଲ ମିଡିଆ ମାଧ୍ୟମରେ ଚାଟିଂ ନୁହେଁ, ବରଂ ସମାଜକୁ ସଚେତନ କରିବାର ସମୟ ଆସିଛି।

**–ଡ. କମଳାକାନ୍ତ ଜେନା**

ମୋ : ୯୪୩୯୫୦୧୬୫୧




ପ୍ରିୟଦର୍ଶନୀ ସାହୁ ରାଜସ୍ଥାନ ସ୍ଥିତ SJJT (Shri Jagdishprasad Jhabarmal Tibrewala) University, Jhunjhunu ବିଶ୍ୱବିଦ୍ୟାଳୟର Nursing ବିଭାଗରେ ବିଜ୍ଞପ୍ତି No. JJT/Ph.D/Exam/7501/dt. 07.08.2025 ଦ୍ୱାରା ସମ୍ମାନ ସୂଚକ ପିଏଚ୍.ଡି. (Ph.D.) ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "A MIXED METHOD STUDY OF PARENTAL PERCEPTION OF PHYSICAL ACTIVITY AND QUALITY OF LIFE OF CHILDREN UNDER HOME LOCKDOWN IN THE COVID-19 PANDEMIC IN A SELECTED AREA OF ODISHA." ପ୍ରିୟଦର୍ଶନୀ Prof. Dr. ରାଜେଶ ଜି କୁନୁରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଡାକ୍ତର ପ୍ରିୟଦର୍ଶନୀ ସରପାରୀ ଗ୍ରାମ, ଜଙ୍କିଆ ଥାନା, ଖୋର୍ଦ୍ଧା ଜିଲ୍ଲାର ନିବାସୀ। ସେ ୰ରବି ନାରାୟଣ ସାହୁ ଏବଂ ପଦ୍ମାବତୀଙ୍କର ଜ୍ୟେଷ୍ଠ କନ୍ୟା ତଥା ହଜ, ଖୋର୍ଦ୍ଧା ନିବାସୀ ଲକ୍ଷ୍ମୀଧର ସାହୁ ଏବଂ ପ୍ରମିଳା ସାହୁଙ୍କ କନିଷ୍ଠ ପୁତ୍ରବଧୂ ଅଟନ୍ତି। ସେ ତାଙ୍କର ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ନିଜ ମାତା, ପିତା, ଭାଇ, ଭଉଣୀ, ଶ୍ୱଶୁର, ଶାଶୁ, ଧର୍ମସ୍ୱାମୀ କୃଷ୍ଣଚନ୍ଦ୍ର ସାହୁ, ସମସ୍ତ ପରିବାରବର୍ଗ, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ସମସ୍ତ ସହକର୍ମୀ ଏବଂ ବନ୍ଧୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି। ବର୍ତ୍ତମାନ ଡାକ୍ତର ପ୍ରିୟଦର୍ଶନୀ ସାହୁ ବ୍ରହ୍ମପୁରସ୍ଥିତ College of Nursing, MKCG Campus ରେ Faculty ଭାବରେ କାର୍ଯ୍ୟରତ। ଧ-୧୭୪


# ଜୁଡ଼ିଆଘାଟି ହରାଇ ଚାଲିଛି ସୌନ୍ଦର୍ଯ୍ୟ

## ସୁରକ୍ଷା ଜାଲି ଛିଡ଼ିଗଲାଣି, ପଥର, ମାଟି ଖସୁଛି

ଜୁଡ଼ିଆ ଘାଟି କେନ୍ଦୁଝର ସହରର ଶୋଭା ବଢାଇବାରେ ଏହାର ରହିଛି ଗୁରୁତ୍ୱ। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଦିନକୁ ଦିନ ତା'ର ସୌନ୍ଦର୍ଯ୍ୟ ହରାଇ ଚାଲିଛି। ଏକଦା ଘଞ୍ଚ ସବୁଜ ଜଙ୍ଗଲ ପରିବେଷ୍ଟିତ ଉକ୍ତ ଘାଟି ପ୍ରମୁଖ ଆକର୍ଷଣ ସାଜୁଥିଲା। କିନ୍ତୁ ରାସ୍ତାକଡ଼ରେ ଦିଆଯାଇଥିବା ତାର ଜାଲି ମରାମତି କରାଯାଉ ନ ଥିବାରୁ ଛିଡ଼ି ଗଲାଣି। ପଥର ଓ ମାଟି ଧସି ରାସ୍ତାରେ ପଡୁଥିବା ବେଳେ ପାହାଡ଼ ଖାଇଗଲାଣି। କେନ୍ଦୁଝର ସହରର ମୁଣ୍ଡ ଭାବରେ ଛିଡ଼ା ହୋଇଥିବା ଜୁଡ଼ିଆ ଘାଟି ଧୀରେ ଧୀରେ ଧ୍ୱସ୍ତ ହେବାକୁ ବସିଥିବାରୁ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରୁଛନ୍ତି। ସୁରକ୍ଷା ନେଇ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି।

ଜୁଡ଼ିଆ ଘାଟି ପାଦ ଦେଶରେ କେନ୍ଦୁଝରର ଶ୍ରୀବଳଦେବଜୀଉ ମନ୍ଦିର, ଲକ୍ଷ୍ମୀପାଦ, ଐତିହ୍ୟ ସମ୍ପନ୍ନ ରାଜଉଆସ, ଚନ୍ଦନ ପୋଖରୀ ଓ ଅନତି ଦୂରରେ ସିଦ୍ଧସାଧନାର ପୀଠ ସିଦ୍ଧମଠ ରହିଛି। ପାହାଡ଼ରେ ପାନ୍ଥ ନିବାସ ନିର୍ମାଣ ହୋଇଥିବା ବେଳେ ବନ ବିଭାଗ ଓ ପୋଲିସ ବିଭାଗର ଗେଷ୍ଟ ହାଉସ, କେନ୍ଦୁପତ୍ର ବିଭାଗର ଡିଭିଜନ ଅଫିସ ଏବଂ ଉପରେ ସହରାଞ୍ଚଳ ଜଳ ଯୋଗାଣ ପ୍ରକଳ୍ପ, ହାତୀ ଟାୱାର ରହିଛି। ଏଣୁ ଏହି ସ୍ଥାନଟି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଛି। ଅନେକେ ଘାଟିକୁ ଉପରୁ କେନ୍ଦୁଝର ସହରର ସୌନ୍ଦର୍ଯ୍ୟ ଦୃଶ୍ୟକୁ ଦେଖି ଖୁସି ହୋଇଥାନ୍ତି। ଘାଟି ଉପରୁ ଫଟୋ ଓ ସେଲ୍‌ଫି ଉଠାଇ ସୁନ୍ଦର ପରିବେଶର ସ୍ମୃତିକୁ ସାଇତି ରଖି ଫେରନ୍ତି। ତେବେ ପ୍ରାୟ ଏକ କି.ମି ଦୀର୍ଘ ଘାଟି ରାସ୍ତାର ପ୍ରସସ୍ତିକରଣ ନାମରେ ଏନ୍‌ଏଚ୍ ୪୯ ପାର୍ଶ୍ୱକୁ ଅବିଚାରିତ ଭାବରେ କଟାଯିବା ଫଳରେ ଏହାର ପାର୍ଶ୍ୱ ପାହାଡ଼ ଦୁର୍ବଳ ହୋଇପଡ଼ିଛି। ଅନେକ ସମୟରେ ପାହାଡ଼ରୁ ଭୂସ୍ଖଳନ ହୋଇ ପଥର, ମାଟି ଆଦି ଖସି ରାସ୍ତାରେ ପଡୁଛି। ବିଭିନ୍ନ ସମୟରେ ଯାତାୟାତ ବିପଦପୂର୍ଣ୍ଣ ହେଉଛି। ଠିକ୍ ଭାବରେ ପାହାଡ଼ର ପାର୍ଶ୍ୱକୁ ପରିଚାଳନା କରାଯାଇ ନ ଥିବାରୁ ପ୍ରତ୍ୟେକ ବର୍ଷ ବର୍ଷା ଦିନରେ ମାଟି ଅତଡ଼ା ଖସିବା ସହ ଗଛ, ପଥର ଖସି ରାସ୍ତା ଅବରୋଧ ନଜିରକୁ ଆସିଛି। ଅନ୍ୟପକ୍ଷରେ ଏହି କାରଣରୁ ପରିବେଶ ବହୁ ପରିମାଣରେ କ୍ଷତି ହେବା ସହ ସୌନ୍ଦର୍ଯ୍ୟହାନୀ ଘଟୁଛି ବୋଲି ପୁରୁଣା ସହରର ବରିଷ୍ଠ ନାଗରିକ ନବ କିଶୋର ସାହୁ କହିଛନ୍ତି। ବହୁ ଅର୍ଥ ବ୍ୟୟ କରି ପାହାଡ଼ ତଥା ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷା ପାଇଁ ଗାର୍ଡ ୱାଲ ନିର୍ମାଣ କରାଯିବା ସହ ଲୁହା ଜାଲି ବିଛା ଯାଇଥିଲେ ହେଁ ସେସବୁ ବର୍ଷା ଦିନରେ ଅତଡ଼ା ଖସି ନଷ୍ଟ ହୋଇଯାଉଛି। ଏଣୁ ଏହାର ସ୍ଥାୟୀ ବ୍ୟବସ୍ଥା କରିବାକୁ ପାଦ ଦେଶରେ ରହୁଥିବା ଜୁଡ଼ିଆ ସାହିର ଲୋକମାନେ ଦାବି କରୁଛନ୍ତି। ଏହାର ତଳ ଭାଗରେ ଜବରଦଖଲ ବଢୁଥିବାରୁ ଏହାର ଜଙ୍ଗଲ ପରିସୀମା ସଙ୍କୁଚିତ ହେବାରେ ଲାଗିଛି। ବନ ବିଭାଗ ପକ୍ଷରୁ ବନୀକରଣ କରାଯାଇ ବିଶେଷ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



କେନ୍ଦୁଝର ଜୁଡ଼ିଆଘାଟିର ବର୍ତ୍ତମାନର ଅବସ୍ଥା।

**– ନରେଶ ଚନ୍ଦ୍ର ପଟ୍ଟନାୟକ**, କେନ୍ଦୁଝର


# Classified Everyday

**0674-2580101, 9692975378**



MATRIMONIAL

**BRIDE WANTED**

ବୟସ- ୩୨, ଉଚ୍ଚତା- 5ft. 6inch, ରଙ୍ଗ- ଗୋରା, Network Analyst at Analog System-Bangalore, ଖଣ୍ଡାୟତ ପୁଅ ପାଇଁ ଘରୋଇ, ସୁନ୍ଦର ଝିଅ ଆବଶ୍ୟକ। ଯୋଗାଯୋଗ: 7978761365, 9778607482. D-73599

ଚାକିରି କରି ଏକାକି ରହୁଥିବା 50 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Candidate-9861141891. D-148

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

Karan Boy 1995, 5'7", B.Tech (IT) Serving Software Engineer MNC Netherland "SUNASANSAR". 9937512659. D-152



**REAL ESTATE**

**SALE**

**ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520.** D-32

ପୂର୍ବମୁହାଁ ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର- 9861722609/ 9438112793. D-84

**3BHK, Drawing, Dining, Puja, Three Bed Room, Two Kitchens, Three Toilets, Garage near Shopping Mall, Inox Cinema, Tamando, Rate-Three crores (Negotiable). Cell. 9040188940, 93481 21441.** D-166





Newly opening full body massage. Best therapist, Good Looking: 7205888795. D-135

All types of physiotherapy and massage. Contact: 9556924059/7656969134. D-109

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

**AFFIDAVIT**

I, Prasanta Nayak, S/o.- Sukadev Nayak of Vill.- Gopinathpur, P.O.- Anantapur, P.S.- Balikuda, Dist.- Jagatsinghpur, State- Odisha declare by affidavit before Executive Magistrate, Balikuda, Affidavit No.- 1918 Dtd.- 03.11.2025 has changed name from Prasanta Kumar Nayak to Prasanta Nayak for all future purposes. D-172

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Kantabanji, dated 21.4.2026, I, MANJAREE BHOI, W/o.- CHAITANYA BHOI, Address: At/P.O./P.S.- MURIBAHAL, Dist.- Bolangir, Odisha, PIN- 767037 declare that I have changed my name from CHAHATULA BHOI (Old name) to MANJAREE BHOI (New name). Henceforth, I shall be known as MANJAREE BHOI for all purposes. D-171

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before Executive Magistrate, Bhubaneswar, Dated-21.04.2026, I, SHEKH HALIM (New name), Address: Sitaram Bazar, Baranga, Barang, Cuttack, Odisha-754005 declare that I have changed my name from SK HALIM (Old name) to SHEKH HALIM (New name), Henceforth, I shall be known as SHEKH HALIM (New name) for all purposes.
Shekh Halim
D-170

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ହର ମୋହନ ତ୍ରିପାଠୀ**

ଆବିର୍ଭାବ : ୦୭.୧୧.୧୯୪୧
ତିରୋଧାନ : ୧୩.୦୪.୨୦୨୬

ତୁମର ନିଃସ୍ୱାର୍ଥପର ସ୍ନେହ, ଦୃଢ଼ ଚରିତ୍ର ଏବଂ ଶୃଙ୍ଖଳିତ ଆଦର୍ଶ ଆଜିବି ଆମ ପରିବାରର ପ୍ରତିଟି କୋଣରେ ଗୁଞ୍ଜରିତ ହେଉଛି। ତୁମ ବିନା ଏହି ଘର ଆଜି ସମ୍ପୂର୍ଣ୍ଣ ଶୂନ୍ୟ, ମାତ୍ର ତୁମର ଆଶୀର୍ବାଦର ଛାୟା ଆମକୁ ପ୍ରତି ପାଦରେ ବାଟ ଦେଖାଉଛି। ଆଜି ତୁମର ଏହି ଦଶାହ ପୁଣ୍ୟତିଥି ଅବସରରେ ଆମେ ସମସ୍ତେ ଭାରାକ୍ରାନ୍ତ ହୃଦୟରେ ତୁମକୁ ସ୍ମରଣ କରୁଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ଏତିକି ପ୍ରାର୍ଥନା, ତୁମର ପବିତ୍ର ଆତ୍ମାକୁ ଚିର ଶାନ୍ତି ଓ ସଦ୍‌ଗତି ମିଳୁ।

**ଶୋକ ସନ୍ତପ୍ତ :**
**ବସନ୍ତ ମଞ୍ଜରୀ ତ୍ରିପାଠୀ ଓ ପରିବାର ବର୍ଗ**

ଧ-୭୫୮୭୦

## ରଜନୀଗନ୍ଧାରେ ସାର ପ୍ରୟୋଗ



ଲଗାଯାଇଥିବା ରଜନୀଗନ୍ଧା ୩୦ ଦିନର ହୋଇ ଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି ଉନ୍ନତ କିସମ ବିହନ ଚୟନ କରନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାର (ଏକର ପ୍ରତି ୧୬୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ ଓ ୮୦କି.ଗ୍ରା. ପଟାସ ସାର) ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ। ହେଲେ ମନେ ରଖିବା ଦରକାର ଯେ କନ୍ଦାଗୁଡିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବ। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ।ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ଲାଭଜନକ ଫଳଚାଷ



ଉଚ୍ଚା ଗଡ଼ାଣିଆ ବା ଅନୁର୍ବର ଜମିରେ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ଆମ ରାଜ୍ୟର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ଯଥା: ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

# ଛେଳି ପାଳନର ଆବଶ୍ୟକତା



ଡା. ବୀର କିଶୋର ପରିଡ଼ା

ଛେଳି ପାଳନ କରିବା ଏବେ କିଛି ନୂଆ କଥା ନୁହେଁ । ଆଗରୁ ମଧ୍ୟ ସାଧବପୁଅମାନେ ବିଦେଶରେ ବାଣିଜ୍ୟ କରିବା ସହ ଛେଳି ପାଳନକୁ ଏକ ଅର୍ଥକରୀ ବ୍ୟବସାୟ ରୂପେ ଗ୍ରହଣ କରିଥିଲେ । ଏହାଛଡ଼ା ଶରୀର ଗଠନରେ ଆବଶ୍ୟକ ହେଉଥିବା ପ୍ରାଣିଜ ପୁଷ୍ଟିସାର ଖାଦ୍ୟ ପାଇପାରୁଥିଲେ । ଗାଈ ପରି ଛେଳି ମଧ୍ୟ ମନୁଷ୍ୟର ଚାହିଦା ପୂରଣ ପାଇଁ କିଛି କମ୍ ଭୂମିକା ଗ୍ରହଣ କରିନାହିଁ । ଛେଳିଠାରୁ ମିଳୁଥିବା ମାଂସ ଓ କ୍ଷୀର ମାନବ ଶରୀରର ଗଠନ ପାଇଁ ଏକାନ୍ତ ଆବଶ୍ୟକ । ଚମଡ଼ାରେ ଜୋତା, ବାଦ୍ୟଯନ୍ତ୍ର, ଲୋମରେ ଗରମ ପୋଷାକ ଆଦି ତିଆରି ହୋଇପାରୁଛି ।

**ଛେଳିକ୍ଷୀର**

ଗରିବ ଲୋକମାନେ ଉନ୍ନତ ଗାଈଟିଏ ରଖିବା ସମ୍ଭବପର ହୁଏନାହିଁ । କାରଣ ଗାଈର ମୂଲ୍ୟ ଅଧିକ ସହ ଦାନା କିଣିବା ତାଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼େ। ତେଣୁ ଛେଳି ହେଉଛି ଗରିବ କୃଷକର ଗାଈ ସଦୃଶ । ଛେଳିକୁ 'ଗରିବର ଗାଈ' ରୂପେ ଆଖ୍ୟା ଦିଆଯାଇଛି। ଗାଈକ୍ଷୀର ପରି ଛେଳିକ୍ଷୀରରେ ଖାଦ୍ୟସାର ପ୍ରାୟ ସମାନ ଅଛି କହିଲେ ଚଳେ । ଛେଳିକ୍ଷୀର ଗାଈ କ୍ଷୀର ଅପେକ୍ଷା ମନୁଷ୍ୟ ଶରୀରେ ସହଜରେ ହଜମ ହୋଇଯାଏ। କାରଣ ଏହି କ୍ଷୀରରେ ଚର୍ବିଜାତୀୟ ଜୀବକୋଷଗୁଡ଼ିକ ଗାଈକ୍ଷୀରଠାରୁ କ୍ଷୁଦ୍ର ଥାଏ ଏବଂ ଲାକ୍‌ଟୋଜ୍ ପରିମାଣ ଅଧିକ ଥାଏ । ତେଣୁ ଏହି କ୍ଷୀର ଅଧିକ ସୁସ୍ୱାଦୁ ଲାଗେ । କ୍ଷୀର ଉପରେ ସର ମଧ୍ୟ ମୋଟା ଆକାରରେ ପଡ଼େ ନାହିଁ । କିନ୍ତୁ ଛେଳିର କ୍ଷୀରରେ ବାସନା ଯୋଗୁ ଲୋକମାନେ ଏହାକୁ ପିଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଛେଳିର କ୍ଷୀରରେ ମଧ୍ୟ ଯକ୍ଷ୍ମା ରୋଗ ପ୍ରତିରୋଧକାରୀ ଶକ୍ତି ନିହିତ ଥାଏ । ବର୍ତ୍ତମାନ ଆମ ଦେଶରେ ସମୁଦାୟ କ୍ଷୀର ଉତ୍ପାଦନର ୫୨ ପ୍ରତିଶତ ମଇଁଷି କ୍ଷୀର, ୪୫ ପ୍ରତିଶତ ଗାଈକ୍ଷୀର ହେଉଥିବାବେଳେ ଛେଳିକ୍ଷୀର ୩ ପ୍ରତିଶତ ପୂରଣ କରିପାରିଛି।

**ଛେଳିମାଂସ**

ଛେଳିମାଂସ ସମୁଦାୟ ଆମ ଦେଶର ମାଂସ ଉତ୍ପାଦନର ୩୬ ପ୍ରତିଶତ ପୂରଣ କରିପାରିଛି । ପ୍ରାଣିଜ ଖାଦ୍ୟ ମଧ୍ୟରେ ମାଛ ବ୍ୟତୀତ ମାଂସରୁ ହିଁ ସର୍ବାଧିକ ପୁଷ୍ଟିସାର ବା ପ୍ରୋଟିନ୍ ମିଳିଥାଏ । ଏହି ପ୍ରୋଟିନ୍ ଅଭାବରେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଗଠନରେ ବାଧା ସୃଷ୍ଟି ହୁଏ ଓ ଶରୀର ଦୁର୍ବଳ ହୋଇପଡ଼େ ଏବଂ ରୋଗ ସହଜରେ ଧରେ । ସାଧାରଣତଃ ଆମର ଦୈନନ୍ଦିନ ମୁଣ୍ଡ ପିଛା ମାଂସର ଆବଶ୍ୟକତା ୩୪ ଗ୍ରାମ୍ ଥିବାବେଳେ ଆମକୁ ମାତ୍ର ୪.୩୧ ଗ୍ରାମ୍ ମିଳୁଛି ।

**ଚମଡ଼ା ଓ ଲୋମ**

ବର୍ତ୍ତମାନ ଚମଡ଼ା ଓ ଲୋମ, ଶିଳ୍ପ ଓ ଗରମ ପୋଷାକ ପାଇଁ ଅତ୍ୟନ୍ତ ବେଶ୍ ଦରକାର ହୋଇପଡ଼ିଛି ।

**ଛେଳି ପାଳନର ଅନ୍ୟାନ୍ୟ ସୁବିଧା**

ଛେଳି ଏପରି ଏକ ପ୍ରାଣୀ, ଯେକୌଣସି ଜଳବାୟୁ ସହ ଖାପଖୁଆଇ ରହିପାରିବ। ଯେଉଁ ଘାସ ଅନ୍ୟ ପ୍ରାଣୀକୁ ରୁଚିକର ନ ହୋଇପାରେ, ସେହି ପ୍ରକାର ଘାସ ଏମାନେ ଖାଇ ବଞ୍ଚିପାରନ୍ତି। ଯେକୌଣସି ଲୋକ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଏମାନଙ୍କୁ ସହଜରେ ରଖିପାରିବେ। ଛେଳି ରଖିବାକୁ ବେଶି ସ୍ଥାନ ଦରକାର ହୁଏନାହିଁ । ଛେଳିର ଲଣ୍ଡି ଉତ୍କୃଷ୍ଟ ସାର ରୂପେ ବ୍ୟବହାର ହୁଏ । ବର୍ତ୍ତମାନ ଭାରତର ଛେଳି ସଂଖ୍ୟା ପୃଥିବୀର ଛେଳି ସଂଖ୍ୟାର ଏକଚତୁର୍ଥାଂଶ ସ୍ଥାନ ଗ୍ରହଣ କରିଛି ।

> "ଛେଳି ଏପରି ଏକ ପ୍ରାଣୀ, ଯେକୌଣସି ଜଳବାୟୁ ସହ ଖାପଖୁଆଇ ରହିପାରିବ। ଯେଉଁ ଘାସ ଅନ୍ୟ ପ୍ରାଣୀକୁ ରୁଚିକର ନ ହୋଇପାରେ, ସେହି ପ୍ରକାର ଘାସ ଏମାନେ ଖାଇ ବଞ୍ଚିପାରନ୍ତି। ଯେକୌଣସି ଲୋକ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଏମାନଙ୍କୁ ସହଜରେ ରଖିପାରିବେ। ଛେଳି ରଖିବାକୁ ବେଶି ସ୍ଥାନ ଦରକାର ହୁଏନାହିଁ। ଛେଳିର ଲଣ୍ଡି ଉତ୍କୃଷ୍ଟ ସାର ରୂପେ ବ୍ୟବହାର ହୁଏ। ବର୍ତ୍ତମାନ ଭାରତର ଛେଳି ସଂଖ୍ୟା ପୃଥିବୀର ଛେଳି ସଂଖ୍ୟାର ଏକଚତୁର୍ଥାଂଶ ସ୍ଥାନ ଗ୍ରହଣ କରିଛି।"



**ଭାରତରେ ମିଳୁଥିବା ବିଭିନ୍ନ ଧରଣର ଛେଳି**

ଭୌଗୋଳିକ ଦୃଷ୍ଟିକୋଣରୁ ଆମ ଦେଶରେ ପାଳନ କରାଯାଉଥିବା ସମସ୍ତ ଛେଳିଜାତିକୁ ୪ଚାରିଭାଗରେ ବିଭକ୍ତ କରାଯାଇଛି । ଯଥା - (୧) ଉତ୍ତର ହିମାଳୟ, (୨) ଉତ୍ତର ପଶ୍ଚିମାଞ୍ଚଳ, (୩) ଦକ୍ଷିଣାଞ୍ଚଳ ଏବଂ (୪) ଉଷ୍ମ ଆର୍ଦ୍ର ପୂର୍ବାଞ୍ଚଳ ।

**ଉତ୍ତର ହିମାଳୟ ଅଞ୍ଚଳ :** ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶର ପାହାଡ଼ିଆ ଅଞ୍ଚଳରେ ମିଳୁଥିବା ଛେଳିମାନଙ୍କ ମଧ୍ୟରେ ଗଦି, କଶ୍ମୀର ପଶ୍ମିନା, ଚେଗୁ, ଚଙ୍ଗଥାଙ୍ଗି ଇତ୍ୟାଦି ପ୍ରଧାନ । ଏହି ଛେଳିମାନଙ୍କର ଲୋମ ବେଶି ଦେଖାଯାଏ । ଉନ୍ନତ ଧରଣରୁ ପଶ୍ମିନା ଛେଳି ଲୋମରେ କରାଯାଏ ।

**ଉତ୍ତର ପଶ୍ଚିମାଞ୍ଚଳ :** ପଞ୍ଜାବ, ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶ, ସମତଳ ଉତ୍ତରପ୍ରଦେଶରେ ଯମୁନାପାରୀ(କ୍ଷୀର), ବାରବାରୀ(ମାଂସ). ସୀରୋହୀ (କ୍ଷୀର), କୁଚି (ମାଂସ), ସୁରତି (କ୍ଷୀର), ମାରୱାରୀ (କ୍ଷୀର) ଇତ୍ୟାଦି ଛେଳି ପାଳନ କରାଯାଏ ।

**ଦକ୍ଷିଣାଞ୍ଚଳ :** ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ନାଟକ, ତାମିଲନାଡୁ, କେରଳରେ ସଙ୍ଗମନେରୀ (କ୍ଷୀର), ମାଲବାରୀ, ଓସ୍ମାନବାଦୀ (ମାଂସ) ଜାତୀୟ ଛେଳି ଦେଖାଯାଆନ୍ତି।

**ଉଷ୍ମ ଆର୍ଦ୍ର ପୂର୍ବାଞ୍ଚଳ :** ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ମିଜୋରାମ, ମଣିପୁର, ତ୍ରିପୁରା, ଅରୁଣାଚଳ ପ୍ରଦେଶରେ ବ୍ଲାକ୍ ବେଙ୍ଗଲ (ମାଂସ), ଗଞ୍ଜାମ (ମାଂସ), ଆସାମ ପାର୍ବତ୍ୟାଞ୍ଚଳ (ମାଂସ) ପ୍ରଜାତିର ଛେଳି ଦେଖାଯାଆନ୍ତି।

ଆମ ଓଡ଼ିଶାରେ ସାଧାରଣତଃ ୨ ପ୍ରକାର ଛେଳି ଦେଖାଯାନ୍ତି । ଉତ୍ତର ଭାଗରେ ବ୍ଲାକ୍ ବେଙ୍ଗଲ (କଳା, ଧଳା, ନାଲି, ମାଟିଆ) ଓ ଦକ୍ଷିଣ ଭାଗରେ ଗଞ୍ଜାମ ପ୍ରଜାତିର ଛେଳି (ଦୁଇଟି ଘଣ୍ଟିକା ବା ହାତୁଡ଼ି ଭଳି ମୁହଁର ତଳେ ଓହଳିଥାଏ) ଦେଖିବାକୁ ମିଳନ୍ତି।

**ଛେଳିମାନଙ୍କ ବାସଗୃହ ପ୍ରଣାଳୀ**

ଛେଳିମାନଙ୍କ ପାଇଁ ୨ପ୍ରକାର ଗୁହାଳ ସାଧାରଣ ଭାବରେ ତିଆରି କରାଯାଇଥାଏ । ପ୍ରଥମଟି ହେଲା - ଭୂମିତଳ ସହ ଟିକେ ଉଚ୍ଚାକରି ସମାନ ସମତଳରେ ତିଆରି ଗୁହାଳ । ଦ୍ୱିତୀୟଟି ହେଲା - ଭାଡ଼ି ପ୍ରଣାଳୀ । ଛେଳିମାନଙ୍କ ପାଇଁ ସ୍ୱତନ୍ତ୍ର ଗୁହାଳର ଆବଶ୍ୟକତା ପଡ଼େ ନାହିଁ । ଭାଡ଼ି ପ୍ରଣାଳୀଟି ହେଉଛି ସବୁଠାରୁ ଭଲ । କାରଣ ଭାଡ଼ି ଦ୍ୱାରା ଛେଳି ଶୁଖିଲାରେ ରୁହନ୍ତି । ପରିସ୍ରା କିମ୍ବା ଛେଳିଲଣ୍ଡି ଉପରେ ପଡ଼ି ରୁହେ ନାହିଁ ଏବଂ ଏହା ଭାଡ଼ିରେ ଥିବା ଫାଙ୍କ ମଧ୍ୟଦେଇ ତଳକୁ ଆସେ ଏବଂ ତଳେ ବିଛାଯାଇଥିବା ବାଲି ସମସ୍ତ ପରିସ୍ରାକୁ ଶୋଷି ଶୁଖିଲା ରଖେ । ସମତଳ ପ୍ରଣାଳୀରେ ଛେଳିର ପରିସ୍ରାରେ ଛେଳି ଓ ଛୁଆଗୁଡ଼ିକ ଓଦା ରହେ। ମାଟି କାଦୁଆ ହୁଏ। ଫଳରେ ଛେଳିମାନଙ୍କୁ ଏହା କୃମି ହେବାରେ ସାହାଯ୍ୟ କରେ। (କ୍ରମଶଃ..)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ହଳଦୀ ଲଗାଇବା ପୂର୍ବରୁ...

ରୋମା, ସୁରମା, ରଙ୍ଗ, ରଶ୍ମି ନାମରେ ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦ କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡଚାଷକରି ୧ ମିଟର ଓସାର, ୧୫ ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ, ୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ, ୧୨କି.ଗ୍ରା. ଫସ୍‌ଫରସ୍, ୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



## ବିହନ ବ୍ୟବହାର ସମୟରେ...

ଘରେ ସାଇତି ରଖିଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତକରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।



## କୁଜିସାରୁର ଉନ୍ନତ କିସମ

ଜଳସେଚନର ସୁବିଧା ଥିଲେ ଆସନ୍ତା ମାସରୁ ଜୁନ୍ ମାସ ମଧ୍ୟରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡ଼ି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏ କ ଏକର ଫସଲ ପାଇଁ ୪ କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ।



ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବରଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ୍,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ, ୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।



## ଅଣଧାନ ଫସଲ ଚାଷ

ଧାନ ବଦଳରେ ଅଣଧାନ ଫସଲ ଚାଷ କରିପାରିବେ। ତେଣୁ ଏହି ସମୟରେ କେତୋଟି ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ଅଣଧାନ ଫସଲ ଚୟନ କରିବା ବେଳେ ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଢିପ ଜମିଗୁଡିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା- ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃ ଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ।

## ଅଂଶୁଘାତ ସମୟରେ ପ୍ରାଣୀଙ୍କ ଯତ୍ନ



ଅଂଶୁଘାତ ପାଇଁ ନିଜେ ସତର୍କ ଓ ସାବଧାନ ରୁହନ୍ତୁ । ପ୍ରାଣୀଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ। ଗୁହାଳକୁ ଥଣ୍ଡା ରଖିବା ସହ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ। ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ। ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ। ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ପ୍ରାୟ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ। ଏହି ସମୟରେ ପ୍ରାଣୀମାନେ କିପରି ଥଣ୍ଡା ସ୍ଥାନରେ ରହିବେ ତାହାର ବ୍ୟବସ୍ଥା କରନ୍ତୁ।

ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୨/୨୦୨୬ Bhubaneswar, Wednesday, April 22/ 2026

# ହାଇଦ୍ରାବାଦ୍‌ର ହ୍ୟାଟ୍ରିକ୍ ବିଜୟ



ଅପରାଜିତ ଶତକୀୟ ଇନିଂସ ଅବସରରେ ଅଭିଷେକ ଶର୍ମା।

**ହାଇଦ୍ରାବାଦ୍,୨୧।୪**

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅପରାଜିତ ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍) ମଙ୍ଗଳବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ୪୭ ରନରେ ପରାସ୍ତ କରିଛି। ହାଇଦ୍ରାବାଦ୍ ପକ୍ଷରୁ ଧାର୍ଯ୍ୟ ୨୪୩ ରନର ଟାର୍ଗେଟକୁ ପିଛା କରି ଦିଲ୍ଲୀ ୯ ଉଇକେଟ ହରାଇ ୧୯୫ ରନ କରିପାରିଥିଲା। ଏସ୍‌ଆର୍‌ଏଚ୍ ଲାଗି ଏହା ହ୍ୟାଟ୍ରିକ ବିଜୟ ଓ ମୋଟ୍ ଉପରେ ସପ୍ତମ ମ୍ୟାଚ୍‌ରେ ଚତୁର୍ଥ ବିଜୟ। ଏହି ବିଜୟ ଯୋଗୁ ଦଳ ୮ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ଏହା ଦିଲ୍ଲୀ ପାଇଁ ୬ ମ୍ୟାଚ୍‌ରେ ତୃତୀୟ ପରାଜୟ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟରେ ୨୪୨ ରନ କରିଥିଲା। ଦଳ ପାଇଁ ଅଭିଷେକ ଶର୍ମା ୬୮ ବଲରେ ୧୦ ଲେଖାଏ ଚୌକା ଓ ଛକା ସହିତ ୧୩୫ ରନର ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ। ଏହା ତାଙ୍କର ଦ୍ୱିତୀୟ ଆଇପିଏଲ୍ ଓ ନବମ ଟି୨୦ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୬ ବଲରେ ୩୭ (୨ ଲେଖାଏ ଚୌକା ଓ ଛକା) ଓ ହେନରିଚ୍ କ୍ଲାସେନ ୧୩ ବଲରେ ୩୭ ( ୩ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଦିଲ୍ଲୀ ଆରମ୍ଭରୁ ପଥୁମ ନିଶଙ୍କା (୮)ଙ୍କ ଉଇକେଟ ହରାଇଥିଲା। ଲୋକେଶ ରାହୁଲ ଓ ନୀତୀଶ ରାଣା ଦ୍ୱିତୀୟ ଉଇକେଟରେ ୪୫ ବଲରେ ୮୬ ରନ ଯୋଡ଼ି ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ନୀତୀଶ (୩୦ ବଲ, ୫୭ ରନ୍, ୭ ଚୌକା ଓ ୩ ଛକା), ରାହୁଲ (୨୩ ବଲ, ୩୭ ରନ, ୧ ଚୌକା ଓ ୩ ଛକା) ଓ ଡେଭିଡ୍ ମିଲର (୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ସମୀର ରିଜଭି ୨୮ ବଲରେ ୪୧ (୨ ଲେଖାଏ ଚୌକା ଓ ଛକା), ଟ୍ରିଷ୍ଟାନ ଷ୍ଟବ୍ସ ୧୬ ବଲରେ ୨୭ (୩ ଚୌକା ଓ ୧ ଛକା) ଓ ଆଶୁତୋଷ ଶର୍ମା ୧୪ (୨ ଚୌକା) ରନ କରିଥିଲେ। ହେଲେ ତାହା ଦଳର ବିଜୟ ଲାଗି ଯଥେଷ୍ଟ ହୋଇ ନ ଥିଲା। ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୫ ରନ କରିଥିଲା। ବିଜୟୀ ଦଳ ପାଇଁ ଇଶାନ ମାଲିଙ୍ଗା ୪ ଓ ହର୍ଷ ଦୁବେ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ୍: ୨୦ ଓଭରରେ ୨୪୨/୨ (ଅଭିଷେକ ଶର୍ମା–୧୩୫*, ଟ୍ରାଭିସ ହେଡ୍–୩୭, ହେନରିଚ୍ କ୍ଲାସେନ–୩୭*, ଅକ୍ଷର ପଟେଲ–୧/୨୩)। ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୯୫/୯ (ନୀତୀଶ ରାଣା–୫୭, ସମୀର ରିଜଭି–୪୧, ଲୋକେଶ ରାହୁଲ–୩୭, ଇଶାନ ମାଲିଙ୍ଗା–୪/୩୨, ହର୍ଷ ଦୁବେ–୩/୧୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୪ | ୨ | ୦ | ୮ | +୧.୧୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୦ | ୮ | +୦.୫୯୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୦ | ୬ | –୦.୧୩୦ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୦ | ୬ | –୦.୮୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୦ | ୪ | +୦.୦୬୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୨ | ୪ | ୦ | ୪ | –୦.୭୮୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୨ | ୪ | ୦ | ୪ | –୧.୧୭୩ |
| ନାଇଟ ରାଇଡର୍ସ | ୭ | ୧ | ୫ | ୧ | ୩ | –୦.୮୭୯ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଲକ୍ଷ୍ନୌ ବନାମ ରାଜସ୍ଥାନ
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଢେଙ୍କାନାଳକୁ ହରାଇଲା ସମ୍ବଲପୁର



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବର୍ଷା ସିଂ।

**ଆନ୍ତଃଜିଲା ମହିଳା ଟି୨୦**

**କଟକ,୨୧।୪(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ସମ୍ବଲପୁର ୧୦ରନରେ ଢେଙ୍କାନାଳକୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡ–୧ରେ ସମ୍ବଲପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ସ୍ନେହ ଚକ୍ରବର୍ତ୍ତୀଙ୍କ ୩୮ରନ ସହାୟତାରେ ସମ୍ବଲପୁର ୫ ଉଇକେଟ ବିନିମୟରେ ୧୧୧ରନ କରିଥିଲା। ଢେଙ୍କାନାଳର ଅନନ୍ୟା ମହାନ୍ତିଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ଢେଙ୍କାନାଳ ସମସ୍ତ ଉଇକେଟ ହରାଇ ୧୦୧ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ପ୍ରଗତି ରାୟ ସର୍ବାଧିକ ୨୬ରନ କରିଥିଲେ। ବିଜୟୀ ସମ୍ବଲପୁର ପକ୍ଷରୁ ବର୍ଷା ସିଂ ୨୩ରନ ବ୍ୟୟ କରି ୪ଟି ଉଇକେଟ ଦଖଲ କରିବା ସହ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ–୨ରେ ଝାରସୁଗୁଡା ୭୧ରନରେ ବୌଦ୍ଧକୁ, ଖୋର୍ଦ୍ଧା ୮୭ରନରେ ପାରାଦୀପକୁ, ବିଡାନାସୀ ଗ୍ରାଉଣ୍ଡରେ ଯାଜପୁର ୭ ଉଇକେଟରେ ପୁରୀକୁ, ଭୁବନେଶ୍ୱର ୮୯ରନରେ ସୋନପୁରକୁ ଏବଂ ରେଭେନଶା ଗ୍ରାଉଣ୍ଡ–୧ରେ ବାଲେଶ୍ୱର ୬୩ରନରେ କେନ୍ଦ୍ରାପଡାକୁ ପରାସ୍ତ କରିଛି।

# ଭବତୋଷଙ୍କୁ ୪ ଉଇକେଟ: ସୋନପୁର ବିଜୟୀ

**କଟକ,୨୧।୪(କୁମାରଶ୍ରୀ)**



୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଗୋଟିଏ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିମପୁର ଗ୍ରାଉଣ୍ଡରେ ଆୟୋଜିତ ଏହି ମ୍ୟାଚ୍‌ରେ ସୋନପୁର ୬ ଉଇକେଟରେ ବଲାଙ୍ଗୀରକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ଓପନିଂ ଭାଗିଦାରୀରେ ୫୧ରନ ସଂଗ୍ରହ ସତ୍ତ୍ୱେ ୧୧୭ରନରେ ଅଲଆଉଟ ହୋଇଥିଲା। ସୋନପୁରର ଭବତୋଷ ବିଶ୍ୱାଳ ଏବଂ ଉଦିତ ଦେହୁରୀ ଯଥାକ୍ରମେ ୪ଟି ଏବଂ ୩ଟି ଉଇକେଟ ଦଖଲ କରିଥିଲେ। ୨୬.୩ ଓଭରରେ ୪ ଉଇକେଟ ହରାଇ ସୋନପୁର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓପନର ଆରଭ ପୂଜାରୀ ସର୍ବାଧିକ ୩୯ରନ କରିଥିଲେ। ୧୪ରନ ବ୍ୟୟ କରି ୪ ଉଇକେଟ ଦଖଲ କରିଥିବା ବିଜୟୀ ଦଳର ଭବତୋଷ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଆଶୁତୋଷ–ଆକାଶ ଫାଇନାଲ ଲଢ଼େଇ

**ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ):** ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ଦୁଇ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଥମ ସେମିଫାଇନାଲରେ ଆଶୁତୋଷ ପାଢ଼ୀ ୪–୦ରେ ଚେତନ ଆନନ୍ଦ ଏବଂ ଦ୍ୱିତୀୟ ସେମିରେ ଆକାଶ ମହାପାତ୍ର ୪–୩ରେ ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ଆଶୁତୋଷ ଓ ଆକାଶଙ୍କ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ।

# ରୌପ୍ୟ ବିଜୟିନୀ ପଦ୍ମିନୀଙ୍କୁ ଭବ୍ୟ ସ୍ୱାଗତ


ପଦ୍ମିନୀ ଟୁଡୁଙ୍କୁ ସମ୍ବର୍ଦ୍ଧିତ କରାଯିବା ଅବସରରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)**

ଓଡ଼ିଶାର ଦୃଷ୍ଟିବାଧିତ ମହିଳା ଫୁଟବଲ ଖେଳାଳି ପଦ୍ମିନୀ ଟୁଡୁ ରାଜ୍ୟ ପାଇଁ ପ୍ରେରଣା ସାଜିଛନ୍ତି। ସେ ଗତ ୧୫ ତାରିଖରୁ ଓଡ଼ିଶାର ସାମାଜିକ ଅନୁଷ୍ଠାନ ବୁଲ୍ସ ଆଇ ସଂସ୍ଥା ତରଫରୁ ଆଇବିଏସ୍‌ଏ ଏସିଆ ଓସେନିଆ ଚାମ୍ପିୟନଶିପ୍ ଖେଳିବାକୁ ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଦଳ ସହ ଜାପାନ ଯାଇଥିଲେ। ସେଠାରେ ପଦ୍ମିନୀ ଭଲ ପ୍ରଦର୍ଶନ କରି ଭାରତୀୟ ଦଳକୁ ଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ଦଳ ଭାଗ ନେଇଥିଲେ। ଶେଷରେ ଭାରତ ଓ ଜାପାନ ମଧ୍ୟରେ ଫାଇନାଲ ହୋଇଥିଲା। ଏଥିରେ ଜାପାନ ୨–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ରନରଅପ୍ ଭାରତୀୟ ଦଳ ପୂରା ଟୁର୍ନାମେଣ୍ଟରେ ଭଲ ଖେଳିଥିଲା ବୋଲି ଓଡ଼ିଶା ଦୃଷ୍ଟିବାଧିତ ଫୁଟବଲ ଦଳର କୋଚ ତ୍ରିଲୋଚନ ବେଉରା ପ୍ରକାଶ କରିଛନ୍ତି। ମଙ୍ଗଳବାର ଓଡ଼ିଶା ଫେରିଥିବା ରୌପ୍ୟ ପଦକ ବିଜୟିନୀ ପଦ୍ମିନୀଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ବୁଲ୍ସ ଆଇ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ନ୍ୟାସୀ ବେହେରା, ସାମାଜିକ କର୍ମୀ ସନ୍ତୋଷିନୀ ଜୈନ, ବି. କେ. ପିଙ୍କି, ବି. କେ. ବିଜୟୀ ଲକ୍ଷ୍ମୀ, ପ୍ରିୟବ୍ରତ ପଣ୍ଡା, ଆଶିଷ ସାହୁ ଓ ଅନେକ ଦୃଷ୍ଟିବାଧିତ ଖେଳାଳି ଉପସ୍ଥିତ ଥିଲେ। ପରେ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ ପଦ୍ମିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କ୍ରୀଡା ବିଭାର ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅଧିକାରୀ ଧୀରଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଭଲିବଲ ମହାସଂଘ ଉପରୁ ସ୍ୱୀକୃତି ପ୍ରତ୍ୟାହାର

**ନୂଆଦିଲ୍ଲୀ, ୨୧।୪ (ପି.ଟି.):** ଆଇନଗତ ଓ ପ୍ରଶାସନିକ ଆବଶ୍ୟକତା ଉଲ୍ଲଂଘନ କରିଥିବାରୁ ବିଶ୍ୱ ଭଲିବଲ୍ ସଂସ୍ଥା ଏଫ୍‌ଆଇଭିବି ମଙ୍ଗଳବାର ଭାରତୀୟ ଭଲିବଲ ମହାସଂଘ (ଭିଏଫ୍‌ଆଇ)ଠାରୁ ସ୍ୱୀକୃତି ପ୍ରତ୍ୟାହାର କରିଛି। ଭାରତରେ ଭଲିବଲ କାର୍ଯ୍ୟକଳାପ ଜାରି ରଖିବା ପାଇଁ ଏଫ୍‌ଆଇଭିବି ଏବଂ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ପ୍ରତିନିଧିଙ୍କୁ ନେଇ ଏକ ଷ୍ଟିଅରିଂ କମିଟି ଗଠନ କରିଛି।

# କ୍ରିକେଟ ଫିକ୍ସିଂ: ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଲିଙ୍କ୍ ରହିଥିବା ସନ୍ଦେହ

**ନୂଆଦିଲ୍ଲୀ,୨୧।୪:** ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ କ୍ରିକେଟ ଫିକ୍ସିଂରେ କାନାଡା ଦଳର ସମ୍ପୃକ୍ତିକୁ ନେଇ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇବା ପରେ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ତଦନ୍ତ ଆରମ୍ଭ କରିଛି। କିଛି ରିପୋର୍ଟ ମୁତାବକ, କାନାଡା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଫିକ୍ସିଂ ହୋଇଥିଲା ଏବଂ ଏହା ପଛରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସିଧାସଳଖ ହାତ ରହିଥିଲା। ଆଇସିସିର ଆଣ୍ଟି କରପଶନ ୟୁନିଟ୍ (ଏସିୟୁ) ବର୍ତ୍ତମାନ କାନାଡା ଅଧିନାୟକ ଦିଲ୍‌ପ୍ରୀତ ବାଜୱାଙ୍କ ସମ୍ପୃକ୍ତିର ତଦନ୍ତ କରୁଛି। ନ୍ୟୁଜିଲାଣ୍ଡ ବିପକ୍ଷ ଉକ୍ତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଜୱା ଏକ ଅସାଧାରଣ ବ୍ୟୟ ବହୁଳ ଓଭର ପକାଇଥିଲେ। ତାଙ୍କ ପ୍ରଦର୍ଶନକୁ ନେଇ ସ୍ପଟ୍–ଫିକ୍ସିଂ ସନ୍ଦେହ ସୃଷ୍ଟି ହେବାରୁ ଏସିୟୁ ବାଜୱାଙ୍କୁ ପଚରାଉଚରା କରିବା ସହ ତାଙ୍କ ଫୋନ ଯାଞ୍ଚ କରିଥିଲା।

କାନାଡିଆନ ବ୍ରଡକାଷ୍ଟିଂ କର୍ପୋରେଶନ (ସିବିସି)ରେ ପ୍ରକାଶ ପାଇଥିବା ରିପୋର୍ଟରେ ମ୍ୟାଚ୍ ଫିକ୍ସିଂରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସିଧାସଳଖ ଲିଙ୍କ୍ ରହିଥିବା ଦର୍ଶାଯାଇଛି।

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ମାହାତ୍ରେ

**ନୂଆଦିଲ୍ଲୀ,୨୧।୪(ପିଟି):** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବ୍ୟାଟର ଆୟୁଷ ମାହାତ୍ରେ ହାମଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟାଂଶ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଏହା ୫ ଥର ଚାମ୍ପିୟନ ସିଏସ୍‌କେ ଲାଗି ଏକ ଶକ୍ତ ଝଟକା ସଦୃଶ। ତାଙ୍କୁ ବର୍ତ୍ତମାନ ଫିଟ୍ ହେବା ପାଇଁ ୬ରୁ ୧୨ ସପ୍ତାହ ଲାଗି ରେହାବରେ ବିତାଇବାକୁ ପଡ଼ିବ।

# କିସ୍ ବାଳିକା, ଗୋଦାବରୀଶ ବିଦ୍ୟାପୀଠ ବାଳକ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ କିସ୍ ବାଳିକା ଦଳ।

**ସିଏମ୍ ଟ୍ରଫି ଭଲିବଲ**

**ଭୁବନେଶ୍ୱର, ୨୧।୪ (ବିଜୟ ରଣା)**

ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଭଲିବଲ ଆସୋସିଏଶନ ଦ୍ୱାରା ଅୟୋଜିତ ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ୧୪ବର୍ଷରୁ କମ୍ ବାଳକ ଓ ବାଳିକା ସିଏମ୍ ଭଲିବଲ ଚାମ୍ପିୟନଶିପ୍ (ଖୋର୍ଦ୍ଧା ଜିଲା) କିଟ୍ ୟୁନିଭର୍ସିଟି କ୍ୟାମ୍ପସ ପରିସରରେ ଥିବା ବିଜୁ ପଟ୍ଟନାୟକ ମଲ୍‌ଟି ପର୍‌ପୋଜ ଇନ୍‌ଡୋର ଷ୍ଟାଡିୟମରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ବାଳିକା ବିଭାଗ ଫାଇନାଲରେ କିସ୍‌ସ୍କୁଲ ୨–୦ରେ ଛତାବରକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ବାଳକ ବିଭାଗ ଫାଇନାଲରେ ବାଣପୁରର ବାନାମ୍ବର ବିଦ୍ୟାପୀଠ ବିପକ୍ଷରେ ୨–୧ରେ ରୋମାଞ୍ଚକ ବିଜୟ ହାସଲ କରି ଗୋଦାବରୀଶ ବିଦ୍ୟାପୀଠ–୨ ବାଣପୁର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଭଲିବଲ ଆସୋସିଏଶନର ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ଖୋର୍ଦ୍ଧା ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର ନାଥ ଦାସ, ଅନ୍ତର୍ଜାତୀୟ ଖେଳାଳି ତଥା କୋଚ୍ ଲୋତକ ବିନ୍ଦୁ ଦାଶ ଏବଂ ଅନ୍ତର୍ଜାତୀୟ ରେଫରି ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ବିଜେତା ଦଳକୁ ଶୁଭେଚ୍ଛା ଜଣାଇ ଥିଲେ। ଏଥିସହିତ ସମଗ୍ର ଓଡ଼ିଶାରେ କ୍ରୀଡ଼ାର ପ୍ରସାର ଓ ପ୍ରୋତ୍ସାହନ କ୍ଷେତ୍ରରେ ରାଜ୍ୟସରକାରଙ୍କ ଉଦ୍ୟମର ଉଚ୍ଚ ପ୍ରଶଂସା କରିଥିଲେ।

# ଅଲ୍‌କାରାଜ, ସାବାଲେଙ୍କାଙ୍କୁ ଲୌରିଅସ୍ ପୁରସ୍କାର

**ମାଡ୍ରିଡ୍, ୨୧।୪ (ଏପି)**



ପୁରସ୍କାର ସହ କାର୍ଲୋସ ଅଲକାରାଜ ଓ ଆରିନା ସାବାଲେଙ୍କା।

ଟେନିସ ଖେଳାଳି କାର୍ଲୋସ ଅଲ୍‌କାରାଜ ଓ ଆରିନା ସାବାଲେଙ୍କା ଯଥାକ୍ରମେ ସ୍ପୋର୍ଟ୍ସମ୍ୟାନ ଓ ସ୍ପୋର୍ଟ୍ସଓମ୍ୟାନ ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ପ୍ୟାରିସ ସେଣ୍ଟ–ଜର୍ମେନ (ପିଏସ୍‌ଜି)କୁ ଟିମ୍ ଅଫ୍ ଦି ଇୟର ବିବେଚିତ କରାଯାଇଛି। ଅଲ୍‌କାରାଜ ଗତବର୍ଷ ଫ୍ରେଞ୍ଚ ଓ ୟୁଏସ୍ ଓପନ ଜିତିଥିବା ବେଳେ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ଟାଇଟଲ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ମହିଳା ଖେଳାଳି ସାବାଲେଙ୍କା ଗତବର୍ଷ କ୍ରମାଗତ ଦ୍ୱିତୀୟ ଥର ୟୁଏସ୍ ଓପନ ଜିତିଥିଲେ। ୨୦୨୫ରେ ପ୍ରଥମ ଥର ଚାମ୍ପିୟନ୍ସ ଲିଗ୍ ଟାଇଟଲ ଜିତି ଥିବାରୁ ପିଏସ୍‌ଏଜିକୁ ଲୌରିଅସ ପୁରସ୍କାର ମିଳିଛି। ରୋରି ମ୍ୟାକଲରଏ ଚଳିତ ମାସରେ ମାଷ୍ଟର୍ସ ଟାଇଟଲ ବଜାୟ ରଖିଛନ୍ତି। ଫଳରେ ସେ କମ୍ ବ୍ୟାକ୍ ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ସେହିପରି ବାର୍ସିଲୋନା ଓ ସ୍ପେନ ଷ୍ଟାର ଲାମିନେ ୟାମାଲ ୟଙ୍ଗ ସ୍ପୋର୍ଟ୍ସପର୍ସନ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଫର୍ମୁଲା ୱାନ ଚାମ୍ପିୟନ ଲାଣ୍ଡୋ ନୋରିସଙ୍କୁ ୱାର୍ଲ୍ଡ ବ୍ରେକ୍ ଥ୍ରୁ ଅଫ୍ ଦି ଇୟର ପୁରସ୍କାର ମିଳିଛି। ମହାନ ଜର୍ମାନ ଫୁଟ୍‌ବଲ ଖେଳାଳି ଟୋନି କ୍ରୁସ୍ ୱାର୍ଲ୍ଡ ସ୍ପୋର୍ଟିଂ ଇନ୍‌ସ୍ପିରେଶନ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ରିଟାୟାର୍ଡ ଜିମ୍ନାଷ୍ଟ ନାଡିଆ କୋମାନେସିଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ମିଳିଛି। ଆମେରିକାର ସ୍ନୋ ବର୍ଡର କ୍ଲୋ କିମ୍ ୱାର୍ଲ୍ଡ ଆକ୍‌ଶନ ସ୍ପୋର୍ଟ୍ସପର୍ସନ ପୁରସ୍କାର ପାଇଛନ୍ତି। ବ୍ରାଜିଲର ଗାବ୍ରିଏଲ୍ ଅରାଉଜୋ ୱାର୍ଲ୍ଡ ସ୍ପୋର୍ଟ୍ସପର୍ସନ ଅଫ୍ ଦି ଇୟର ୱିଥ୍ ଡିଜାବିଲିଟି ବିବେଚିତ ହୋଇଛନ୍ତି। ସ୍ପାନିଶ ରାଜଧାନୀରେ ଆୟୋଜିତ ପୁରସ୍କାର ସମାରୋହକୁ ମହାନ ଟେନିସ ଖେଳାଳି ନୋଭାକ୍ ଜୋକୋଭିଚ୍ ଏବଂ ଫ୍ରିଷ୍ଟାଇଲ ସ୍କିଅର ଇଲିନ୍ ଗୁ' ପ୍ରମୁଖ ପରିଚାଳନା କରିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>